unicef
for every child

# ଆହ୍ୱାନ ଏବଂ କାର୍ଯ୍ୟପନ୍ଥା

## ଗ୍ରାମପଞ୍ଚାୟତ ସ୍ତରରେ କୋଭିଡ୍-୧୯ର ମୁକାବିଲା

(ପଞ୍ଚାୟତ ଜନପ୍ରତିନିଧି ଓ କର୍ମକର୍ତ୍ତାମାନଙ୍କ ନିମନ୍ତେ ସହାୟକ ପୁସ୍ତିକା)





**ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ**


ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର


unicef
for every child
Health & Family Welfare Department
Government of Odisha
World Health Organization
India
ନିଜକୁ ଏବଂ ଅନ୍ୟମାନଙ୍କୁ କରୋନା ସଂକ୍ରମଣରୁ ସୁରକ୍ଷିତ ରଖନ୍ତୁ
ହାତ ଧୁଅନ୍ତୁ
• କାଶ କିମ୍ବା ଛିଙ୍କ ପରେ
• ରୋଗୀ ସେବା କରିବା ସମୟରେ
• ଖାଦ୍ୟ ପ୍ରସ୍ତୁତ ପୂର୍ବରୁ ଏବଂ ପରେ
• ଖାଇବା ପୂର୍ବରୁ
• ଶୌଚ ହେବା ପରେ
• ହାତ ଅପରିଷ୍କାର ଦେଖାଗଲେ
• ପଶୁପାଳନ କରିବା ପରେ ଓ ସେମାନଙ୍କର ମଳମୂତ୍ର ସଂସ୍ପର୍ଶରେ ଆସିଲେ
facebook.com/HFWOdisha
http://www.health.odisha.gov.in/
@HFWOdisha



unicef
for every child
Health & Family Welfare Department
Government of Odisha
World Health Organization
India
ସଚେତନ ହୁଅନ୍ତୁ,
କରୋନା ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରୁହନ୍ତୁ
ମନେରଖନ୍ତୁ ହାତକୁ ସାବୁନରେ ଭଲଭାବରେ ବାରମ୍ବାର ଧୁଅନ୍ତୁ
୧
କାଶିବା ଏବଂ ଛିଙ୍କିବା ପରେ
୪
ପାଇଖାନା ବ୍ୟବହାର ପରେ
୨
ଅସୁସ୍ଥ ବ୍ୟକ୍ତିଙ୍କ ସେବା ପୂର୍ବରୁ ଓ ପରେ ହାତ ସଫା କରନ୍ତୁ
୩
ରାନ୍ଧିବା, ଖାଇବା ପୂର୍ବରୁ ଏବଂ ଖାଦ୍ୟ ପ୍ରସ୍ତୁତି ପରେ
ଯଦି ଜ୍ୱର, କାଶ କିମ୍ବା ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ
ପ୍ରତିଷେଧକ ବ୍ୟବସ୍ଥା ଆପଣାନ୍ତୁ
ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରୁହନ୍ତୁ
ଯଦି ଆପଣ ବିଗତ ୧ ମାସ ମଧ୍ୟରେ କରୋନା ପ୍ରଭାବିତ ଅଞ୍ଚଳରୁ ଫେରିଛନ୍ତି ତେବେ ତୁରନ୍ତ ନିକଟସ୍ଥ ଡାକ୍ତରଖାନା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସରକାରୀ ମେଡିକାଲ୍ କଲେଜ୍ କିମ୍ବା କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ ଏବଂ ନିମ୍ନ ପ୍ରଦତ୍ତ ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ ।
ଯଦି ଆପଣ ବିଗତ ୧ ମାସ ମଧ୍ୟରେ କରୋନା ପ୍ରଭାବିତ ଦେଶ ଗସ୍ତ କରିଥିବେ କିମ୍ବା କରୋନା ଭୂତାଣୁ ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବେ ତେବେ, ପରିବାରର ଅନ୍ୟ ସଦସ୍ୟଙ୍କ ସହ ମିଳାମିଶା କରନ୍ତୁ ନାହିଁ ଏବଂ ଶୋଇବା ପାଇଁ ଅଲଗା କୋଠରୀ ବ୍ୟବହାର କରନ୍ତୁ ।
ଯଦି ଆପଣ ପ୍ରଭାବିତ ଦେଶରୁ ଫେରିବାର ୧ ମାସ ମଧ୍ୟରେ ଜ୍ୱର, କାଶ କିମ୍ବା ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରନ୍ତି ତେବେ ତୁରନ୍ତ ଓଡିଶା ରାଜ୍ୟ ସ୍ୱାସ୍ଥ୍ୟ ନିୟନ୍ତ୍ରଣ କକ୍ଷ ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ନିୟନ୍ତ୍ରଣ କକ୍ଷ ଫୋନ୍ ନଂ. ୦୬୭୪-୨୩୯୦୪୬୬ କିମ୍ବା ମୋବାଇଲ: ୯୪୩୯୯୯୪୮୫୭/ ୯୪୩୯୯୯୧୨୨୧ / ୯୪୩୯୯୯୪୮୫୯ ରେ ଯୋଗାଯୋଗ କରନ୍ତୁ ।
facebook.com/HFWOdisha
http://www.health.odisha.gov.in/
@HFWOdisha


unicef
for every child
Health & Family Welfare Department
Government of Odisha
World Health Organization
India
ଅନ୍ୟକୁ ସଂକ୍ରମଣରୁ ସୁରକ୍ଷିତ ରଖିବାରେ ସହାୟତା କରନ୍ତୁ
କାଶ ଏବଂ ଜ୍ୱର ସମୟରେ ଅନ୍ୟ ସଂସ୍ପର୍ଶରୁ ନିବୃତ୍ତ ରୁହନ୍ତୁ
ସର୍ବସାଧାରଣ ସ୍ଥାନରେ ଛେପ ପକାନ୍ତୁ ନାହିଁ
ଯଦି ଆପଣ ଜ୍ୱର, କାଶ କିମ୍ବା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରନ୍ତି, ତେବେ ତୁରନ୍ତ ନିକଟସ୍ଥ ସରକାରୀ ମେଡିକାଲ୍ କଲେଜ / ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା କ୍ୟାପିଟାଲ୍ ହସ୍ପିଟାଲ୍, ଭୁବନେଶ୍ୱରରେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ ଏବଂ ନିଜର ପୂର୍ବ ଯାତ୍ରା ବିବରଣୀ ସମ୍ପର୍କରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ଜଣାନ୍ତୁ
facebook.com/HFWOdisha
http://www.health.odisha.gov.in/
@HFWOdisha


unicef
for every child
Health & Family Welfare Department
Government of Odisha
World Health Organization
India
ଅନ୍ୟକୁ ସଂକ୍ରମଣରୁ ସୁରକ୍ଷିତ ରଖିବାରେ ସହାୟତା କରନ୍ତୁ
ଛିଙ୍କ ବା କାଶ ସମୟରେ ମୁହଁ ଏବଂ ନାକକୁ କହୁଣୀ ବା ରୁମାଲ କିମ୍ବା ଲୁଗା କାନିରେ ଘୋଡାଇ ରଖନ୍ତୁ
ବ୍ୟବହାର କଲାପରେ ଟିସୁ ପେପରକୁ ତୁରନ୍ତ ଡଷ୍ଟବିନ୍‌ରେ ପକାନ୍ତୁ
କାଶ ବା ଛିଙ୍କିବା ପରେ ସଂକ୍ରମିତ ଲୋକର ସେବା କରିବା ସମୟରେ ହାତକୁ ସାବୁନରେ ଭଲଭାବରେ ଧୁଅନ୍ତୁ
facebook.com/HFWOdisha
http://www.health.odisha.gov.in/
@HFWOdisha


NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
କରୋନା ସଂକ୍ରମଣ ରୋକିବା, ବିଦ୍ୟାଳୟକୁ ବିପଦମୁକ୍ତ କରିବା
କଣ କରିବେ ନାହିଁ ?
କଣ କରିବେ ?
facebook.com/HFWOdisha
http://www.health.odisha.gov.in/
@HFWOdisha


NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର
କାର୍ଯ୍ୟସ୍ଥଳୀରେ କରୋନା ଭୂତାଣୁ ସଂକ୍ରମଣର ପ୍ରତିରୋଧ ପାଇଁ ମାର୍ଗଦର୍ଶିକା
ଧ୍ୟାନ ଦିଅନ୍ତୁ –
କାର୍ଯ୍ୟସ୍ଥଳୀରେ ହାତଧୁଆର ସଠିକ ପ୍ରଣାଳୀ
ଆସନ୍ତୁ ସମସ୍ତେ ମିଳିମିଶି କାର୍ଯ୍ୟସ୍ଥଳୀର ପରିଚ୍ଛନ୍ନତା ପ୍ରତି ଯତ୍ନବାନ୍ ହେବା
କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha


Help us to help you
କରୋନା ଭାଇରସ୍
(COVID-19)
ନିମ୍ନ ପ୍ରଦତ୍ତ ଉପାୟ ଆପଣାନ୍ତୁ
ନିଜକୁ ଓ ଅନ୍ୟମାନଙ୍କୁ କରୋନା ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରଖନ୍ତୁ
କରନ୍ତୁ
କରନ୍ତୁ ନାହିଁ
ଆସନ୍ତୁ ସମସ୍ତେ ମିଳିମିଶି କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha


unicef for every child
Health & Family Welfare Department
Government of Odisha
World Health Organization
India
ସଚେତନ ହୁଅନ୍ତୁ,
କରୋନା ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରୁହନ୍ତୁ
1 Meter
ପ୍ରତିଷେଧକ ବ୍ୟବସ୍ଥା ଆପଣାନ୍ତୁ
ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରୁହନ୍ତୁ
facebook.com/HFWOdisha
http://www.health.odisha.gov.in/
@HFWOdisha

# ଆହ୍ୱାନ ଏବଂ କାର୍ଯ୍ୟପନ୍ଥା

## ଗ୍ରାମପଞ୍ଚାୟତ ସ୍ତରରେ କୋଭିଡ୍-୧୯ର ମୁକାବିଲା

(ପଞ୍ଚାୟତ ଜନପ୍ରତିନିଧି ଓ କର୍ମକର୍ତ୍ତାମାନଙ୍କ ନିମନ୍ତେ ସହାୟକ ପୁସ୍ତିକା)



ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

# ଆହ୍ୱାନ ଏବଂ କାର୍ଯ୍ୟପନ୍ଥା

## ଗ୍ରାମପଞ୍ଚାୟତ ସ୍ତରରେ କୋଭିଡ୍-୧୯ର ମୁକାବିଲା

(ପଞ୍ଚାୟତ ଜନପ୍ରତିନିଧି ଓ କର୍ମକର୍ତ୍ତାମାନଙ୍କ ନିମନ୍ତେ ସହାୟକ ପୁସ୍ତିକା)


ଉପଦେଷ୍ଟା

**ଶ୍ରୀ ଦେଓରଞ୍ଜନ କୁମାର ସିଂହ,** ଭା.ପ୍ର.ସେ
ପ୍ରମୁଖ ଶାସନ ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

**ଶ୍ରୀ ରାଜେଶ ପ୍ରଭାକର ପାଟିଲ୍,** ଭା.ପ୍ର.ସେ
ନିର୍ଦ୍ଦେଶକ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ

ପ୍ରସ୍ତୁତି ଓ ସଂକଳନ
**ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ**
**ଏବଂ ୟୁନିସେଫ୍**
**ଭୁବନେଶ୍ୱର, ଓଡ଼ିଶା**



**ୟୁନିସେଫ୍, ଭୁବନେଶ୍ୱର ଦ୍ୱାରା ମୁଦ୍ରିତ**

# ପ୍ରାକ୍ କଥନ

ଗ୍ରାମାଞ୍ଚଳରେ କରୋନା ମହାମାରୀର ସଫଳ ମୁକାବିଲା କରିବା ପାଇଁ ଗ୍ରାମପଞ୍ଚାୟତର ଗୁରୁଦାୟିତ୍ୱକୁ ଦୃଷ୍ଟିରେ ରଖି ଏହି ପୁସ୍ତିକାଟି ପ୍ରସ୍ତୁତ କରାଯାଇଛି । ଏହା ପଞ୍ଚାୟତିରାଜ ଜନପ୍ରତିନିଧି ଓ କର୍ମକର୍ତ୍ତାମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏହା ଉଦ୍ଦିଷ୍ଟ । ବିଭିନ୍ନ ସରକାରୀ ନିର୍ଦ୍ଦେଶନାମା / ମାର୍ଗଦର୍ଶୀକା / ୱେବ୍‌ସାଇଟ୍ ତଥା ଅନ୍ୟାନ୍ୟ ସୂତ୍ରରୁ ସଂଗୃହୀତ ତଥ୍ୟକୁ ଆଧାର କରି ସାଧାରଣରେ ଯେପରି ବୁଝିବାରେ ସହଜସାଧ୍ୟ ହୋଇପାରିବ, ସେଥି ନିମନ୍ତେ ଏହାକୁ ସଂକ୍ଷିପ୍ତରେ ପ୍ରସ୍ତୁତ କରାଯାଇଛି । ଏହି ପୁସ୍ତକଟିକୁ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ କିମ୍ବା ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ନାହିଁ ।

# ଆଭିମୁଖ୍ୟ

କରୋନା ଭୂତାଣୁ କବଳରୁ ରକ୍ଷା ପାଇବା ପାଇଁ ଲକ୍‌ଡାଉନ୍ ଭଳି କଟକଣା ଯୋଗୁ ଏବେ ଆମେ ସମସ୍ତେ ଏକ ନୂତନ ସମୟ ଦେଇ ଗତି କରିବାକୁ ବାଧ୍ୟ ହେଉଛୁ । ଆମ ରାଜ୍ୟରେ ସରକାର କୋଭିଡ୍-୧୯କୁ ରୋକିବା ଦିଗରେ ଯେଉଁ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ମିଳୁଛି । ଗ୍ରାମାଞ୍ଚଳରେ କରୋନା ମହାମାରୀ ବିରୋଧି ଲଢେଇରେ ରାଜ୍ୟର ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ଅସଲ ଲଢେଇ କରୁଛନ୍ତି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ନିଷ୍ପତ୍ତିକୁ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ କରିବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ବିଶେଷ କରି ଗ୍ରାମପଞ୍ଚାୟତକୁ ସଶକ୍ତ କରାଯାଇ ଗୁରୁଦାୟିତ୍ୱ ଦିଆଯାଇଛି । କୋଭଡ୍-୧୯ ମହାମାରୀର ପ୍ରଭାବରେ ଉପୁଜୁଥିବା ଆହ୍ୱାନ ଗୁଡ଼ିକ ସମ୍ବନ୍ଧରେ ପଞ୍ଚାୟତ ଜନପ୍ରତିନିଧି ଓ କର୍ମକର୍ତ୍ତାମାନଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ଏହି ପୁସ୍ତିକାଟି ପ୍ରସ୍ତୁତ କରାଯାଇଛି ।

ପଞ୍ଚାୟତିରାଜ ଜନପ୍ରତିନିଧି ଓ କର୍ମକର୍ତ୍ତାମାନଙ୍କ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଏହି ପୁସ୍ତିକାଟି ପ୍ରସ୍ତୁତ ହୋଇଛି । ସ୍ଥାନୀୟ ସ୍ତରରେ ଥିବା ପ୍ରମୁଖ ସମସ୍ୟାଗୁଡ଼ିକର ଚିହ୍ନଟ ସହିତ ଏହାର ସଫଳ ପ୍ରତିକାର ନିମନ୍ତେ ଉଚିତ୍ ପଦକ୍ଷେପ ନେବା ଦିଗରେ ଏହି ପୁସ୍ତିକାଟି ସହାୟକ ହେବ ।



**ଶ୍ରୀ ଦେଓରଞ୍ଜନ କୁମାର ସିଂହ,** ଭା.ପ୍ର.ସେ.
ପ୍ରମୁଖ ଶାସନ ସଚିବ
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

# ବାର୍ତ୍ତା

ବିଗତ କେତେମାସ ମଧ୍ୟରେ କରୋନା ବିଶ୍ୱ ମହାମାରୀର ରୂପନେଇ ଆମର ସମଗ୍ର ମାନବ ସଭ୍ୟତାକୁ ଦୋହଲାଇ ଦେଇଛି । ବିଶ୍ୱବ୍ୟାପୀ ଲକ୍ଷାଧିକ ବ୍ୟକ୍ତି କୋଭିଡ୍-୧୯ ସଂକ୍ରମଣରେ ଜୀବନ ହରାଇଛନ୍ତି ଓ ଏହି ସଂଖ୍ୟାର ବହୁଗୁଣିତ ବ୍ୟକ୍ତି ଆତଙ୍କ ସହ ଲଢୁଛନ୍ତି । ଜୀବନ ଓ ଜୀବିକା ବିପନ୍ନ ହେବା ଯୋଗୁଁ ଅର୍ଥନୈତିକ ବିକାଶ ଏକ ଚିନ୍ତାଜନକ ସ୍ଥିତିରେ ଅଛି । ଆମ ରାଷ୍ଟ୍ର ଭାରତବର୍ଷ ବିଶେଷ କରି ଆମର ରାଜ୍ୟ ଓଡ଼ିଶା ତ୍ୱରିତ, ଦୀର୍ଘସ୍ଥାୟୀ ତଥା ଦୃଷ୍ଟାନ୍ତ ମୂଳକ କରୋନା ପଦକ୍ଷେପ ପାଇଁ ଆନ୍ତର୍ଜାତିକ ପୃଷ୍ଠଭୂମିରେ ନୂତନ କୀର୍ତ୍ତିମାନର ସଂରଚନା କରିଛନ୍ତି । ପ୍ରବାସୀ ଓଡ଼ିଆ ବ୍ୟକ୍ତିଙ୍କୁ ସଙ୍ଗରୋଧରେ ରଖିବା ସହ ସଠିକ୍ ସମୟରେ ତାଲାବନ୍ଦ, ପୃଥକବାସ ଆଦି ପଦକ୍ଷେପ ଆମର ବହୁମୂଲ୍ୟ ଧନଜୀବନ ବଞ୍ଚାଇବାରେ ସହାୟକ ହୋଇଛି ।

ରାଜ୍ୟ ସରକାର କରୋନାର ମୁକାବିଲାରେ ପଞ୍ଚାୟତିରାଜ ଅନୁଷ୍ଠାନ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅଗ୍ରାଧିକାର ଦେଇଛନ୍ତି । ପ୍ରବାସୀ ଶ୍ରମଜୀବି, ଶିକ୍ଷାର୍ଥୀ, ଅଟକି ରହିଥିବା ତୀର୍ଥଯାତ୍ରୀ ତଥା ଅନ୍ୟ ବୃତ୍ତିଧାରୀ ରାଜ୍ୟକୁ ଫେରୁଥିବା ବେଳେ ସେମାନଙ୍କ ପଞ୍ଜୀକରଣ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସଙ୍ଗରୋଧ କେନ୍ଦ୍ର ସ୍ଥାପନା ଓ ପରିଚାଳନା ଦାୟିତ୍ୱ ସମ୍ପୂର୍ଣ୍ଣ ରୂପେ ଗ୍ରାମପଞ୍ଚାୟତକୁ ପ୍ରଦାନ କରାଯାଇଛି ।

ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କରେ ନିର୍ବାଚିତ ଜନ ପ୍ରତିନିଧି, ବିଭାଗୀୟ କର୍ମଚାରୀ, ନାଗରିକ ସମାଜ ସଂଗଠନମାନଙ୍କ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଏହି ପୁସ୍ତିକାଟି ପ୍ରସ୍ତୁତ ହୋଇଛି । ଏ କ୍ଷେତ୍ରରେ କାର୍ଯ୍ୟରତ ଅନ୍ୟାନ୍ୟ ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଏହି ପୁସ୍ତିକାରୁ ଅନେକ ଉପାଦେୟ ତଥ୍ୟ ମିଳିବ ବୋଲି ଆଶା । ପୁସ୍ତକ ପ୍ରସ୍ତୁତି ଓ ସମ୍ପାଦନା ଦାୟିତ୍ୱ ତୁଲାଇଥିବା ପ୍ରତିଷ୍ଠାନର ସଦସ୍ୟମାନଙ୍କ ଉଦ୍ୟମ ପାଇଁ ମୁଁ ଶୁଭେଚ୍ଛା ଓ ସାଧୁବାଦ ଜଣାଉଛି ।

**(ଦେଓରଞ୍ଜନ କୁମାର ସିଂହ)**

# ବାର୍ତ୍ତା

ଦୀର୍ଘ ତଟରେଖା ଯୁକ୍ତ ଉପକୂଳ ରାଜ୍ୟ ରୂପେ ଓଡ଼ିଶା ବିଗତ ବର୍ଷମାନଙ୍କରେ ବହୁ ବିପର୍ଯ୍ୟୟକୁ ସାମ୍ନା କରିଛି । ବର୍ତ୍ତମାନ ସାରା ବିଶ୍ୱ କୋଭିଡ୍-୧୯ ମହାମାରୀର ଭୟଙ୍କର ପରିସ୍ଥିତିକୁ ସାମ୍ନା କରୁଛି, ଯାହାର କାୟା କାୟା ଅତ୍ୟନ୍ତ ବ୍ୟାପକ ଓ ଚିନ୍ତାଜନକ, ଏହି ମହାମାରୀ ଓଡ଼ିଶାରେ ସାରା ରାଜ୍ୟରେ ଦ୍ରୁତଗତିରେ କାୟା ବିସ୍ତାର କରି ଚାଲିଛି ଏବଂ ଏହାର ପ୍ରଭାବରେ ରାଜ୍ୟରେ ଅନେକ ପରିମାଣର ଧନ, ଜୀବନ ଓ ଜୀବିକା ପ୍ରଭାବିତ ହୋଇଛି, କିନ୍ତୁ ଆଶ୍ୱସ୍ତିର ବିଷୟ ଯେ, ଆମ ରାଜ୍ୟ ସରକାର ଏହି ପରିସ୍ଥିତିକୁ ଅତି ସକ୍ଷମତା ସହିତ ମୁକାବିଲା କରୁଛନ୍ତି ଏବଂ ଓଡ଼ିଶା ସମଗ୍ର ଦେଶରେ କୋଭିଡ୍-୧୯ ଦ୍ୱାରା ଘଟିଥିବା ମୃତ୍ୟୁ ପରିସଂଖ୍ୟାନରେ ସର୍ବନିମ୍ନ ସ୍ତରରେ ଅଛି ଓ ରାଜ୍ୟରେ ପଜିଟିଭ୍ କେସ୍ ଗୁଡ଼ିକୁ ବର୍ତ୍ତମାନ ନିୟନ୍ତ୍ରଣାଧୀନ ଅଛି ।

ସରକାରଙ୍କର ଆଗଧାଡ଼ିର ଯୋଦ୍ଧା ଭାବରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଓଡ଼ିଶାରେ କୋଭିଡ୍-୧୯ ମହାମାରୀ ଗ୍ରାମାଞ୍ଚଳରେ ସଫଳତାର ସହ ମୁକାବିଲା କରୁଛନ୍ତି । ସଂକ୍ରମଣର ପ୍ରତିରୋଧ ନିମନ୍ତେ ପ୍ରାଥମିକ ପର୍ଯ୍ୟାୟରେ ପଞ୍ଚାୟତିରାଜ ଅନୁଷ୍ଠାନମାନେ ସାମାଜିକ ଦୂରତ୍ୱ, ହାତଧୁଆ, ସଂଗରୋଧ କେନ୍ଦ୍ର ପରିଚାଳନା ଓ ସ୍ୱାସ୍ଥ୍ୟ ସଚେତନତା ଇତ୍ୟାଦି ବିଭିନ୍ନ କାର୍ଯ୍ୟ ହାତକୁ ନେଇଛନ୍ତି । ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ନିଜ ରାଜ୍ୟକୁ ଫେରୁଥିବା ପ୍ରବାସୀ ଓଡ଼ିଆ ମାନଙ୍କ ପାଇଁ ସଙ୍ଗରୋଧ କେନ୍ଦ୍ର ତଥା ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର (ଟି.ଏମ୍.ସି.)ର ସ୍ଥାପନ ଓ ପରିଚାଳନା ନିମନ୍ତେ ଗ୍ରାମପଞ୍ଚାୟତକୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି ।

ଏହି ପୁସ୍ତିକାଟିରେ କରୋନା ମହାମାରୀର ପ୍ରତିରୋଧ ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆହ୍ୱାନ, ବିଶେଷ କରି ମହିଳା ଓ ଶିଶୁମାନଙ୍କ ଯତ୍ନ, ଜୀବନ ଜୀବିକାର ସମୃଦ୍ଧି ଏବଂ ଗ୍ରାମୀଣ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଗ୍ରାମପଞ୍ଚାୟତ ସ୍ତରରେ ଉପଯୁକ୍ତ କାର୍ଯ୍ୟପନ୍ଥା ଦିଗରେ ଆଲୋକପାତ କରାଯାଇଛି । ସାମ୍ପ୍ରତିକ ଜଟିଳ ପରିସ୍ଥିତିରେ ପଞ୍ଚାୟତିରାଜ ଅନୁଷ୍ଠାନ  ଏବଂ ଅନ୍ୟାନ୍ୟ ସହଭାଗୀ ସଂସ୍ଥାମାନେ ଶିଶୁମାନଙ୍କର ବିଭିନ୍ନ ପ୍ରକାର ଅଧିକାର ଗୁଡିକୁ କିପରି ସୁରକ୍ଷିତ କରାଇ ପାରିବେ ସେ ଦିଗରେ ଏହି ପୁସ୍ତିକାଟି ନିଶ୍ଚିତ ଭାବେ ସହାୟକ ହେବ ।

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଏହିଭଳି ଏକ ଉପାଦେୟ ପୁସ୍ତିକାଟିର ପ୍ରକାଶନ କରିଥିବାରୁ ମୁଁ ପୁସ୍ତିକା ପ୍ରସ୍ତୁତି ସହ ସମ୍ପୃକ୍ତ ସମସ୍ତ ପଦାଧିକାରୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି ଓ ଏହା ପଞ୍ଚାୟତିରାଜ ନିର୍ବାଚିତ ପ୍ରତିନିଧି ତଥା କ୍ଷେତ୍ରୀୟ କର୍ମଚାରୀଙ୍କ ପାଇଁ ଫଳପ୍ରଦ ହେବ ବୋଲି ଆଶା କରୁଛି ।

**ପ୍ରମୁଖ କ୍ଷେତ୍ର ଅଧିକାରୀ,**
ୟୁନିସେଫ୍, ଓଡ଼ିଶା

# ଉପକ୍ରମ

ବର୍ତ୍ତମାନ ସମଗ୍ର ବିଶ୍ୱ କରୋନା ମହାମାରୀକୁ ନେଇ ଆତଙ୍କିତ ଅବସ୍ଥାରେ ଅଛି । ଆମ ରାଜ୍ୟରେ କରୋନା ସ୍ଥିତି ଏତେଟା ସଙ୍କଟ ଜନକ ହୋଇନଥିଲେ ମଧ୍ୟ ସଂକ୍ରମଣ ରୋକିବାକୁ ନେଇ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । ବିଶେଷଜ୍ଞଙ୍କ ମତ ଅନୁସାରେ କରୋନା ସଂକ୍ରମଣର ପ୍ରକୋପ ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଜାରି ରହିବ । ସଂକ୍ରମଣର ବ୍ୟାପକତା ଦୃଷ୍ଟିରୁ ଆମ ରାଜ୍ୟ ଓଡ଼ିଶା ଅପେକ୍ଷାକୃତ ଭଲ ଅବସ୍ଥାରେ ଥିଲେ ମଧ୍ୟ ପ୍ରତିଦିନ ବହୁ ସଂଖ୍ୟକ ଲୋକ ସଂକମିତ ହେଉଥିବାରୁ ସାଧାରଣରେ ଏକ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ବର୍ତ୍ତମାନ ଓଡ଼ିଶାକୁ ବହୁ ସଂଖ୍ୟକ ପ୍ରବାସୀ ଶ୍ରମିକମାନଙ୍କ ଘର ବାହୁଡ଼ା କାର୍ଯ୍ୟ ଚାଲୁ ରହିଛି । ଓଡ଼ିଶା ଫେରୁଥିବା ଏହି ସମସ୍ତ ପ୍ରବାସୀ ଓଡ଼ିଆଙ୍କ ପାଇଁ ଗ୍ରାମପଞ୍ଚାୟତ ସ୍ତରରେ ସାମୟିକ ସଂଗରୋଧ ଓ ସେମାନଙ୍କର ଖାଇବା, ପିଇବା, ରହିବା ଓ ଚିକିତ୍ସା ଇତ୍ୟାଦିର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରାମପଞ୍ଚାୟତକୁ ଦିଆଯାଇଛି । ଏହି କାର୍ଯ୍ୟ ପରିଚାଳନା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା  ବିଜ୍ଞପ୍ତି ଜାରି କରାଯାଇ ସରପଞ୍ଚମାନଙ୍କୁ ବ୍ୟାପକ କ୍ଷମତା ଦିଆଯାଇଛି ।

କରୋନା ମହାଯୁଦ୍ଧର ପ୍ରକୃତ ସୈନିକ ହେଉଛନ୍ତି ସାଧାରଣ ଜନତା, ଜନପ୍ରତିନିଧି, ସରକାରୀ କର୍ମକର୍ତ୍ତା ତଥା ସ୍ୱେଚ୍ଛାସେବୀ ସଂଗଠନ । ସେମାନଙ୍କର ଅକୁଣ୍ଠ ସହଯୋଗ, ସମନ୍ୱୟ ଓ ତ୍ୟାଗ ଦ୍ୱାରା ହିଁ ଏହାର ସଫଳ ମୁକାବିଲା କରାଯାଇପାରିବ । ସାମାଜିକ ଦୂରତା, ଲକ୍‌ଡାଉନ୍, ସଂଗରୋଧ, ମାସ୍କ ବ୍ୟବହାର, ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା ଇତ୍ୟାଦି ନୀତିନିୟମକୁ କଡାକଡି ଭାବରେ ଅନୁପାଳନ କରି ସଂକ୍ରମଣକୁ ଏ ପର୍ଯ୍ୟନ୍ତ ନିୟନ୍ତ୍ରଣ କରାଯାଇଥିଲେ ମଧ୍ୟ ଭାରତ ଭଳି ଏକ ବିକାଶଶୀଳ ଦେଶର ଜୀବନ ଓ ଜୀବିକା ଉପରେ ଏହାର ଗଭୀର ପ୍ରଭାବ ପଡିଛି । କୃଷି ଓ ପ୍ରାଣୀ ସମ୍ପଦର ଅଭିବୃଦ୍ଧି ଗ୍ରାମ୍ୟ ଅର୍ଥନୀତିର  ପ୍ରମୁଖ ଅଙ୍ଗ ଭାବରେ ବିଚାର କରାଯାଉଥିବାରୁ ଏହିଭଳି ପ୍ରତିକୂଳ ପରିସ୍ଥିତିରୁ ମୁକୁଳି ଭବିଷ୍ୟତ ନିମନ୍ତେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ମଣିଷର ଦୃଢ଼ ଇଚ୍ଛାଶକ୍ତି ଓ ନିରନ୍ତର ଯୋଜନାବଦ୍ଧ ଉଦ୍ୟମ ଯେକୌଣସି ବିପତ୍ତିକୁ ହରାଇବାରେ ସକ୍ଷମ ହୋଇଥାଏ । ସାମାନ୍ୟ ଅସାବଧାନତା ଦ୍ୱାରା କରୋନା ଗୋଷ୍ଠୀ ସଂକମଣର ରୂପ ନେଇ ପରିସ୍ଥିତିକୁ ସାଂଘାତିକ କରିଦେଇପାରେ । କେବଳ ସରକାରୀ ସ୍ତରରେ ହେଉଥିବା ବିଭିନ୍ନ ଉଦ୍ୟମ ଏହି ମହାମାରୀର ମୁକାବିଲା କରିବା ପାଇଁ ଯଥେଷ୍ଟ ହେବ ନାହିଁ । ଜନ ସହଯୋଗିତା ଓ ସହଭାଗିତା ଯେକୌଣସି ପ୍ରଗତିଶୀଳ ପ୍ରକ୍ରିୟାର ମୁଖ୍ୟ ଦିଗ । ସୁତରାଂ, ଜନ ସଂକଳ୍ପ ବିନା ଏହିଭଳି ଗମ୍ଭୀର ପରିସ୍ଥିତିକୁ ସାମ୍ନା କରିବା କଷ୍ଟସାଧ୍ୟ । ଗ୍ରାମାଞ୍ଚଳର ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ସ୍ପଷ୍ଟ କାର୍ଯ୍ୟକ୍ରମ, ଉତ୍ତମ ସମନ୍ୱୟ ଓ ଉପଯୁକ୍ତ ରୂପାୟନ ନିମନ୍ତେ ସହାୟକ ହେବା ପାଇଁ ଏହି ପୁସ୍ତିକାଟି ପ୍ରସ୍ତୁତ କରାଯାଇଛି । ଏହି ଅବସରରେ ପୁସ୍ତିକା ପ୍ରସ୍ତୁତି ସହିତ ସମ୍ପୃକ୍ତ ସମସ୍ତଙ୍କୁ ଶୁଭେଚ୍ଛା ଓ ସାଧୁବାଦ ଜଣାଇ ଏହାର ସଫଳତା କାମନା କରୁଛି ।

**ଶ୍ରୀ ରାଜେଶ ପ୍ରଭାକର ପାଟିଲ,** ଭା.ପ୍ର.ସେ
ନିର୍ଦ୍ଦେଶକ,
ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ

# ସୂଚୀପତ୍ର


୧. ଓଡ଼ିଶାରେ କରୋନା ସ୍ଥିତି ଏବଂ ଭବିଷ୍ୟତ ୦୯

୨. କୋରନା ମୁକାବିଲା ନିମନ୍ତେ ପଞ୍ଚାୟତକୁ କ୍ଷମତା ଅର୍ପଣ ୧୦

୩. ଗ୍ରାମପଞ୍ଚାୟତ ସ୍ତରରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ପରିଚାଳନା ୧୨

୪. କୋଭିଡ୍-୧୯ - ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିଚାଳନା ୨୨

୫. ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆହ୍ୱାନ - ଗ୍ରାମପଞ୍ଚାୟତର ଭୂମିକା ୨୫

- କରୋନା ଭୂତାଣୁ ସଂକ୍ରମଣ ସମ୍ବନ୍ଧରେ କିଛି ଜାଣିବା କଥା
- ପରିମଳ, ପିଇବା ପାଣି ତଥା ବର୍ଜ୍ୟବସ୍ତୁ ପରିଚାଳନା
- ସାମାଜିକ ବିଦ୍ୱେଷ, ଅପବାଦ ଓ ମାନସିକ - ଆହ୍ୱାନ ଓ ମୁକାବିଲା

୬. ବରିଷ୍ଠ ନାଗରିକ, ମହିଳା ଓ ଶିଶୁମାନଙ୍କ ପୁଷ୍ଟି ସାଧନ ୩୧

- ଶିଶୁ ସୁରକ୍ଷା ଓ ବିଦ୍ୟାଳୟ ପରିଚାଳନା

୭. ଜୀବନ ଜୀବିକା - ଗ୍ରାମପଞ୍ଚାୟତର କାର୍ଯ୍ୟପନ୍ଥା ୪୦

- ମହାତ୍ମା ଗାନ୍ଧି ନରେଗା ଯୋଜନା
- ଜୀବିକା ସମୃଦ୍ଧି (ଓଡ଼ିଶା ଜୀବିକା ମିଶନ)
- କୋଭିଡ୍-୧୯ ଗୋଷ୍ଠୀ ଭିତ୍ତିକ ଅନୁଷ୍ଠାନ (ସ୍ୱୟଂ ସହାୟକ ଗୋଷ୍ଠୀ / ଫେଡ୍‌ରେସନ)ର ଦାୟିତ୍ୱ
- ଗ୍ରାମପଞ୍ଚାୟତ ସ୍ତରରେ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନର ବିନିଯୋଗ
- ଗୁର୍ବାନ ମିଶନରେ ପ୍ରବାସୀ ଶ୍ରମିକ ସହାୟତା ଯୋଜନା

୮. କରୋନା ମହାମାରୀର ପ୍ରତିରୋଧ ନିମନ୍ତେ କାର୍ଯ୍ୟକ୍ରମ - ପ୍ରସ୍ତୁତି ମୂଲ୍ୟାୟନ ତାଲିକା ଆଧାରିତ ନିର୍ଦ୍ଦେଶନାମା ତଥା ଅନ୍ୟାନ୍ୟ ସମ୍ବଳ ସାମଗ୍ରୀ ସମ୍ବନ୍ଧରେ ସୂଚନା ୫୭

# ଓଡ଼ିଶାରେ କରୋନାର ସ୍ଥିତି ଓ ଭବିଷ୍ୟତ

ବିଶ୍ୱ ମହାମାରୀ କରୋନା ଭୂତାଣୁ ସଂକ୍ରମଣର ପ୍ରତିରୋଧ ନିମନ୍ତେ ଓଡ଼ିଶା ସରକାର ଗ୍ରହଣ କରିଥିବା ସମୟୋଚିତ ତଥାତ୍ୱରିତ ପଦକ୍ଷେପ ସମୂହକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଅନୁକରଣୀୟ ପଦକ୍ଷେପ ରୂପେ ଗ୍ରହଣ କରାଯାଇଛି । କୋଭିଡ୍-୧୯ ସଂକ୍ରମଣ ସୂଚନା ମିଳିବା ମାତ୍ରେ ହିଁ ଓଡ଼ିଶା ସରକାରଙ୍କ ପକ୍ଷରୁ ତୁରନ୍ତ ନିକଟ ଅତୀତରେ ବିଦେଶ ଗସ୍ତ ଇତିହାସ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ପଞ୍ଜିକରଣ କରାଯାଇଥିଲା ଓ ସେମାନଙ୍କୁ ପୃଥକୀକରଣ ପ୍ରକ୍ରିୟାରେ ସଙ୍ଗରୋଧରେ ରଖାଯାଇଥିଲା ।

- ଗୃହ ମଧ୍ୟରେ ଆବଦ୍ଧ ହୋଇ ରହିବା, ତାଲା ବନ୍ଦ ସହିତ ଅବରୋଧ କ୍ଷେତ୍ର ବା କଣ୍ଟେନମେଣ୍ଟ ଓ ସମ୍ପୂର୍ଣ୍ଣ ବନ୍ଦ ବା ସଟ୍ ଡାଉନ୍ ଆଦି ବିଭିନ୍ନ ରଣନୀତି ସଠିକ୍ ସମୟରେ ଗ୍ରହଣ କରିବା ଦ୍ୱାରା ଓଡ଼ିଶାରେ ସଂକ୍ରମଣର ମାତ୍ରାକୁ ଉଲ୍ଲେଖନୀୟ ରୂପେ ହ୍ରାସ କରାଯାଇଛି ।
- ପ୍ରବାସୀ ଶ୍ରମଜୀବି, ଶିକ୍ଷାର୍ଥୀ ଓ ବୃତ୍ତିଧାରୀ ତଥା ଅଟକି ରହିଥିବା ତୀର୍ଥଯାତ୍ରୀ ରାଜ୍ୟକୁ ଫେରିବା ପରେ ଓଡ଼ିଶାର ବିଭିନ୍ନ ଗ୍ରାମ ପଞ୍ଚାୟତମାନଙ୍କରେ ପଞ୍ଜିକରଣର ବ୍ୟବସ୍ଥା ସୁନିଶ୍ଚିତ କରାଯିବା ସହ ୬୭୯୮ ଗ୍ରାମ ପଞ୍ଚାୟତରେ ୧୪,୬୪୭ ଅସ୍ଥାୟୀ ଚିକିତ୍ସା ଶିବିର ସ୍ଥାପନ କରାଯାଇ ୫,୮୨,୯୪୧ ଶଯ୍ୟାର ବ୍ୟବସ୍ଥା କରାଯାଇଛି ।
- ସ୍ୱାସ୍ଥ୍ୟ ପରୀକ୍ଷା ପରେ ପଜିଟିଭ୍ ବ୍ୟକ୍ତି ବିଶେଷଙ୍କୁ ତୁରନ୍ତ କୋଭିଡ୍ ଚିକିତ୍ସା କେନ୍ଦ୍ରକୁ ପଠାଇବାର ବ୍ୟବସ୍ଥା କରାଯାଇଛି । ଖାଲିଥିବା ସଙ୍ଗରୋଧ କେନ୍ଦ୍ରକୁ ତୁରନ୍ତ କୋଭିଡ୍ ଚିକିତ୍ସା କେନ୍ଦ୍ର ରୂପେ ରୂପାନ୍ତରିତ କରିବାକୁ ଜିଲ୍ଲାପାଳମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି ।
- ମାନବିକତାର ଅପରୂପ ନିଦର୍ଶନ କ୍ରମେ, ୪୮୨୩ ଗ୍ରାମ ପଞ୍ଚାୟତରେ ୩,୧୭,୧୦୫ ଜଣ ନିସହାୟ ବ୍ୟକ୍ତିବିଶେଷଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି । ଏହି ପ୍ରକ୍ରିୟା ଆଗକୁ ମଧ୍ୟ ଜାରି ରହିବ ବୋଲି ଘୋଷଣା କରାଯାଇଛି ।

କରୋନାର ମୁକାବିଲା ଏକ ଦୀର୍ଘ ଦିନର ଲଢ଼େଇ ବୋଲି ଓଡ଼ିଶା ସରକାର ସଚେତନ ଅଛନ୍ତି । ସାମାଜିକ ଦୂରତା ଓ ସଙ୍ଗରୋଧ ବ୍ୟବସ୍ଥା ସହ କରୋନା ଯୁଦ୍ଧର ଆଗଧାଡ଼ିର ଯୋଦ୍ଧାଙ୍କ ପରିବାର ପାଇଁ ବୀମା ବ୍ୟବସ୍ଥାରେ ସରପଞ୍ଚମାନଙ୍କୁ ମଧ୍ୟ ସାମିଲ୍ କରାଯାଇଛି । ତେଣୁ ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଆମକୁ କରୋନା ସହ ବଞ୍ଚିବାର ମନ୍ତ୍ର ଜନଗଣଙ୍କ ମଧ୍ୟରେ ପ୍ରଚାର ପ୍ରସାର କରିବା ପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନମାନେ ଅଙ୍ଗୀକାର ବଦ୍ଧତାର ପ୍ରଦର୍ଶନ କରିବା ସହିତ ଗ୍ରାମାଞ୍ଚଳରେ ଭିତ୍ତିଭୂମି, ସୁରକ୍ଷିତ ଜୀବିକା, କର୍ମଯୋଗାଣ, ମୌଳିକ ସେବାରେ ଉନ୍ନତି ଆଣି ବିକାଶର ଧାରାକୁ ଆଗେଇ ନେବେ ।

# କରୋନା ମୁକାବିଲା ନିମନ୍ତେ ପଞ୍ଚାୟତକୁ କ୍ଷମତା ଅର୍ପଣ

(ରାଜସ୍ୱ ଓ ବିପର୍ଯ୍ୟ ପରିଚାଳନା ବିଭାଗ ବିଜ୍ଞପ୍ତି ସଂଖ୍ୟା ୨୨୩୨ ତା ୧୯.୪.୨୦୨୦ ଦ୍ରଷ୍ଟବ୍ୟ)

**ଗ୍ରାମାଞ୍ଚଳରେ କୌଣସି ମହାମାରୀ କିମ୍ବା ସଂକ୍ରମଣ ତଥା ଅନ୍ୟାନ୍ୟ ବିପଦପୂର୍ଣ୍ଣ ରୋଗର ପ୍ରତିରୋଧ ତଥା ନିବାରଣ ନିମନ୍ତେ ଉପଯୁକ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ହେଉଛି ଗ୍ରାମପଞ୍ଚାୟତର ବାଧ୍ୟତାମୂଳକ କାର୍ଯ୍ୟ ପରିସରଭୁକ୍ତ । ଏଥି ନିମନ୍ତେ ଓଡ଼ିଶା ଗ୍ରାମପଞ୍ଚାୟତ ଅଧିନିୟମ ୧୯୬୪, ଧାରା ୪୪ (୧) (ଏଚ୍)ରେ ଆଇନଗତ ବ୍ୟବସ୍ଥା ରହିଛି ।**

ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (ବିପର୍ଯ୍ୟୟ ପରିଚାଳନା) ବିଭାଗର ଅଧିସୂଚନା ସଂଖ୍ୟା ୧୭୦୬/ଆର ଆଣ୍ଡ ଡି.ଏମ୍, ତା ୧୩ ମାର୍ଚ୍ଚ ୨୦୨୦ରିଖ ଅନୁଯାୟୀ କୋଭିଡ୍-୧୯କୁ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ରୂପେ ଘୋଷଣା କରାଯାଇଛି ।

କୋଭିଡ୍-୧୯ ଯୋଗୁଁ ହୋଇଥିବା ଲକ୍‌ଡାଉନ୍ (ଘରେ ରହିବା) ଅବଧି ସମାପ୍ତ ହେବା ପରେ ଏହା ଅନୁମାନ କରାଯାଉଛି ଯେ ଅଧିକ ସଂଖ୍ୟକ ବ୍ୟକ୍ତି ଯଥା ଶିକ୍ଷାର୍ଥୀ, ବୃତ୍ତିଧାରୀ, ଅଟକି ରହିଥିବା ତୀର୍ଥଯାତ୍ରୀ, ରୋଗୀ ଓ ଶ୍ରମଜୀବିମାନେ ଓଡ଼ିଶାକୁ ଫେରି ବିଭିନ୍ନ ଗ୍ରାମପଞ୍ଚାୟତ ଅଧୀନରେ ଥିବା ସେମାନଙ୍କ ଗ୍ରାମକୁ ଘରବାହୁଡ଼ା କରିବେ ।

କ୍ୱାରେଣ୍ଟାଇନ୍ ବା ସଂଗରୋଧ ହିଁ ସଂକ୍ରମଣକୁ ହରେଇବାର ସର୍ବଶ୍ରେଷ୍ଠ ବିକଳ୍ପ ହୋଇଥିବାରୁ ବାହାର ରାଜ୍ୟରୁ ଗାଁକୁ ଫେରୁଥିବା ଏଭଳି ଲୋକମାନଙ୍କ ସମୟୋଚିତ ସଂଗରୋଧ ପାଇଁ ଗ୍ରାମପଞ୍ଚାୟତ ସ୍ତରରେ ସୁବନ୍ଦୋବସ୍ତ କରିବା ଜରୁରୀ ।

ସୁତରାଂ, ବିପର୍ଯ୍ୟୟ ପରିଚାଳନା ଅଧିନିୟମ ୨୦୦୫ର ଉଲ୍ଲିଖିତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାର ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚମାନଙ୍କୁ ନିମ୍ନଲିଖିତ କ୍ଷମତା ପ୍ରଦାନ କରିଛନ୍ତି ।

୧. ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବାହାରୁ ଫେରୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ପଞ୍ଜୀକରଣର ସୁବିଧା ରହିବ । ଫେରିବାକୁ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କ ପରିବାରବର୍ଗ ଅଥବା ସମ୍ପର୍କୀୟମାନେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ବା ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାରେ ଉପଲବ୍ଧ ସୁବିଧା ଅନ୍ତର୍ଗତ ପଞ୍ଜୀକରଣ କରାଇବେ ।

୨. ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚମାନେ ସେମାନଙ୍କ ଯଥା ନିର୍ଦ୍ଦିଷ୍ଟ ଅଧିକାର କ୍ଷେତ୍ର ଭିତରକୁ ରାଜ୍ୟ ବାହାରୁ ଆସୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ପଞ୍ଜୀକରଣ ଯେପରି ସୁନିଶ୍ଚିତ ହେବ ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପମାନ ଗ୍ରହଣ କରିବେ ।

୩. ରାଜ୍ୟ ବାହାରୁ ପଞ୍ଚାୟତ କ୍ଷେତ୍ର ମଧ୍ୟକୁ ଆସୁଥିବା ସମସ୍ତ ବ୍ୟକ୍ତିବିଶେଷ ପଞ୍ଚାୟତରେ ଉପଲବ୍ଧ ସଂଗରୋଧ ସୁବିଧାରେ ବାଧ୍ୟତାମୂଳକ ରୂପେ ୧୪ ଦିନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରଦତ୍ତ ନିର୍ଦ୍ଦେଶନାମାର ଅନୁପାଳନ ପୂର୍ବକ ରହିବେ ।



୪. ସଂଗରୋଧ ସମୟରେ ଚିହ୍ନଟ ହୋଇଥିବା ସଂଗରୋଧ କେନ୍ଦ୍ରରେ ରହିବା ପାଇଁ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ପାଇଁ ଅସ୍ଥାୟୀ ରହଣି, ଖାଦ୍ୟ, ପାନୀୟଜଳ ଓ ପରିମଳର ସମସ୍ତ ବ୍ୟବସ୍ଥା ସଂପୃକ୍ତ ଗ୍ରାମପଞ୍ଚାୟତ ଦ୍ୱାରା କରାଯିବ ।

୫. କୋଭିଡ୍-୧୯ ପାଇଁ ଯାଞ୍ଚ ତଥା ସନ୍ଦିଗ୍ଧ ଏବଂ ତତ୍‌କ୍ଷଣାତ୍ ନିରୂପିତ ବ୍ୟକ୍ତିବିଶେଷଙ୍କ ନମୁନା ତଥା ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ସହ ସମନ୍ୱୟ ରକ୍ଷାକରି କରାଯିବ । ଯଦି କୌଣସି ବ୍ୟକ୍ତିଙ୍କ କୋଭିଡ୍-୧୯ ପଜିଟିଭ୍ ବାହାରିବ ତେବେ ତାଙ୍କୁ ତୁରନ୍ତ ଏ ସମ୍ପର୍କୀୟ ଅଭିହିତ ଚିକିତ୍ସା କେନ୍ଦ୍ରକୁ ଉପଚାର ପାଇଁ ପଠାଯିବ ।

୬. ଯଦି ଗ୍ରାମପଞ୍ଚାୟତ ଅଧିକାର କ୍ଷେତ୍ର ମଧ୍ୟରେ ପରୀକ୍ଷାରୁ କୌଣସି ବ୍ୟକ୍ତିଙ୍କ ପଜିଟିଭ୍ ଥିବା ଜଣାପଡ଼ିବ ତେବେ ଯଥା ନିରୂପିତ କ୍ଷେତ୍ରରୁ ବିଶୋଧନ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶାନୁଯାୟୀ ଗ୍ରାମପଞ୍ଚାୟତ ଦ୍ୱାରା ହାତକୁ ନିଆଯିବ ।

୭. ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚମାନଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସାମଗ୍ରିକ ତଦାରଖ ଅନୁଯାୟୀ ଅନୁକମ୍ପା ମୂଳକ ସହାୟତା ଯୋଗାଇ ଦେବା ପାଇଁ ଅଧିକାର ପ୍ରଦାନ କରାଯାଇଛି ।

୮. ଗ୍ରାମପଞ୍ଚାୟତରେ ପଞ୍ଜୀକରଣ କରିଥିବା ତଥା ସଂଗରୋଧ କେନ୍ଦ୍ରରେ ସମସ୍ତ ସଙ୍ଗରୋଧ ନିୟମାବଳୀର ଅନୁପାଳନ ପୂର୍ବକ ସଙ୍ଗରୋଧ ଅବଧି ସମ୍ପୂର୍ଣ୍ଣ କରିଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ୨୦୦୦/- (ଦୁଇ ହଜାର) ଟଙ୍କାର ପ୍ରୋତ୍ସାହନ ରାଶି ଯୋଗାଇ ଦେବା ନିମନ୍ତେ ବିବେଚନାକୁ ନିଆଯିବ ।

୯. ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ସଙ୍ଗରୋଧ ସମ୍ପର୍କିତ ବିଧିନିର୍ଦ୍ଦେଶ ଉଲଂଘନ କରିଥିବା ବ୍ୟକ୍ତିଙ୍କୁ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ୨୦୦୫, ଏବଂ ଓଡ଼ିଶା କୋଭିଡ୍-୧୯ ନିୟମାବଳୀ ୨୦୨୦ ସହ ଏକତ୍ର ପାଢ଼ାଯାଉଥିବା ମହାମାରୀ ବ୍ୟାଧି ଅଧିନିୟମ ୧୮୯୭ କିମ୍ବା ଅନ୍ୟ କୌଣସି ସମ୍ପୃକ୍ତ ଅଧିନିୟମ ଅନୁଯାୟୀ ପ୍ରବର୍ତ୍ତିତ ବ୍ୟବସ୍ଥା ଦ୍ୱାରା ଦଣ୍ଡିତ ହେବେ ।

୧୦. ଉଲଂଘନକାରୀଙ୍କ ବିରୁଦ୍ଧରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ / ମାମଲା ଦାଏର କରିବା ପାଇଁ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚମାନଙ୍କୁ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ୨୦୦୫ର ଅନୁଚ୍ଛେଦ ୫୯ ଓ ୬୦ ଅଧୀନରେ କ୍ଷମତା ପ୍ରଦାନ କରାଗଲା ।

# ଗ୍ରାମପଞ୍ଚାୟତ ସ୍ତରରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା

ବର୍ତ୍ତମାନ ଦେଶର ବିଭିନ୍ନ ଅଞ୍ଚଳରେ ଥିବା ଆମ ଓଡ଼ିଆ ଭାଇଭଉଣୀମାନେ ଘରକୁ ଫେରୁଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ସଂକ୍ରମିତ ରାଜ୍ୟମାନଙ୍କରୁ ଆସୁଛନ୍ତି । ଅନ୍ୟ ରାଜ୍ୟରୁ ଫେରୁଥିବା ପ୍ରବାସୀ ଓଡ଼ିଆମାନେ ଯେପରି ନିଜେ ସୁସ୍ଥ ରହିବେ ଏବଂ ସେମାନଙ୍କର ପରିବାର ଓ ଗାଁ ସୁସ୍ଥ ରହିବ, ସଂକମଣ ନ ବ୍ୟାପିବ ସେଥିପାଇଁ ଗ୍ରାମପଞ୍ଚାୟତ ସ୍ତରରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪ ଦିନର ବାଧ୍ୟତାମୂଳକ ସଂଗରୋଧ ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ସମସ୍ତ ମୌଳିକ ସୁବିଧା ଯଥା ପିଇବା ପାଣି, ଶୌଚାଳୟ, ବିଦ୍ୟୁତ୍‌ସେବା ଓ ପରିମଳ ସମ୍ବନ୍ଧୀୟ ବ୍ୟବସ୍ଥା ସହିତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସଂସ୍ଥାପନ ପାଇଁ ୫ ଲକ୍ଷ ଟଙ୍କା ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁର କରାଯାଇଛି । ଏହି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସ୍ତୁତି ଓ ଏହାର ସୁପରିଚାଳନା ସମ୍ବନ୍ଧରେ ନିମ୍ନରେ ଦିଆଗଲା ।

**ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ୨୪ ମଇ ୨୦୨୦ରେ ଜାରି ହୋଇଥିବା ପ୍ରେସ୍ ବିବୃତ୍ତି ଅନୁସାରେ ଗ୍ରାମାଞ୍ଚଳରେ ସଙ୍ଗରୋଧ କାର୍ଯ୍ୟକାଳରେ ନିମ୍ନ ପ୍ରକାରେ ପରିବର୍ତ୍ତନ କରାଯାଇଛି ।**

ଗ୍ରାମାଞ୍ଚଳକୁ ଆସୁଥିବା ପ୍ରବାସୀ ଓଡ଼ିଆ ୭ ଦିନ ପର୍ଯ୍ୟନ୍ତ ବାଧ୍ୟତାମୂଳକ ପଞ୍ଚାୟତ ସ୍ତରୀୟ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଙ୍ଗରୋଧରେ ରହିବେ । ଏହା ପରେ ଯେଉଁମାନଙ୍କର କୌଣସି ରୋଗର ଲକ୍ଷଣ ଦେଖାନଯିବ ସେମାନଙ୍କୁ ଆଉ ୭ ଦିନ ପର୍ଯ୍ୟନ୍ତ ନିଜ ଘରେ କ୍ୱାରେଣ୍ଟାଇନ୍ ବା ସଙ୍ଗରୋଧରେ ରହିବାକୁ ପଡ଼ିବ । ଯଦି ସ୍ଥାନୀୟ କର୍ତ୍ତୃପକ୍ଷ ଅନୁଭବ କରନ୍ତି ଯେ କୋଭିଡ୍-୧୯ ରୋଗର ବିସ୍ତାରକୁ ରୋକିବା ଆବଶ୍ୟକ ହେଉଛି, ଏପରି ସ୍ଥଳେ ସେମାନେ ଆନୁଷ୍ଠାନିକ କ୍ୱାରେଣ୍ଟାଇନ୍ ଅବଧିକୁ ବଢାଇ ପାରିବେ ।

## ୧. ପଞ୍ଜୀକରଣ ବ୍ୟବସ୍ଥା :

- ଭାରତର ଯେକୌଣସି ଅଞ୍ଚଳରୁ ଓଡ଼ିଶା ଫେରୁଥିବା ପ୍ରବାସୀ ବ୍ୟକ୍ତିଙ୍କ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ ।
- ବିନା ପଞ୍ଜୀକରଣରେ କାହାରିକୁ ବି ରାଜ୍ୟରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ପାରିବ ନାହିଁ ।
- ଓଡ଼ିଶା ଫେରିବାକୁ ଚାହୁଁଥିବା ପ୍ରବାସୀ ବ୍ୟକ୍ତି ନିଜେ ବା ତାଙ୍କର ପରିବାର ସଦସ୍ୟ ବା ତାଙ୍କ ବନ୍ଧୁ ତାଙ୍କ ପାଇଁ ରାଜ୍ୟ ସରକାରଙ୍କ ପୋଟାଲ https://covid19.odisha.gov.in ଜରିଆରେ ରେଜିଷ୍ଟ୍ରେସନ କରିପାରିବେ ।
- ଯଦି କୌଣସି ପ୍ରବାସୀ କୌଣସି କାରଣ ବସତ ପଞ୍ଜୀକରଣ ନ କରି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସନ୍ତି, ତେବେ ତାଙ୍କୁ ସଂଗରୋଧ ନିମନ୍ତେ ସମ୍ପୃକ୍ତ କେନ୍ଦ୍ରରେ ରଖାଯାଇ ତାଙ୍କର ପଞ୍ଜୀକରଣ କରାଯିବ ।
- ଯଦି କୌଣସି ବ୍ୟକ୍ତି ଆଧାର କାର୍ଡ ନଥିବା



ଯୋଗୁ ପଞ୍ଜୀକରଣ କରିପାରୁନାହାନ୍ତି, ସେ କ୍ଷେତ୍ରରେ ସମ୍ପୃକ୍ତ ବ୍ଲକ୍‌ର ବିଡିଓଙ୍କ ଦ୍ୱାରା ଏହାର ଅନୁସନ୍ଧାନ କରାଯାଇ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ / ପିଡି ଡିଆରଡିଏଙ୍କ ଜରିଆରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ପଞ୍ଜୀକରଣ ନିମନ୍ତେ ପଠାଯିବ ।

## ୨. ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା :

- ପ୍ରତ୍ୟେକ କେନ୍ଦ୍ର ନିମନ୍ତେ ଜଣେ ଲେଖାଏଁ ନୋଡାଲ୍ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ବିଡିଓଙ୍କ ଦ୍ୱାରା ଗ୍ରାମପଞ୍ଚାୟତ ସ୍ତରରେ ନୋଡାଲ୍ ଅଧିକାରୀଙ୍କୁ ମିଶାଇ ୧୦ ଜଣିଆ କମିଟି ଗଠିତ ହେବ । ଯେଉଁଥିରେ ୫ ଜଣ ଯଥା ନୋଡାଲ୍ ଅଧିକାରୀ, ଆଇ.ସି.ଡି.ଏସ୍. ସୁପରଭାଇଜର, ଜି.ଆର.ଏସ୍., ପଞ୍ଚାୟତ ନିର୍ବାହି ଅଧିକାରୀ ଏବଂ ଅଙ୍ଗନୱାଡ଼ି କର୍ମୀ / ଶିକ୍ଷକ ଇତ୍ୟାଦି ସଦସ୍ୟ ରହିବେ । ଆଉ ୫ ଜଣ ସଦସ୍ୟଙ୍କୁ ରିଜର୍ଭ ଭାବେ ରହିବେ ଏବଂ ଆବଶ୍ୟକ ସ୍ଥଳେ ନିୟୋଜିତ ହେବେ । ଏହି କମିଟି କେନ୍ଦ୍ର ପରିଚାଳନା ଦାୟୀତ୍ୱରେ ରହିବେ ।
- ସେହିଭଳି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଚାଳନା ନିମନ୍ତେ ବ୍ଲକ ସ୍ତରରେ ବିଡିଓଙ୍କ ଅଧ୍ୟକ୍ଷତାରେ ଏକ ଷ୍ଟିୟରିଂ କମିଟି ଗଠନ ହେବ । ଯେଉଁଥିରେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ, ପୋଲିସ୍ ଅଧିକାରୀ, ସିଡିପିଓ, ଆରଡବ୍ଲୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ସଦସ୍ୟ ରହିବେ । ଏହି କମିଟି ବ୍ଲକ ଅନ୍ତର୍ଗତ ସମସ୍ତ କେନ୍ଦ୍ରଗୁଡ଼ିକର ସୁପରିଚାଳନା ପାଇଁ ବିଡିଓଙ୍କ ତତ୍ତ୍ୱାବଧାନରେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବେ ।
- ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ପରିଚାଳନା ପାଇଁ ନିର୍ଦ୍ଧାରିତ ହୋଇଥିବା ତିନୋଟି ମୁଖ୍ୟ ନୀତି ହେଲା (କ) ପୃଥକବାସ, (ଖ)ସୁରକ୍ଷା ଓ (ଗ) ମର୍ଯ୍ୟାଦା ।
- ପୃଥକବାସ କହିଲେ ପୁରୁଷ ଓ ମହିଳାଙ୍କ ପାଇଁ ଭିନ୍ନ ଗାଧୁଆ ଘର ଓ ଶୌଚାଳୟର ବ୍ୟବସ୍ଥା ହେବା ଉଚିତ୍ । ତୃତୀୟ ଲିଙ୍ଗ ବା ଏଲ୍‌ଜିବିଟି ଗୋଷ୍ଠୀର କୌଣସି ବ୍ୟକ୍ତିବିଶେଷ ଥିଲେ, ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ହେବ । ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ଆବଶ୍ୟକତାକୁ ମଧ୍ୟ ସ୍ୱତନ୍ତ୍ର ରୂପେ ଦୃଷ୍ଟି ଦେବାକୁ ହେବ ।
- ସୁରକ୍ଷା କହିଲେ ସଂଗରୋଧରେ ଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ମଧ୍ୟରେ କୌଣସି ପ୍ରକାର ଭୟ ବା ଅସୁରକ୍ଷିତ ରହିବାର ମନୋଭାବ ନଥିବ । ମହିଳା ଓ ଶିଶୁମାନଙ୍କର ସୁରକ୍ଷା ଓ

ସେମାନଙ୍କ ନିରାପତ୍ତା ପ୍ରତି ସ୍ୱତନ୍ତ୍ର ରୂପେ ଧ୍ୟାନ ଦେବାକୁ ହେବ ।

- ମର୍ଯ୍ୟାଦା କହିଲେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ତତ୍ତ୍ୱାବଧାନରେ ସଂଗରୋଧରେ ରହୁଥିବା ସମସ୍ତ ଅନ୍ତେବାସୀଙ୍କ ମର୍ଯ୍ୟାଦା ପ୍ରତି ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ୍ ।

## ୩. ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନ୍ତେବାସୀଙ୍କୁ ସାମଗ୍ରୀ ଯୋଗାଣ, ପିପିଇ ଓ ଅଲିଭା କାଳିର ବ୍ୟବହାର :

ପ୍ରତ୍ୟେକ ଅନ୍ତେବାସୀଙ୍କୁ ସଙ୍ଗରୋଧ ସମୟରେ ନିମ୍ନଲିଖିତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା

- ଦାନ୍ତଘଷା ବ୍ରସ - ୧, ଜିଭ ପରିଷ୍କାରକ – ୧, ଛୋଟ ଟୁଥପେଷ୍ଟ – ୧, ଲୁଗାଧୁଆ ସାବୁନ (୫୦ ରୁ ୭୫ ଗ୍ରାମ) – ୧, ଗାଧୁଆ ସାବୁନ (୧୫୦ ରୁ ୨୦୦ ଗ୍ରାମ) – ୧, ବାଲ୍ଟି – ୧, ପ୍ଲାଷ୍ଟିକ ମଗ – ୧, ନଡ଼ିଆ ତେଲ ବୋତଲ (୫୦ ମି.ଲି.)- ୧, ପାନିଆ – ୧, ପାଣି ବୋତଲ (୧ଲିଟର) – ୧, ରେଜର (ସୀମିତ ବ୍ୟବହାର ପାଇଁ) – ୧ (କେବଳ ପୁରୁଷଙ୍କ ପାଇଁ), ମଶା ରୋଧକ କଏଲ – ୧ ପ୍ୟାକେଟ୍, ଦୁଇ ପରସ୍ତ ସଫା ହୋଇ ପାରୁଥିବା ଫେସ ମାସ୍କ – ୨ଟା
- ମହିଳା ତଥା କିଶୋରୀ ବାଳିକାଙ୍କ ପାଇଁ ସାନିଟାରୀ ପ୍ୟାଡର ବ୍ୟବସ୍ଥା ଆଶାକର୍ମୀ / ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଅନ୍ୟାନ୍ୟ ସ୍ଥାନୀୟ ସୁବିଧାରୁ ଆବଶ୍ୟକ ସ୍ଥଳେ ଯୋଗାଇ ଦିଆଯାଇପାରେ ।
- କେନ୍ଦ୍ରରେ ବିଭିନ୍ନ ସେବା ଯଥା ସଫେଇ, ପରିମଳ, ଖାଦ୍ୟ ପରିବେଷଣ, ଚିକିତ୍ସା ଇତ୍ୟାଦି ନିମନ୍ତେ ନିୟୋଜିତ କର୍ମକର୍ତ୍ତା ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀ (ପିପିଇ) ବ୍ୟବହାର କରିବେ । ଏହାର ବ୍ୟବହାର ପ୍ରଣାଳୀ ସ୍ଥାନୀୟ ଚଏଓ / ଉଏଓ କିମ୍ବା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ଦାୟିତ୍ୱରେ ଥିବା ଡାକ୍ତର / ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ଚଚର ଉଚିତ୍ ବ୍ୟବହାର ସମ୍ବନ୍ଧରେ ବ୍ୟବହାର କରୁଥିବା ଲୋକଙ୍କୁ ବୁଝାଇ ଦେବେ ।
- ସଙ୍ଗରୋଧରେ ରହିଥିବା ପ୍ରତ୍ୟେକ ଅନ୍ତେବାସୀଙ୍କ ଚିହ୍ନଟିକରଣ ପାଇଁ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଅଲିଭାକାଳି ବ୍ୟବହାର କରାଯିବ । ଏହି କାଳି ସେମାନଙ୍କ ଡାହାଣ ହାତର ବୁଢ଼ା ଆଙ୍ଗୁଠିର ନଖ ଉପରେ ଲଗାଯିବ ।
- ବ୍ଲକ, ଜିଲ୍ଲାର ନାମ ସହିତ କେଉଁ ତାରିଖ ଯାଏଁ କ୍ୱାରେଣ୍ଟାଇନ୍‌ରେ ରଖାଯିବ ତାହା ଉଲ୍ଲେଖ ଥାଇ ଏକ ଷ୍ଟାମ୍ପ ପ୍ରସ୍ତୁତ କରାଯିବ । ଏହି ଷ୍ଟାମ୍ପ ଅଲିଭାକାଳି ବ୍ୟବହାର ହୋଇ ସଙ୍ଗରୋଧରେ ରହୁଥିବା ବ୍ୟକ୍ତିଙ୍କ ଡାହାଣ ହାତ ପାପୁଲିର ପଛ ପାଖରେ ମରାଯିବ ।

## ୪. ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା :

ଖାଦ୍ୟର ସ୍ୱାସ୍ଥ୍ୟକର ରନ୍ଧନ କରାଯିବା ସହିତ ନିମ୍ନଲିଖିତ ନିର୍ଘଣ୍ଟ ଅନୁସାରେ ପରିବେଷଣ କରାଯିବା ଉଚିତ୍-

- ପ୍ରାତଃ ଭୋଜନ - ସକାଳ ୮ଟା ରୁ ୯ଟା ପର୍ଯ୍ୟନ୍ତ
- ମଧ୍ୟାହ୍ନ ଭୋଜନ - ଦିନ ୧୨ଟା ୩୦ ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ
- ସାଂଧ୍ୟ ଜଳଯୋଗ ଓ ଚା' ପାନ - ଅପରାହ୍ନ ୫ଟା
- ରାତ୍ରୀ ଭୋଜନ - ରାତ୍ରୀ ୭ଟା ୩୦ ରୁ ୯ଟା ପର୍ଯ୍ୟନ୍ତ

୨. ଖାଦ୍ୟ ସୁସ୍ୱାଦୁ ହେବା ସହିତ, ବୃଦ୍ଧ, ରୋଗୀ, ଶିଶୁ, ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କ ଆବଶ୍ୟକତା ପରିପୁରଣ କରିବା ଉଚିତ୍ ।

୩. ଶିବିର ପରିଚଳକଙ୍କ ଦ୍ୱାରା ଶିଶୁମାନଙ୍କ ପାଇଁ ଯେତେଦୂର ସମ୍ଭବ ଛତୁଆ ଅଥବା ଅନ୍ୟାନ୍ୟ ଖାଦ୍ୟ କ୍ଷୀର, ଅଣ୍ଡା ଓ ବିସ୍କୁଟ ଆଦିର ବ୍ୟବସ୍ଥା କରାଯିବା ଉଚିତ୍ ।

- କେନ୍ଦ୍ରରେ ରହୁଥିବା ସମସ୍ତ ଅନ୍ତେବାସୀଙ୍କ ନିମନ୍ତେ ସୁରକ୍ଷିତ ଓ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରାଯିବା ଉଚିତ୍, ଯାହା ଫୁଟା ଯାଇଥିବ, ଅଥବା ଫିଲଟର ହୋଇଥିବ ଏବଂ ଆବଶ୍ୟକ ସ୍ଥଳେ ହାଲୋଜେନ ଟାବଲେଟ ପକାଯାଇଥିବ ।

## ୫. ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ବ୍ୟବସ୍ଥା :

- ପ୍ରାରମ୍ଭିକ ଯାଞ୍ଚ ପରେ ଲକ୍ଷଣଯୁକ୍ତ ବ୍ୟକ୍ତି ବିଶେଷଙ୍କୁ ଅନ୍ୟ ଅନ୍ତେବାସୀଙ୍କଠାରୁ ପୃଥକ କରାଯାଇ ତୁରନ୍ତ କୋଭିଡ୍ ଯତ୍ନ କେନ୍ଦ୍ର (ସି.ସି.ସି.)କୁ ପ୍ରେରଣ କରାଯିବ । ପର୍ଯ୍ୟାପ୍ତ ପରିମାଣରେ କୋଭିଡ୍ ଯତ୍ନ କେନ୍ଦ୍ର ଉପଲବ୍ଧ ନଥିଲେ ଖାଲିଥିବା ସଙ୍ଗରୋଧ କେନ୍ଦ୍ରକୁ କୋଭିଡ୍ ଯତ୍ନ କେନ୍ଦ୍ର ରୂପେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ରୂପାନ୍ତରିତ କରାଯିବ ।
- ସମସ୍ତ ଅସୁରକ୍ଷିତ ବର୍ଗର ବ୍ୟକ୍ତିବିଶେଷ ଯଥା ଗର୍ଭବତୀ ଓ ପ୍ରସୂତୀ ଓ ପ୍ରସୂତି ମହିଳା, ୫ ବର୍ଷରୁ କମ୍ ବୟସର ଶିଶୁ, ଶାରୀରିକ ଓ ମାନସିକ ଭିନ୍ନକ୍ଷମ, ତୃତୀୟ ଲିଙ୍ଗ ବ୍ୟକ୍ତିବିଶେଷ ତଥା ସହ-ଅସ୍ଥାୟୀକରଣ (ଯଥା ମଧୁମେହ, ଶ୍ୱାସରୋଗ, ବୃକକ୍ ଜନିତ ରୋଗ ତଥା ଉଚ୍ଚ ରକ୍ତଚାପ) ପରିସ୍ଥିତି ଦେଇ ଗତି କରୁଥିବା ବ୍ୟକ୍ତିବିଶେଷଙ୍କ କୋଭିଡ୍-୧୯ ସଂକ୍ରମଣ ସମ୍ପର୍କିତ ପରୀକ୍ଷା ଅଗ୍ରାଧିକାର ଭିତ୍ତିରେ କରାଯିବ । ଶିବିରରେ ରହିବା ସମୟରେ ସମସ୍ତ ଅନ୍ତେବାସୀ ସର୍ବଦା ମାସ୍କ ବ୍ୟବହାର କରିବେ ।
- ମିଳିମିଳା, ତରଳ ଝାଡା, ହଇଜା, ଚର୍ମ ରୋଗ ଆଦି ରୋଗର ତୁରନ୍ତ ଚିହ୍ନଟୀକରଣ ପାଇଁ ଶିବିରରେ ନିଷ୍ଠା ପୂର୍ବକ ଧ୍ୟାନ ଦିଆଯିବ ଓ ଏସବୁର ଉପଚାର ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ । କେନ୍ଦ୍ରରେ ଆଶୁ ଚିକିତ୍ସା ବା ଫାଷ୍ଟ ଏଡ୍ ବକ୍ସ ଓ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ୍ ପ୍ୟାକେଟ ମହଜୁଦ୍ ରଖାଯିବ ।
- ସ୍ଥାନୀୟ ଆଶା କର୍ମୀ / ଅଙ୍ଗନବାଡି କର୍ମୀ / ମହିଳା ସ୍ୱାସ୍ଥ୍ୟ କର୍ମୀ / ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଦ୍ୱାରା ଅନ୍ତେବାସୀମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥାର ଦୈନନ୍ଦିନ ଅନୁଧ୍ୟାନ କରାଯିବ । ବୟସ୍କ ବ୍ୟକ୍ତି, ରୋଗୀ ତଥା ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ସ୍ୱାସ୍ଥ୍ୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ସେମାନଙ୍କର ଯତ୍ନ ନିଆଯିବ । ସ୍ଥାନୀୟ ଆଶାକର୍ମୀ ଓ

ଅଙ୍ଗନବାଡି କର୍ମୀ ନିୟମିତ ଶିବିର ପରିଦର୍ଶନ କରି ଗର୍ଭବତୀ, ପ୍ରସୂତୀ ମହିଳା ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରିବେ ଓ ସେମାନଙ୍କ ସ୍ୱତନ୍ତ୍ର ଆବଶ୍ୟକତା ପ୍ରତି ଧ୍ୟାନ ଦେବେ । ଜରୁରୀ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଲେ ସ୍ଥାନୀୟ ମେଡିକାଲ୍ ଅଫିସରଙ୍କ ଦୃଷ୍ଟିକୁ ଅଣାଯିବ ।

- ପ୍ରତ୍ୟେକ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ସଫେଇ, ପରିମଳ ଓ ନିରାପତ୍ତା ବ୍ୟବସ୍ଥା ନିମନ୍ତେ ପ୍ରତ୍ୟେକ ଦିନ ପାଇଁ ୨୦୦୦/- ଟଙ୍କାର ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ଦିନ ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟା ସମୟରେ ୩ ଥର ଫିନାଇଲ୍‌ରେ କେନ୍ଦ୍ରର ସମସ୍ତ କୋଠରୀ ଯଥା ଶୌଚାଳୟ, ବାରଣ୍ଡା, ସାଧାରଣ ସ୍ଥାନ, ଗାଧୁଆ ଘର ଇତ୍ୟାଦି ସଫେଇ କରାଯିବ । କେନ୍ଦ୍ରର ନିରାପତ୍ତା ନିମନ୍ତେ ସିକୁରିଟି ଗାର୍ଡ / ଗ୍ରାମରକ୍ଷୀଙ୍କୁ ନିୟୋଜନ କରାଯିବ ।
- କେନ୍ଦ୍ରର ଅବସ୍ଥିତି ଓ ସେଥିରେ ରହୁଥିବା ଲୋକଙ୍କ ସଂଖ୍ୟା ଆଦି ସ୍ଥାନୀୟ ପୋଲିସର ଅବଗତି ନିମନ୍ତେ ସୂଚିତ ହେବା ଉଚିତ୍ । ଏସବୁ କେନ୍ଦ୍ରର ମୌଳିକ ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ତଥା ଦିବାରାତ୍ର ନିୟମିତ ବ୍ୟବଧାନରେ ଅନୁଧ୍ୟାନ କରିବା ପାଇଁ ସ୍ଥାନୀୟ ପୋଲିସ ବିଭାଗକୁ ଅନୁରୋଧ କରାଯିବା ଉଚିତ୍ ।

## ୬. ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା ନିମନ୍ତେ ଆର୍ଥିକ ବ୍ୟବସ୍ଥା :

- ପ୍ରତ୍ୟେକ ବୟସ୍କ ବ୍ୟକ୍ତି ପାଇଁ ୧୨୦ ଟଙ୍କା ଓ ୧୪ ବର୍ଷରୁ କମ ଶିଶୁଙ୍କ ପାଇଁ ୧୦୦ ଟଙ୍କା ଦୈନିକ ଖର୍ଚ୍ଚ ଭିତ୍ତିରେ ୧୪ ଦିନ ପର୍ଯ୍ୟନ୍ତ ଖାଦ୍ୟ ସଂପର୍କୀୟ ଖର୍ଚ୍ଚ ପ୍ରଦାନ କରାଯିବ । ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା କିଟ୍ (ଦାନ୍ତଘଷା ବ୍ରସ, ପେଷ୍ଟ, ଜିଭ ପରିଷ୍କାରକ, ସାବୁନ, ତେଲ, ରେଜର, ମାସ୍କ, ସାନିଟାରୀ ପ୍ୟାଡ୍, ମଗ୍, ପାଣି ବୋତଲ, ବାଲ୍ଟି ଇତ୍ୟାଦି ) ବାବଦରେ (୧୪ ଦିନ ନିମନ୍ତେ ) ମୋଟ୍ ୩୦୦ ଟଙ୍କା ଖର୍ଚ୍ଚ କରାଯିବ । ବିଶୋଧନ, ପରିମଳ ତଥା ସୁରକ୍ଷା କର୍ମୀ ନିଯୁକ୍ତି କ୍ଷେତ୍ରରେ ପ୍ରକୃତ ପକ୍ଷେ ଦୈନିକ ଖର୍ଚ୍ଚ ୨୦୦୦ ଟଙ୍କାରୁ ଅଧିକ ହେବ ନାହିଁ ।
- ସମସ୍ତ ସିଭିଲ୍ କାର୍ଯ୍ୟ ଯଥା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚୂନ ରଙ୍ଗ କରିବା, ବିଦ୍ୟୁତ୍ ସରବରାହ, ପଙ୍ଖା, ଆଲୋକ, ପାୱାର ବ୍ୟାକ୍‌ଅପ୍ (ଇନ୍‌ଭର୍‌ଟର୍), ପାନୀୟ ଜଳର ବ୍ୟବସ୍ଥା, ପାଣିର ସୁବିଧା ସହ ଶୌଚାଳୟ, ପାଣି ଟାଙ୍କି, ଗାଧୁଆ ତଥା ଲୁଗାଧୁଆ ପାଇଁ କୁଣ୍ଡ ଇତ୍ୟାଦି କାର୍ଯ୍ୟ ଅର୍ଥ ଆୟୋଗ ଅନୁଦାନରୁ ବିନିଯୋଗ କରାଯାଇ ପାରିବ ।
- ସେହିଭଳି ଅଣ ସିଭିଲ୍ କାର୍ଯ୍ୟ ଯଥା ଶଯ୍ୟା, ତକିଆ, ବାଲ୍‌ଟି, ମଗ୍, ଥାଳି, ଖାଦ୍ୟ ଯୋଗାଣ, ସାବୁନ୍, ସାନିଟାଇଜର୍, ଡିଟରଜେଣ୍ଟ୍, ଫିନାଇଲ୍, ବ୍ଲିଚିଂ, ମାସ୍କ ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ରକ୍ଷା ଓ ବିଶୋଧନ ସାମଗ୍ରୀ ରାଜ୍ୟ ବିପର୍ଯ୍ୟୟ ରିଲିଫ୍ ପାଣ୍ଠିରୁ ଜିଲ୍ଲାମାନଙ୍କୁ ମଞ୍ଜୁର ହୋଇଥିବା ଅର୍ଥରୁ ଖର୍ଚ୍ଚ ହେବ । ପାଣ୍ଠି ଯୋଗାଣ ହୋଇ ନଥିବା ସ୍ଥଳେ ମହଜୁଦ ଥିବା ପାଣ୍ଠିରୁ ବିନିଯୋଗ ହେବ । ଏଥି ସମ୍ବନ୍ଧୀୟ ଦୈନନ୍ଦିନ ବ୍ୟୟର ଟିକିନିଖି ହିସାବ ପ୍ରସ୍ତୁତ କରାଯାଇ ଏସ୍.ଆର୍.ସି. ଫଣ୍ଡରୁ ଭରଣା ପାଇଁ ବିଡିଓଙ୍କ ନିକଟରେ ଦାଖଲ କରାଯିବ । ଆର୍ଥିକ

ନୀୟମାବଳୀକୁ ପାଳନ କରି ସମସ୍ତ ଅର୍ଥ ବିନିଯୋଗ ସ୍ୱଚ୍ଛତାର ସହିତ କରାଯିବ ।

## ୭. ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଫେଇ, ପରିମଳ ଓ ନିରାପତ୍ତା ବ୍ୟବସ୍ଥା :

- ଶିବିର ପରିସରକୁ ଦୈନିକ ଅନ୍ୟୁନ ୩ ଥର ସଫା କରିବା ସହ ଉପଯୁକ୍ତ ପରିମଳ ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ୍ ।
- ଶିବିର ପରିସରରେ ଛେପ ପକାଇବା, ଧୂମ୍ରପାନ, ତଥା ଗୁଟ୍‌ଖା ଆଦି ଚୋବାଇବା ସଂପୂର୍ଣ୍ଣ ନିଷେଧ ।
- ଯେତେଦୂର ସମ୍ଭବ ଖାଇବା ପାଇଁ ଥରେ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲେଟର ଉପଯୋଗ କରାଯିବା ଉଚିତ୍ ।
- ବ୍ୟବହୃତ ପ୍ଲେଟ ଗୁଡିକୁ ନିରାପଦ ଦୂରତ୍ୱରେ ଥିବା ଏକ ଖାତରେ ପକାଇ ତାହାକୁ ମାଟି ଦ୍ୱାରା ଘୋଡାଇ ଦିଆଯିବା ଉଚିତ୍ । ଏହିସବୁ ସ୍ଥାନମାନଙ୍କର ନିର୍ଦ୍ଦିଷ୍ଟ ସମୟକ୍ରମେ ବ୍ଲିଚିଂ ପାଉଡରରେ ବିଶୋଧନ କରାଯିବା ଉଚିତ୍ ।
- ଶିବିରରେ କୌଣସି ବ୍ୟକ୍ତିଙ୍କୁ ଅନ୍ୟ ଜଣଙ୍କର ବ୍ୟକ୍ତିଗତ ସାମଗ୍ରୀ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରାଯିବ ନାହିଁ ।
- ପ୍ରତ୍ୟେକ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ସଫେଇ, ପରିମଳ ଓ ନିରାପତ୍ତା ବ୍ୟବସ୍ଥା ନିମନ୍ତେ ପ୍ରତ୍ୟେକ ଦିନ ପାଇଁ ୨୦୦୦/- ଟଙ୍କାର ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ଦିନ ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟା ସମୟରେ ୩ ଥର ଫିନାଇଲ୍‌ରେ କେନ୍ଦ୍ରର ସମସ୍ତ କୋଠରୀ ଯଥା ଶୌଚାଳୟ, ବାରଣ୍ଡା, ସାଧାରଣ ସ୍ଥାନ, ଗାଧୁଆ ଘର ଇତ୍ୟାଦି ସଫେଇ କରାଯିବ । କେନ୍ଦ୍ରର ନିରାପତ୍ତା ନିମନ୍ତେ ସିକୁରିଟି ଗାର୍ଡ / ଗ୍ରାମରକ୍ଷୀଙ୍କୁ ନିୟୋଜନ କରାଯିବ ।
- କେନ୍ଦ୍ରର ଅବସ୍ଥିତି ଓ ସେଥିରେ ରହୁଥିବା ଲୋକଙ୍କ ସଂଖ୍ୟା ଆଦି ସ୍ଥାନୀୟ ପୋଲିସର ଅବଗତି ନିମନ୍ତେ ସୂଚିତ ହେବା ଉଚିତ୍ । ଏସବୁ କେନ୍ଦ୍ରର ମୌଳିକ ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ତଥା ଦିବାରାତ୍ର ନିୟମିତ ବ୍ୟବଧାନରେ ଅନୁଧ୍ୟାନ କରିବା ପାଇଁ ସ୍ଥାନୀୟ ପୋଲିସ ବିଭାଗକୁ ଅନୁରୋଧ କରାଯିବା ଉଚିତ୍ ।

## ୮. ବିଦ୍ୟୁତ୍ ଓ ଆଲୋକୀକରଣ ବ୍ୟବସ୍ଥା :

- ସଙ୍ଗରୋଧ କେନ୍ଦ୍ରରେ ଆଲୋକ ଓ ପଙ୍ଖା ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ୍ । ଶୌଚାଳୟ, ବାରଣ୍ଡା, କେନ୍ଦ୍ରର ଚାରିପଟ ଇତ୍ୟାଦି ନିମନ୍ତେ ଆଲୋକୀକରଣ କରିବା ଦରକାର । ଏ କ୍ଷେତ୍ରରେ ବୈଦ୍ୟୁତିକ ସୁରକ୍ଷା ନିୟମର ଅନୁପାଳନ ଏକାନ୍ତ ଆବଶ୍ୟକ । ଏ ସବୁ କେନ୍ଦ୍ରରେ ମୋବାଇଲ ଚାର୍ଜ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପ୍ଲଗ୍ ପଏଣ୍ଟ ରହିବା ଆବଶ୍ୟକ ।

## ୯. ତଥ୍ୟ ଓ ରେଜିଷ୍ଟର ପରିଚାଳନା :

- ସ୍ଥାନୀୟ ସରପଞ୍ଚ, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱରେ ଥିବା ଗ୍ରାମପଞ୍ଚାୟତ ନୋଡାଲ୍ ଅଧିକାରୀ, ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ, ଥାନା ଅଧିକାରୀ, ବିଡିଓ, ସିଡିପିଓ, ଆଶା କର୍ମୀ, ଅଙ୍ଗନବାଡି କର୍ମୀ ତଥା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କର ନାମ ଓ ମୋବାଇଲ୍ ନମ୍ବର ଏହି ନୋଟିସ୍ ବୋର୍ଡରେ ଲେଖାଯିବ ।

- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପତ୍ର ସଂଖ୍ୟା ୭୯୭୧ ତାରିଖ : ୨.୫.୨୦୨୦ ତାରିଖ ପ୍ରକାରେ କେନ୍ଦ୍ରର ପ୍ରଶାସନିକ ସୁପରିଚାଳନା ଓ ଆର୍ଥିକ ଅନୁଦାନର ସୁବିନିଯୋଗ ନିମନ୍ତେ ନିମ୍ନଲିଖିତ ରେଜିଷ୍ଟର ଯଥା (୧) ଆଡ୍‌ମିଶନ ରେଜିଷ୍ଟର (୨) ସିମ୍‌ଟମ୍ ତଥା ଅଭିଯୋଗ ରେଜିଷ୍ଟର (୩) ପରିଦର୍ଶନ ରେଜିଷ୍ଟର ଏବଂ ନିୟୋଜିତ ହୋଇଥିବା କର୍ମକର୍ତ୍ତାଙ୍କ ଉପସ୍ଥାନ ରେଜିଷ୍ଟର ଏବଂ ଆବଶ୍ୟକ ଅନୁଯାୟୀ ଅନ୍ୟାନ୍ୟ ରେଜିଷ୍ଟର ପରିଚାଳନା କରାଯିବ ।

## ୧୦. ଅନ୍ତେବାସୀଙ୍କ ଆଚରଣ ଓ ଶୃଙ୍ଖଳା :

- କେନ୍ଦ୍ରରେ ସାମାଜିକ ଦୂରତ୍ୱ ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ଯୋଜନା ଓ ସୀମା ନିର୍ଦ୍ଧାରଣ ଆଗୁଆ ସୁନିଶ୍ଚିତ କରାଯିବ । ଆବଶ୍ୟକୀୟ କ୍ଷେତ୍ରରେ ଯେତେଦୂର ସମ୍ଭବ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ପାଇଁ ଅନୁକୂଳ ବ୍ୟବସ୍ଥା ଗ୍ରହଣ କରାଯିବ । ସାମାଜିକ ଦୂରତ୍ୱ ରକ୍ଷା କରିବା ଦିଗରେ କେଉଁ କେଉଁ କାର୍ଯ୍ୟ କରିବା ଉଚିତ୍ ଅଥବା ଅନୁଚିତ୍, ସେ ସଂପର୍କିତ ପୋଷ୍ଟର ଓ ବ୍ୟାନର ପ୍ରସ୍ତୁତ କରାଯାଇ ଶିବିରର ଉପଯୁକ୍ତ ସ୍ଥାନମାନଙ୍କରେ ପ୍ରଦର୍ଶିତ ହେବ ।
- ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ପ୍ରସ୍ତୁତ ନିୟମାବଳୀକୁ ସମସ୍ତେ କଡ଼ାକଡ଼ି ଭାବେ ପାଳନ କରିବା ଆବଶ୍ୟକ । କୌଣସି ଅନ୍ତେବାସୀ ଅସ୍ଥାୟୀ କେନ୍ଦ୍ରରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରନ୍ତି ତେବେ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଯଥା ଜିଲ୍ଲା ବାହାରର ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯିବା, ପ୍ରୋତ୍ସାହନ ରାଶି ବନ୍ଦ କରିଦିଆଯିବା ସହିତ ଆବଶ୍ୟକ ହେଲେ ତାଙ୍କୁ ଗିରଫ ମଧ୍ୟ କରାଯିବ ।

## ୧୧. ଶିକ୍ଷା ଓ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ :

- କେନ୍ଦ୍ରରେ ରହିଥିବା ଶିଶୁମାନଙ୍କୁ ହସଖୁସିରେ ରଖିବା ପାଇଁ ଅଙ୍ଗନବାଡି କର୍ମୀ ତଥା ସ୍ୱାସ୍ଥ୍ୟ କର୍ମୀ କିମ୍ବା ସ୍ଥାନୀୟ ଶିକ୍ଷକଙ୍କ ଦ୍ୱାରା ଗପ କହିବା ବ୍ୟବସ୍ଥା ଆଦି ସଂପର୍କରେ ଶିବିର ପରିଚାଳକ ପଦକ୍ଷେପ ଗ୍ରହଣ କରିପାରନ୍ତି । ବେସରକାରୀ ସଂଗଠନ ଓ ନାଗରିକ ସମାଜ ସଂଗଠନଙ୍କ ସ୍ୱେଚ୍ଛାକୃତ ସାହାଯ୍ୟରେ ଯୋଗ ଅଧିବେଶନ, ଶିଶୁମାନଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା, ଅନ୍ତାକ୍ଷରୀ, ପ୍ରେରଣାଦାୟୀ ବକ୍ତୃତା, ଗପ କହିବା, ସ୍ୱାସ୍ଥ୍ୟର ଯତ୍ନ ତଥା ସଚେତନତା ସଂପର୍କିତ ଆଲୋଚନା ଏବଂ ପ୍ରଶିକ୍ଷିତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗ୍ରହଣ କରାଯାଇପାରେ ।

## ୧୨. ଦକ୍ଷତା ବୃଦ୍ଧି :

- ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତର ନୋଡାଲ୍ ଅଫିସର, ସରପଞ୍ଚ, ପି.ଇ.ଓ., ଏବଂ ଜି.ଆର.ଏସ୍ ମାନଙ୍କୁ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ପରିଚାଳନା ସମ୍ବନ୍ଧରେ ଟିକିନିଖି ପ୍ରଶ୍ନୋତ୍ତର ଓ ଆଲୋଚନା ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଛି ।

## ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ସଠିକ ପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଜାରି ହୋଇଥିବା ପତ୍ର ସଂଖ୍ୟା ୮୩୧୭ ତା ୧୩.୫.୨୦୨୦ ଅନୁସାରେ ଦାୟିତ୍ୱ ବଣ୍ଟନ

| କ୍ର. ନଂ. | ପ୍ରସଙ୍ଗ | କାର୍ଯ୍ୟ | ଦାୟିତ୍ୱ | ପର୍ଯ୍ୟବେକ୍ଷଣ ଅଧିକାରୀ |
|---|---|---|---|---|
| ୧. | ରାନ୍ଧିବା ଓ ଖାଦ୍ୟ ବିତରଣ | • ଉତ୍ତମ ମାନର ଖାଦ୍ୟ ପ୍ରଦାନ<br>• ଠିକ ସମୟରେ ଖାଦ୍ୟ ବିତରଣ | ସରପଞ୍ଚ / ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ | ଉପଜିଲ୍ଲାପାଳ / ବି.ଡି.ଓ. / ଜିଲ୍ଲା ପଞ୍ଚାୟତ ଅଧିକାରୀ |
| ୨. | ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଦ୍ୟ ତାଲିକା | • ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଦ୍ୟ ତାଲିକା ପ୍ରସ୍ତୁତି ଓ ପ୍ରଦର୍ଶନ | ସରପଞ୍ଚ / ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ | ବି.ଡି.ଓ |
| ୩. | ପାନୀୟ ଜଳ | ଯଥେଷ୍ଟ ନିରାପଦ ପାନୀୟ ଜଳର ଉପଲବ୍ଧତା | ସରପଞ୍ଚ / ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ | କନିଷ୍ଠ ଯନ୍ତ୍ରୀ/ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ) |
| ୪. | ପରିମଳ | ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଅଞ୍ଚଳରେ ଉତ୍ତମ ମାନର ଶୌଚାଳୟ, ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ସ୍ନାନାଗାର, ଦୈନିକ ୩ଥର ସଫେଇ ଓ ଉପଯୁକ୍ତ ବର୍ଜ୍ୟବସ୍ତୁ ପରିଚାଳନା | କନିଷ୍ଠ ଯନ୍ତ୍ରୀ/ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ/ ସରପଞ୍ଚ / ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ | ବି.ଡି.ଓ/ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ-ଉପଖଣ୍ଡ) |
| ୫ | ମାସ୍କର ବ୍ୟବହାର | ଅନ୍ତେବାସୀଙ୍କ ସହ ସେବା ପ୍ରଦାନକାରୀ ବ୍ୟକ୍ତି ବିଶେଷ ମାସ୍କ ପିନ୍ଧିବା ବାଧ୍ୟତାମୂଳକ | ସରପଞ୍ଚ / ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ | ବ୍ଲକସ୍ତରୀୟ ସଞ୍ଚାଳନ କମିଟି |

| କ୍ର. ନଂ. | ପ୍ରସଙ୍ଗ | କାର୍ଯ୍ୟ | ଦାୟିତ୍ୱ | ପର୍ଯ୍ୟବେକ୍ଷଣ ଅଧିକାରୀ |
|---|---|---|---|---|
| ୬ | ବ୍ୟକ୍ତିଗତ ସ୍ୱଚ୍ଛତା | ଛେପ ପକାଇବା, ଧୂମ୍ରପାନ ଓ ତମ୍ବାଖୁ ଖାଇବା ବର୍ଜନୀୟ, କେବଳ ନିଜ ଆସବାବପତ୍ର ଓ ସାମଗ୍ରୀ ବ୍ୟବହାର କରିବା | ସରପଞ୍ଚ / ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ | ବ୍ଲକସ୍ତରୀୟ ସଞ୍ଚାଳନ କମିଟି ଏବଂ ବି.ଡି.ଓ |
| ୭ | ଅନ୍ତେବାସୀଙ୍କୁ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା କିଟ ଯୋଗାଣ | ସ୍ୱତନ୍ତ୍ର ରିଲିଫ କମିଶନର, ଓଡ଼ିଶା ପତ୍ର ସଂଖ୍ୟା ୨୩୩୨, ତା.୨୭.୦୪.୨୦୨୦ରିଖ ଆଧାରରେ ୧୩ଟି ଓ ଅନ୍ୟାନ୍ୟ ସାମଗ୍ରୀର ଉପଲବ୍ଧତା | ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ | ବି.ଡି.ଓ |
| ୮. | ପଞ୍ଜୀକୃତ ହୋଇନଥିବା ଅନ୍ତେବାସୀଙ୍କର ପଞ୍ଜୀକରଣ | ସଂପୃକ୍ତ ସ୍ଥାନରେ ପଞ୍ଜୀକରଣ | ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ | ବି.ଡି.ଓ |
| ୯. | ସୁରକ୍ଷା ପ୍ରଦାନ | ୨୪ ଘଣ୍ଟିଆ ସୁରକ୍ଷା ବନ୍ଦୋବସ୍ତ | ସରପଞ୍ଚ, ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ | ବ୍ଲକ ସ୍ତରୀୟ ସଞ୍ଚାଳନ କମିଟି, ବି.ଡି.ଓ ଏବଂ ଉପ ଜିଲ୍ଲାପାଳ |
| ୧୦. | ଆଲୋକୀକରଣ ବ୍ୟବସ୍ଥା | ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଯୁକ୍ତ ଆଲୋକୀକରରଣ ସହ ଫ୍ୟାନ ଓ ଚାର୍ଜିଂ ପୋର୍ଟର ସୁବ୍ୟବସ୍ଥା | ସରପଞ୍ଚ, ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ | ବ୍ଲକ ସ୍ତରୀୟ ସଞ୍ଚାଳନ କମିଟି, ବି.ଡି.ଓ |
| ୧୧. | ଅବସର ବିନୋଦନ | ଯୋଗ, ଭଜନ, ପ୍ରେରଣାଦାୟୀ କାହାଣୀ ବା ପ୍ରବଚନ ଆଦି କାର୍ଯ୍ୟକ୍ରମ ପାଳନ | ସରପଞ୍ଚ, ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ | ବ୍ଲକ ସ୍ତରୀୟ ସଞ୍ଚାଳନ କମିଟି, ବି.ଡି.ଓ |

| କ୍ର. ନଂ. | ପ୍ରସଙ୍ଗ | କାର୍ଯ୍ୟ | ଦାୟିତ୍ୱ | ପର୍ଯ୍ୟବେକ୍ଷଣ ଅଧିକାରୀ |
|---|---|---|---|---|
| ୧୨. | ବ୍ୟବହାରିକ ଅଭିମୁଖୀକରଣ | ସହାନୁଭୂତି, ଭଲ ପାଇବା, ସ୍ନେହ ଓ ମର୍ଯ୍ୟାଦାର ସହ ଫେରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଉପଯୁକ୍ତ ବ୍ୟବହାର ପ୍ରଦର୍ଶନ | ସରପଞ୍ଚ, ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ | ବ୍ଲକ ସ୍ତରୀୟ ସଞ୍ଚାଳନ କମିଟି, ବି.ଡି.ଓ |
| ୧୩ | ସାମାଜିକ ଦୂରତ୍ୱ | ଶଯ୍ୟାର ବ୍ୟବସ୍ଥା, ଖାଦ୍ୟ ବିତରଣ ଏବଂ ଦୈନନ୍ଦିନ କାର୍ଯ୍ୟ ସଂପାଦନ ସମୟରେ ସାମାଜିକ ଦୂରତ୍ୱ ନିୟମର ଅନୁପାଳନ | ସରପଞ୍ଚ, ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ | ବ୍ଲକ ସ୍ତରୀୟ ସଞ୍ଚାଳନ କମିଟି |

## କଥା କେଇପଦ ମାନିଲେ ଭାଇ, କରୋନା ନିଶ୍ଚୟ ଯିବ ଦୂରେଇ

ନିମ୍ନ ଲିଖିତ ବିଷୟବସ୍ତୁ ସମସ୍ତ ଅନ୍ତେବାସୀଙ୍କ ଅବଗତି ନିମନ୍ତେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ନୋଟିସ୍ ବୋର୍ଡରେ ମରାଯିବ

| କରନ୍ତୁ : | କରନ୍ତୁ ନାହିଁ : |
|---|---|
| ୧. ନିଜ ନିଜ ଭିତରେ ୨ ମିଟର ଦୂରତା ରଖନ୍ତୁ । | ୧. ମୁହଁ, ନାକ ଓ ଆଖିରେ ହାତ ମାରନ୍ତୁ ନାହିଁ । |
| ୨. ସବୁବେଳେ ମାସ୍କ ପିନ୍ଧନ୍ତୁ । | ୨. ଅନ୍ୟର ବିଛଣା ପାଖକୁ ଯାଆନ୍ତୁ ନାହିଁ ଓ ଅନ୍ୟର ଜିନିଷ (ବିଛଣା, ଲୁଗାପଟା, ବାସନ, ମୋବାଇଲ ଆଦି) ବ୍ୟବହାର କରନ୍ତୁ ନାହିଁ । |
| ୩. ହାତକୁ ସାବୁନ ଓ ପାଣିରେ ଭଲଭାବେ ଧୁଅନ୍ତୁ । | ୩. ଶିବିର ବାହାରକୁ ଯାଆନ୍ତୁ ନାହିଁ କିମ୍ବା ଶିବିରକୁ କାହାକୁ ଡାକନ୍ତୁ ନାହିଁ । |
| ୪. ଜ୍ୱର, କାଶ, ସର୍ଦ୍ଦି, ନିଶ୍ୱାସରେ କଷ୍ଟ ଆଦି ହେଲେ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଜଣାନ୍ତୁ । | ୪. ଛେପ ଖଙ୍କାର ଏଣେତେଣେ ପକାନ୍ତୁ ନାହିଁ । |
| ୫. ନିଜେ ପରିଷ୍କାର ରୁହନ୍ତୁ ଏବଂ ପରିବେଶ ପରିଷ୍କାର ରଖନ୍ତୁ । | ୫. ନିଜ ସାଥିରେ ଆଣିଥିବା ଜିନିଷ, ଲୁଗାପଟା, ଉପହାର ଆଦି ଘରକୁ ପଠାନ୍ତୁ ନାହିଁ କିମ୍ବା ଅନ୍ୟ କାହାକୁ ଦିଅନ୍ତୁ ନାହିଁ । |

# କୋଭିଡ଼-୧୯ - ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିଚାଳନା

କୋଭିଡ-୧୯ ସଂକ୍ରମଣ ସମୟରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ଗ୍ରାମପଞ୍ଚାୟତ । ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରବାସୀଙ୍କ ସଙ୍ଗରୋଧ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟର ତଦାରଖ ଭାର ଗ୍ରାମପଞ୍ଚାୟତର ଉପରେ ନ୍ୟସ୍ତ ରହିଛି । ଏହି ମହାମାରୀ ସମୟରେ ମଧ୍ୟ ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା କାର୍ଯ୍ୟକାରୀ ହେଉଛି । ସାଧାରଣ ଲୋକେ ବିଭିନ୍ନ ସୂଚନା ନିମନ୍ତେ ଗ୍ରାମପଞ୍ଚାୟତକୁ କାର୍ଯ୍ୟାଳୟକୁ ଆସିବେ । ସରପଞ୍ଚ ଓ ଗ୍ରାମପଞ୍ଚାୟତର ଅନ୍ୟାନ୍ୟ ଅଧିକାରୀଙ୍କୁ ମଧ୍ୟ କ୍ଷେତ୍ର ପରିଦର୍ଶନ କରିବାକୁ ପଡିପାରେ । ତେଣୁ ଏହି ସମୟରେ କିପରି କାର୍ଯ୍ୟସ୍ଥଳୀ ପରିଚାଳନା କରିବେ ସେ ନେଇ କେତେକ ନିୟମାବଳୀ ଉପରେ ଧ୍ୟାନ ଦେବା ନିହାତି ଆବଶ୍ୟକ ।

### କାର୍ଯ୍ୟାଳୟକୁ ବାହାରିବା ପୂର୍ବରୁ କଣ କରିବେ ?

- ନିଜ ସାଥୀରେ ଗୋଟିଏ ଅତିରିକ୍ତ ମାସ୍କ ଓ ସାନିଟାଇଜର ନିଅନ୍ତୁ ।
- ସମସ୍ତ ଅଧିକାରୀ ଯଥାସମ୍ଭବ ନିଜ ସାଙ୍ଗରେ ଖାଦ୍ୟ, ଔଷଧ ନେଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଯାଆନ୍ତୁ ।
- ଯେଉଁମାନେ ସର୍ବସାଧାରଣ ପରିବହନ ଉପରେ ନିର୍ଭରଶୀଳ, ସେମାନେ ନିଜର ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହିଅନ୍ତୁ ।
- ମୋବାଇଲ ଫୋନ, ଲ୍ୟାପଟପ ଓ ସେହିଭଳି କିଛି ବ୍ୟକ୍ତିଗତ ସାମଗ୍ରୀକୁ ଅନ୍ୟମାନଙ୍କୁ ବ୍ୟବାହର କରିବାକୁ ଦିଅନ୍ତୁ ନାହିଁ ।

### ଜନସାଧାରଣ ବା କର୍ମଚାରୀ ବା ନିର୍ବାଚିତ ପ୍ରତିନିଧି କାର୍ଯ୍ୟାଳୟରେ ପ୍ରବେଶ ପୂର୍ବରୁ ଗ୍ରାମପଞ୍ଚାୟତ ଭୂମିକା କଣ ରହିବ ?

- କାର୍ଯ୍ୟାଳୟ ଗୃହରେ ପ୍ରବେଶ ପୂର୍ବରୁ ହାତ ଧୋଇବାର ସୁବନ୍ଦୋବସ୍ତ ସହ ସାବୁନ ଓ ପଯ୍ୟାପ୍ତ ପରିମାଣରେ ପାଣି ରହିବା ଆବଶ୍ୟକ ।
- ସମସ୍ତ ବ୍ୟକ୍ତିବିଶେଷ ଯେପରି ସହଜରେ ହାତ ଧୋଇବା ସ୍ଥାନଟିରେ ପହଂଚିପାରିବେ, ସେ ନେଇ ଦୃଷ୍ଟି ଦେବା ଜରୁରୀ ।
- ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଥିବା କର୍ମଚାରୀ ଓ ଆଗନ୍ତୁକଙ୍କୁ ପୋଷ୍ଟର ଚିତ୍ର ମାଧ୍ୟମରେ ହାତ ଧୋଇବା ପାଇଁ ସଚେତନ କରାଇବେ ।
- କାର୍ଯ୍ୟସ୍ଥଳୀର ପ୍ରମୁଖ ସ୍ଥାନମାନଙ୍କରେ ସାନିଟାଇଜର ରଖିବେ । ସାନିଟାଇଜର ଶେଷ ହେବା ସଙ୍ଗେ ସଙ୍ଗେ ତାହକୁ ପୁଣି ଭର୍ତି କରାଇବେ ।
- କାର୍ଯ୍ୟାଳୟ ଫାଟକ ବାହାରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହଭାଗୀତାରେ ମାସ୍କ ବିକ୍ରି କରିପାରିବେ ।
- ବିନା ମାସ୍କରେ କାହାରିକୁ ବି କାର୍ଯ୍ୟାଳୟ ବା ହତା ମଧ୍ୟକୁ ପ୍ରବେଶ ଅନୁମତି ଦିଆଯିବ ନାହିଁ ।

- ମାସ୍କ, ସାମାଜିକ ଦୂରତ୍ୱ ରକ୍ଷା ସହ କାର୍ଯ୍ୟାଳୟକୁ ଆସୁଥିବା ବରିଷ୍ଠ ନାଗରିକ, ମହିଳା ଓ ଶିଶୁଙ୍କୁ ଅଗ୍ରାଧିକାର ଦିଆଯିବା ଉଚିତ୍ ।

## କାର୍ଯ୍ୟାଳୟ ପରିସରରେ କଣ ସବୁ ନିୟମ ଅନୁପାଳନ ହେବ ?

- କାର୍ଯ୍ୟାଳୟ ପରିସରରେ ପରଷ୍କାର ଓ ପରିଚ୍ଛନତାକୁ ସୁନିଶ୍ଚିତ କରନ୍ତୁ ।
- ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଥିବା ବିଭିନ୍ନ ବସ୍ତୁ ଯଥା ଡେସ୍କ, ଟେବୁଲ ଏବଂ ଟେଲିଫୋନ, କିବୋର୍ଡକୁ ନିୟମିତ ବିଶୋଧନ କରନ୍ତୁ । (ପ୍ରତି ୪ ଘଣ୍ଟାରେ ଥରେ)
- ଏହା ସହ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ସମସ୍ତ ସ୍ଥାନ (ସଭାକକ୍ଷ, ଖୋଲା ଓ ସର୍ବସାଧାରଣ ସ୍ଥାନ)କୁ ପରିଷ୍କାର ରଖିବା ସହ ନିୟମିତ ବିଶୋଧିତ କରନ୍ତୁ ।
- ବାରମ୍ବାର ସ୍ପର୍ଶ କରୁଥିବା ସ୍ଥାନ ଯେପରିକି ରେଲିଂ, କବାଟ, ହ୍ୟାଣ୍ଡେଲ, ଭିତର ବାରଣ୍ଡା ଏବଂ ଅଭ୍ୟର୍ଥନା ପ୍ରକୋଷ୍ଠ ଆଦି ନିୟମିତ ଅନ୍ତରାଳରେ ପରିଷ୍କାର ଓ ବିଶୋଧନ କରିବା ନିମନ୍ତେ ପଦକ୍ଷେପ ନିଅନ୍ତୁ ।
- ଏହି ସବୁ ଦ୍ରବ୍ୟକୁ ବାରମ୍ବାର ସ୍ପର୍ଶରୁ ନିବୃତ୍ତ ରହିବା ପାଇଁ କବାଟ ଖୋଲା ରଖିବାକୁ ଚେଷ୍ଟା କରନ୍ତୁ ।
- କର୍ମଚାରୀ ବା ଆଗନ୍ତୁକଙ୍କ ଥଣ୍ଡା ଓ କାଶକୁ ଆଖିରେ ରଖି ସବୁ ସ୍ଥାନରେ ଅବଶୋଷକ କାଗଜ (ଟିସ୍ୟୁ ପେପର) ଉପଲବ୍ଧ କରାଇବା ସହ ଢାଙ୍କୁଣୀ ଥିବା ଡଷ୍ଟବିନ୍ ରଖନ୍ତୁ ।
- କାର୍ଯ୍ୟସ୍ଥଳୀରେ ଜଣେ କର୍ମଚାରୀ ଅନ୍ୟ ଜଣଙ୍କ ଠାରୁ ୪ରୁ ୫ ମିଟର ବ୍ୟବଧାନରେ ବସିବାର ବ୍ୟବସ୍ଥା କରନ୍ତୁ ଏବଂ ଅଧିକାରୀମାନେ ଆଗନ୍ତୁକଙ୍କ ଠାରୁ ଅତି କମ୍‌ରେ ୧ ମିଟର ଦୂରତା ରକ୍ଷା କରନ୍ତୁ । ଏଥିନିମନ୍ତେ କେତେକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସେମାନଙ୍କ କର୍ମଚାରୀଙ୍କ ବସିବା ବ୍ୟବସ୍ଥାରେ ସଂପୂର୍ଣ୍ଣ ପରିବର୍ତ୍ତନ ଆଣିବାକୁ ପଡିପାରେ । ଯେଉଁ ସ୍ଥାନରେ ଏଭଳି ପରିବର୍ତ୍ତନ କରାଯାଇପାରିବ ନାହିଁ ସେହି କ୍ଷେତ୍ରରେ କର୍ମକର୍ତ୍ତାଙ୍କୁ ଭିନ୍ନ ଭିନ୍ନ ସମୟରେ କାର୍ଯ୍ୟାଳୟକୁ ଆସିବାକୁ ପରାମର୍ଶ ଦିଆଯାଇପାରେ ଅଥବା କାର୍ଯ୍ୟାଳୟପରିସରରେ ଥିବା ଛୋଟ ସମ୍ମିଳନୀ କକ୍ଷକୁ କାର୍ଯ୍ୟାଳୟ ଭାବେ ବ୍ୟବହାର କରାଯାଇପାରେ ।
- ୧୦ ଫୁଟରେ ୧୦ ଫୁଟ ଆକାରର ପ୍ରକୋଷ୍ଠରେ ଏକ ନିର୍ଦ୍ଦିଷ୍ଟ ସମୟରେ ୪-୫ ଜଣରୁ ଅଧିକ ବ୍ୟକ୍ତିଙ୍କୁ ଭିତରକୁ ପ୍ରବେଶ ଅନୁମତି ଦିଅନ୍ତୁ ନାହିଁ ।
- ବାୟୁ ଚଳାଚଳ ନିମନ୍ତେ ପ୍ରକୋଷ୍ଠର ସମସ୍ତ ଝରକା ଓ କବଟ ଖୋଲା ରଖନ୍ତୁ ।

## ସଭା ଓ ସମ୍ମିଳନୀ ନିମନ୍ତେ ନିୟମାବଳୀ

- ବୈଠକରେ ସ୍ଥାନ, ଉଦ୍ଦେଶ୍ୟ ଓ କେତେ ଜଣ ଯୋଗଦେବେ ତାହା ସତର୍କତାର ସହ ଯୋଜନା କରନ୍ତୁ ।

- ସମସ୍ତ ଅଂଶଗ୍ରହଣକାରୀଙ୍କ ନିମନ୍ତେ ଯଥେଷ୍ଟ ପରିମାଣର ଅବଶୋଷକ କାଗଜ (ଟିସ୍ୟୁ ପେପର) ଓ ସାନିଟାଇଜର ମହଜୁଦ ରଖନ୍ତୁ ।
- ଅସୁସ୍ଥ ଅନୁଭବ କରୁଥିବା ବ୍ୟକ୍ତିଙ୍କୁ ବୈଠକରେ ଅଂଶଗ୍ରହଣ ନକରିବାକୁ ପରାମର୍ଶ ଦିଅନ୍ତୁ ।
- ବୈଠକରେ ଯୋଗ ଦେଇଥିବା ସମସ୍ତ ଅଂଶଗ୍ରହଣକାରୀ ସେମାନଙ୍କର ସଂପୂର୍ଣ୍ଣ ତଥ୍ୟ ଯେପରିକି ନାମ, ଫୋନ ନମ୍ବର, ଇ-ମେଲ ଓ ସେମାନେ ରହୁଥିବା ଘରର ଠିକଣା ଆଦିକୁ ଲିପିବଦ୍ଧ କରି ରଖନ୍ତୁ । ଏହି ସଂକ୍ରାମକ ରୋଗର ଲକ୍ଷଣ ସହ ଯଦି କେହି ଅଂଶଗ୍ରହଣକାରୀ ହଠାତ୍ ଅସୁସ୍ଥ ହୋଇପଡନ୍ତି ସ୍ଥାନୀୟ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସମ୍ପୃକ୍ତ ବ୍ୟକ୍ତିଙ୍କର ତଥ୍ୟ ପ୍ରଦାନ କରନ୍ତୁ । ଉପରୋକ୍ତ ତଥ୍ୟ ପ୍ରଦାନରେ ଅନିଚ୍ଛା ପ୍ରକାଶ କରୁଥିବା ଅଂଶଗ୍ରହଣକାରୀ ବୈଠକରେ ଯୋଗ ଦେବାକୁ ଅନୁମତି ପ୍ରଦାନ କରନ୍ତୁ ।
- ଅଂଶଗ୍ରହଣକାରୀଙ୍କ ବସିବା ବ୍ୟବସ୍ଥାରେ ଅତି କମରେ ୧ ମିଟର ବ୍ୟବଧାନ ରଖନ୍ତୁ । ଅଧିକାଂଶ ସଭା କକ୍ଷର ସାମର୍ଥ୍ୟର ୩୦-୫୦ ପ୍ରତିଶତ ସ୍ଥାନ ବ୍ୟବହାର କରାଯିବା ଉଚିତ୍ । ବୈଠକ ସ୍ଥଳରେ ବାୟୁ ଚଳାଚଳ ନିମନ୍ତେ ସଭା କକ୍ଷର ସମସ୍ତ କବାଟ, ଝରକା ଖୋଲାରହିବ ।

## କ୍ଷେତ୍ର ପରିଦର୍ଶନ

- କ୍ଷେତ୍ର ପରିଦର୍ଶନ ବା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବାବେଳେ ସାଙ୍ଗରେ ମାସ୍କ, ପାଣି ବୋତଲ, ସାନିଟାଇଜର ଆଦି ନିଅନ୍ତୁ ।
- ଗ୍ରାମପଞ୍ଚାୟତ ସ୍ତରୀୟ ସମସ୍ତ ଅଧିକାରୀ ନିୟମିତ ଭାବେ ସେମାନଙ୍କ ହାତ ଧୁଆକୁ ସୁନିଶ୍ଚିତ କରିବେ ଏବଂ ଜନସାଧାରଣଙ୍କ ସହ ଆଲୋଚନା କରିବା ସମୟରେ ଅନ୍ୟୁନ ୧ ମିଟର ଦୂରତା ରକ୍ଷା କରିବେ ।






# ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆହ୍ୱାନ - ଗ୍ରାମପଞ୍ଚାୟତର ଭୂମିକା

କରୋନା ସଂକ୍ରମଣ ପ୍ରତିରୋଧ ନିମନ୍ତେ କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ଓ ସ୍ଥାନୀୟ ସରକାର ପର୍ଯ୍ୟନ୍ତ ସବୁ ସ୍ତରରେ ଉଦ୍ୟମ ଜାରି ରହିଛି । ଗ୍ରାମାଞ୍ଚଳରେ ଏଥି ନିମନ୍ତେ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କରୋନା ମହାମାରୀ ଜନିତ ଗ୍ରାମପଞ୍ଚାୟତ ସ୍ତରରେ ବିଭିନ୍ନ ଆହ୍ୱାନଗୁଡ଼ିକର ସଫଳ ମୁକାବିଲା ପାଇଁ ନିମ୍ନଲିଖିତ ପଦକ୍ଷେପ ନିଆଯାଇ ପାରିବ ।

- ସଂକ୍ରମଣକୁ ରୋକିବା ପାଇଁ ବିଶେଷ କରି ସାମାଜିକ ଦୂରତ୍ୱ ରଖିବା, ମାସ୍କ ବ୍ୟବହାର, ସାବୁନ୍ କିମ୍ବା ସାନିଟାଇଜର୍‌ରେ ହାତଧୋଇବା ସମ୍ବନ୍ଧରେ ନିରନ୍ତର ଭାବରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ।
- ସର୍ବସାଧାରଣ ସ୍ଥାନ ଯଥା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର, ପଞ୍ଚାୟତ ଅଫିସ, ଅଙ୍ଗନୱାଡ଼ି କେନ୍ଦ୍ର, ବିଦ୍ୟାଳୟ, ସ୍ୱାସ୍ଥ୍ୟ ଉପକେନ୍ଦ୍ର ତଥା ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ସଫେଇ ଓ ପରିଷ୍କାର ପରିଚ୍ଛନ୍ନତା ।
- ଗ୍ରାମପଞ୍ଚାୟତ ସ୍ତରରେ ଡାଟାବେସ୍ ପରିଚାଳନା (କରୋନା ପଜିଟିଭ୍ ବ୍ୟକ୍ତି, ଫେରିବାକୁ ଚାହୁଁଥିବା ପ୍ରବାସୀ, ଟିଏମ୍‌ସି ପରିଚାଳନା ଦାୟିତ୍ୱରେ ଥିବା କର୍ମକର୍ତ୍ତା, ସ୍ୱାସ୍ଥ୍ୟ ବିଭାଗୀୟ କର୍ମକର୍ତ୍ତା, ସଂଗରୋଧରେ ଥିବା ବ୍ୟକ୍ତି ଇତ୍ୟାଦି) ।
- ନୀୟମିତ ଭାବରେ ସଫେଇ କାର୍ଯ୍ୟ ବିଶେଷ କରି ଗ୍ରାମର ବର୍ଜ୍ୟବସ୍ତୁ ନିଷ୍କାସନ ଓ ପରିଚାଳନା ।
- ଗୁରୁତର ଭାବେ ପିଡିତ ଥିବା ଲୋକମାନଙ୍କର ଚିହ୍ନଟକରଣ ।
- ଗ୍ରାମପଞ୍ଚାୟତର ସ୍ୱାସ୍ଥ୍ୟ, ମହିଳା ଓ ଶିଶୁକଲ୍ୟାଣ ସ୍ଥାୟୀ କମିଟିକୁ ସକ୍ରିୟ କରି ସ୍ୱାସ୍ଥ୍ୟ ସମ୍ବନ୍ଧରେ ନିୟମିତ ଅନ୍ତରାଳରେ ସମୀକ୍ଷା କରି ପଦକ୍ଷେପ ସୁପାରିଶ ପାଇଁ ଦାୟିତ୍ୱ ଦେବା ।
- ମହାମାରୀକୁ ରୋକିବା ପାଇଁ ସରକାରଙ୍କ ଦ୍ୱାରା ଜାରି କରାଯାଉଥିବା ବିଭିନ୍ନ କଟକଣାକୁ ପାଳନ କରିବା ।
- ବରିଷ୍ଠ ନାଗରିକ ତଥା ଅସୁରକ୍ଷିତ ବର୍ଗର ବ୍ୟକ୍ତିବିଶେଷଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବା
- ଗ୍ରାମପଞ୍ଚାୟତ ତରଫରୁ କରୋନା ସଂକ୍ରମିତ ଏବଂ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ସଙ୍ଗରୋଧ କରିବା ନିମନ୍ତେ ସରକାରଙ୍କ ନିର୍ଦ୍ଦେଶମତେ ସମସ୍ତ ଅତ୍ୟାବଶ୍ୟକୀୟ ସୁବିଧା ଯଥା ଖାଦ୍ୟ, ଶଯ୍ୟା, ବେଡ୍‌ସିଟ୍, ଶୌଚାଳୟ, ପିଇବା ପାଣି, ବିଦ୍ୟୁତ୍ ସେବା ଏବଂ ପରିମଳ ସମ୍ବନ୍ଧୀୟ ବ୍ୟବସ୍ଥା ଥାଇ ଅସ୍ଥାୟୀ
- ତୀକ୍ଷ୍ଣ ନଜରରେ ଥିବା ସନ୍ଦିଗ୍ଧ ବ୍ୟକ୍ତିଙ୍କ କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କୁ ସାହାଯ୍ୟ କରନ୍ତୁ । ସନ୍ଦେହଜନକ ହୋଇଥିଲେ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ରିପୋର୍ଟ କରନ୍ତୁ ।
- ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବାହାର ରାଜ୍ୟରୁ ଆସି ଗ୍ରାମପଞ୍ଚାୟତ ଅଞ୍ଚଳରେ ଅଟକି ଯାଇଥିବା ଶ୍ରମିକମାନଙ୍କୁ ରନ୍ଧାଖାଦ୍ୟ ଦେଇ ସେମାନଙ୍କୁ ଯଥା ସହଯୋଗ ପ୍ରଦାନ କରିବେ ।
- ସାମାଜିକ ନିରାପତ୍ତା ଏବଂ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମରେ ତାଲିକାଭୁକ୍ତ ସମସ୍ତ ହିତାଧିକାରୀଙ୍କୁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଆଗୁଆ ଭତ୍ତା, ରାସନ୍ ଏବଂ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରିବେ ।
- ଗ୍ରାମପଞ୍ଚାୟତ ଅଞ୍ଚଳରେ ଥିବା ନିସହାୟ, ଭିକାରୀ ଏବଂ ଅସହାୟ ଲୋକମାନଙ୍କୁ ତାଲାବନ୍ଦ (ଲକ୍ ଡାଉନ୍) ସମୟରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ମାଗଣାରେ ଦୁଇ ବେଳା ରନ୍ଧା ଖାଦ୍ୟ ଯୋଗାଇବେ ।

## କୋଭିଡ୍-୧୯ (କରୋନା) ଭୂତାଣୁ ସଂକ୍ରମଣ ସମ୍ବନ୍ଧରେ କିଛି ଜାଣିବା କଥା

### ସାଧାରଣ ଲକ୍ଷଣ :

୧. ଜ୍ୱର, କାଶ ଏବଂ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ।

୨. କେତେକ ରୋଗୀଙ୍କ ପାଖରେ ଏହିଭଳି ଲକ୍ଷଣ ଯଥା ଶରୀର ବ୍ୟଥା, ନାକ ବନ୍ଦ ହୋଇଗଲା ଭଳି ଲାଗିବା, ନାକରୁ ପାଣି ବାହାରିବା, ଗଳା ଦରଜ କିମ୍ବା ଝାଡ଼ା ବାନ୍ତି ହେବାର ଦେଖାଯାଇଥାଏ । ପ୍ରଥମେ ଏହି ଲକ୍ଷଣ କମ୍ ଦେଖାଯାଇ ଧିରେ ଧିରେ ବୃଦ୍ଧି ପାଏ ।

୩. କେତେକ ବ୍ୟକ୍ତି ସଂକ୍ରମଣ ହୋଇଥିଲେ ମଧ୍ୟ ଲକ୍ଷଣ ଦେଖାଯାଏ ନାହିଁ କିମ୍ବା ଅସୁସ୍ଥ ଅନୁଭବ କରନ୍ତି ନାହିଁ । ଅଧିକାଂଶ ଲୋକ (ପ୍ରାୟ ୮୦ ପ୍ରତିଶତ) କୌଣସି ସ୍ୱତନ୍ତ୍ର ଭାବରେ ଚିକିତ୍ସା ନହୋଇ ମଧ୍ୟ ଏଥିରୁ ସୁସ୍ଥ ହୋଇଥାଆନ୍ତି ।

୪. ସାଧାରଣତଃ ମଣିଷ ଦେହରେ ଏହି ଭୂତାଣୁ ୨ ରୁ ୧୪ ଦିନ ମଧ୍ୟରେ ବହୁଗୁଣିତ ହୋଇ ଲକ୍ଷଣ ପ୍ରକାଶ କରିଥାଏ । ବେଳେବେଳେ ଏହାର ଲକ୍ଷଣ ପ୍ରକାଶ ପାଇଁ ଅଧିକ ସମୟ ନେଇଥାଏ । ଏହି ସମୟ ମଧ୍ୟରେ ଅନ୍ୟ ଲୋକଙ୍କୁ ସଂକ୍ରମିତ ହେବାର ସମ୍ଭାବନା ଅଧିକ ଥାଏ ।

### କୋଭିଡ୍-୧୯ ସଂକ୍ରମଣ କିପରି ହୁଏ ?

୧. ସଂକ୍ରମିତ ହୋଇଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲେ ଏହି ରୋଗ ସଂକ୍ରମଣ ହୋଇଥାଏ । ନାକ ଓ ପାଟିରୁ ବାହାରୁଥିବା କ୍ଷୁଦ୍ର କଣିକା (ଡ୍ରପ୍‌ଲେଟ୍) ଯାହା ବ୍ୟକ୍ତିର ଚାରିପାଖରେ ଥିବା କୌଣସି ବସ୍ତୁ କିମ୍ବା ବାହ୍ୟ ପଦାର୍ଥ ଜରିଆରେ ଗୋଟିଏ ବ୍ୟକ୍ତିଙ୍କ ଠାରୁ ଅନ୍ୟ ଜଣକୁ ସଂକ୍ରମଣ ବ୍ୟାପିଥାଏ ।

୨. ଅଧ୍ୟୟନରୁ ଜଣାଯାଏ ଯେ କରୋନା ଭୂତାଣୁ କୌଣସି ବସ୍ତୁ କିମ୍ବା ବାହ୍ୟ ପଦାର୍ଥ ଉପରେ କିଛି ଘଣ୍ଟା କିମ୍ବା ଅନେକ ଦିନ ପର୍ଯ୍ୟନ୍ତ ଜୀବନ୍ତ ହୋଇ ରହିଥାଏ । ଏହା ବିଭିନ୍ନ ପରସ୍ଥିତି ଯଥା ତାପମାତ୍ରା, ପରିବେଶର ଆଦ୍ରତା, ବସ୍ତୁର ପ୍ରକାରଭେଦ ଅନୁସାରେ ପରିବର୍ତ୍ତନ ହୋଇଥାଏ ।

୩. ଅନ୍ୟ ଲୋକମାନେ ଯେତେବେଳେ ଏହିଭଳି ବସ୍ତୁର ସଂସ୍ପର୍ଷରେ ଆସି ସେମାନଙ୍କର ନିଜର ଆଖି, ନାକ ବା ପାଟିକୁ ଛୁଅଁନ୍ତି, ଭୂତାଣୁ ସେମାନଙ୍କ ଦେହକୁ ଯାଇ ସଂକ୍ରମିତ କରିଥାଏ ।

୪. କୋଭିଡ୍-୧୯ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା କୌଣସି ବ୍ୟକ୍ତିର କାଶ କିମ୍ବା, ନିଶ୍ୱାସରୁ ବାହାରୁଥିବା କ୍ଷୁଦ୍ରକଣିକା (ଡ୍ରପ୍‌ଲେଟ୍)କୁ କୌଣସି ସୁସ୍ଥ ଲୋକ ପ୍ରଶ୍ୱାସ ନେବା ଦ୍ୱାରା ଗ୍ରହଣ କଲେ ଏହି ରୋଗ ବ୍ୟାପିଥାଏ ।

୫. ଲକ୍ଷଣ ନଥିବା କୋଭିଡ୍-୧୯ ରୋଗୀଙ୍କ ଠାରୁ ସଂକ୍ରମଣ ଆଶା କମ୍ ଥାଏ । ପରନ୍ତୁ ଅଧିକାଂଶ କୋଭିଡ୍-୧୯ ସଂକ୍ରମିତ ଲୋକଙ୍କ ଠାରେ ମୃଦୁ ଲକ୍ଷଣ ଦେଖାଯାଇଥାଏ ଏବଂ ଏହା ମୁଖ୍ୟତଃ ରୋଗର ପ୍ରାରମ୍ଭିକ ପର୍ଯ୍ୟାୟ ହୋଇଥାଏ ।

୬. କୋଭିଡ୍-୧୯ ଲକ୍ଷଣ ଦେଖାଯାଉନଥିଲେ ମଧ୍ୟ ଅଧିକାଂଶ ଲୋକଙ୍କ ଠାରେ ପରୀକ୍ଷା ପରେ ପଜିଟିଭ୍ ଫଳାଫଳ ଆସୁଛି । ସୁତରାଂ ଅଳ୍ପ କାଶ କିମ୍ବା ଅସୁସ୍ଥ ଅନୁଭବ କରୁନଥିବା ଲୋକଙ୍କ ଠାରୁ ମଧ୍ୟ କୋଭିଡ୍-୧୯ ସଂକ୍ରମଣ ହେବାର ସମ୍ଭାବନା ରହିଛି ।

୭. ସେଥି ନିମନ୍ତେ ପ୍ରତ୍ୟେକ ବ୍ୟକ୍ତିଙ୍କ ଠାରୁ ବିଶେଷ କରି ଅସୁସ୍ଥ ଲୋକଙ୍କ ଠାରୁ ଗୋଟିଏ ମିଟର ଦୂରତାରେ ରହିବା ଆବଶ୍ୟକ ।

# ପରିମଳ, ପିଇବା ପାଣି ତଥା ବର୍ଜ୍ୟବସ୍ତୁ ପରିଚାଳନା

କୋଭିଡ୍-୧୯ ସଂକ୍ରମଣର ପ୍ରତିରୋଧ ନିମନ୍ତେ ମାନବ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ନିରାପଦ ଜଳ, ପରିମଳ ଏବଂ ସ୍ୱଚ୍ଛତା ଭଳି ଅବସ୍ଥାର ଆବଶ୍ୟକତା ରହିଛି । ଗୋଷ୍ଠୀ ବା ଲୋକ ସମାବେଶ ସ୍ଥାନରେ ଏବଂ ସର୍ବ ସାଧାରଣ ସ୍ଥାନ ମାନଙ୍କରେ ଉତ୍ତମ ଓ କ୍ରମାଗତ ଭାବେ ସଫା ବା ପରିଷ୍କାର ରଖିବା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସକୁ ନିଶ୍ଚିତ କରିବା, କୋଭିଡ୍-୧୯ ଭୂତାଣୁ ସଂକ୍ରମଣକୁ ରୋକିବାରେ ସହାୟକ ହୋଇଥାଏ । ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଓ ମୌଳିକ ସେବା ପ୍ରଦାନ କରିବାରେ ଗ୍ରାମ ପଞ୍ଚାୟତର ସାମ୍ବିଧାନିକ ଦାୟିତ୍ୱ ରହିଛି ।

## କୋଭିଡ୍ ପରିସ୍ଥିତିରେ ହାତ ଧୋଇବା ସମ୍ବନ୍ଧୀୟ ମୁଖ୍ୟ ଆହ୍ୱାନ

- ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସୁରକ୍ଷା, ଜୈବିକ ଆବଶ୍ୟକତା ଓ ଅନ୍ୟାନ୍ୟ ଆବଶ୍ୟକୀୟ ଉପୃତ୍ତିସ୍ଥଳ ଗୁଡ଼ିକର ସଠିକ୍ କାର୍ଯ୍ୟକାରିତା ନିମିତ୍ତ ପର୍ଯ୍ୟାପ୍ତ ପରିମାଣର ଜଳ ଯୋଗାଣକୁ ନିଶ୍ଚିତ କରିବା ।
- ଯେଉଁ ଯାଗାରେ ଷ୍ଟାଣ୍ଡ ପୋଷ୍ଟ କିମ୍ବା ହ୍ୟାଣ୍ଡ ପମ୍ପର ସଂଖ୍ୟା କମ୍ ରହିଛି, ସେହି ସ୍ଥାନଗୁଡ଼ିକରେ ସାମାଜିକ ଦୂରତାକୁ ସୁନିଶ୍ଚିତ କରିବା । (ମୁଖ୍ୟତଃ ପାନୀୟ ଜଳ ସମ୍ପଦ ଓ ଜଳର ଗୁଣବତ୍ତା ଦୃଷ୍ଟିକୋଣରୁ) ।
- ଏହି ରୋଗ ସଂକ୍ରମଣକୁ ପ୍ରତିହତ କରିବା ଲାଗି ଲୋକଙ୍କ ଖୋଲା ପଡ଼ିଆରେ ମଳତ୍ୟାଗ ପାଇଁ ବାରଣ କରାଯାଇଛି ଓ ଏହାର ମୁକାବିଲା ପାଇଁ ଅନୁଷ୍ଠାନ ଗୁଡ଼ିକରେ ସର୍ବ ସାଧାରଣଙ୍କ ଲାଗି ଉଦ୍ଦିଷ୍ଟ ପାଇଖାନା, ଗୃହ ପାଇଖାନାଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣର ଜଳ ଯୋଗାଣ ବ୍ୟବସ୍ଥା କରିବା ।
- ଯେଉଁ ଗୃହଗୁଡ଼ିକୁ ସଙ୍ଗରୋଧ ଗୃହଭାବେ ଚିହ୍ନିତ ହୋଇଛି, ସେଠାରେ ଜଳଯୋଗାଣ, ପରିମଳ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଧାନ୍ୟ ଦେବା ।
- ସର୍ବସାଧାରଣଙ୍କୁ ଏହି ସମ୍ବନ୍ଧୀୟ ତଥ୍ୟକୁ ଅବଗତ କରିବା ଲାଗି ବିଭିନ୍ନ ଉପାୟ ତଥା ପଦକ୍ଷେପ ଗ୍ରହଣ କରିବା ।

## ପାନୀୟ ଜଳ, ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନାରେ ଗୋଷ୍ଠୀ ଓ ଗ୍ରାମ ପଞ୍ଚାୟତ ସ୍ତରରେ ପ୍ରସ୍ତୁତି

### ଜଳଯୋଗାଣ :

- ଜଳ ଉତ୍ସ / ପାଇପ୍ ମାଧ୍ୟମରେ ଜଳଯୋଗାଣ ପାଇଁ ବ୍ଲକ୍ ଓ ଆର.ଡ଼ବ୍ଲ୍ୟୁ.ଏସ୍.ଏସ୍ ବିଭାଗ ମଧ୍ୟରେ ସମନ୍ୱୟତା ରକ୍ଷା କରିବା । ପଞ୍ଚାୟତ ଓ ଆର୍.ଡବ୍ଲ୍ୟୁ.ଏସ୍.ଏସ୍ ଦ୍ୱାରା ପରିଚାଳିତ ନଳକୂପ ଗୁଡ଼ିକର ସଠିକ୍ କାର୍ଯ୍ୟକାରୀକୁ ସୁନିଶ୍ଚିତ କରିବା ।
- ସାମାଜିକ ଦୂରତାକୁ ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ ପରିମାଣର ହାତ ପମ୍ପ, ଷ୍ଟାଣ୍ଡ ପୋଷ୍ଟ ଓ ଅନ୍ୟାନ୍ୟ ଜଳ ଯୋଗାଣ ସ୍ଥାନଗୁଡ଼ିକୁ ନିଶ୍ଚିତ କରିବା ।

- ପାନୀୟ ଜଳ ଉତ୍ସଗୁଡ଼ିକୁ ବିଶୋଧନ ଓ କ୍ଲୋରିନ୍ ମିଶ୍ରଣ କରାଯାଇ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ।
- ଯେଉଁ ଗ୍ରାମ ଗୁଡ଼ିକରେ ପାଇପ୍ ଦ୍ୱାରା ଜଳ ଯୋଗାଣ ବ୍ୟବସ୍ଥା ରହିଛି, ସେହି ଗ୍ରାମର ଗୃହ ଗୁଡ଼ିକୁ ପାଇପ୍ ସଂଯୋଗୀକରଣ କରାଯାଇ ପାଇପ୍ ମାଧ୍ୟମରେ ଜଳଯୋଗାଣ ବ୍ୟବସ୍ଥା ଲାଗି ପରିବାର ଗୁଡ଼ିକୁ ଉତ୍ସାହିତ କରିବା ।
- ଗୃହରେ ନିରାପଦ ଜଳ ସଂରକ୍ଷଣ ବ୍ୟବସ୍ଥା ଲାଗି ଉତ୍ସାହିତ କରିବା ।

## ପରିମଳ :

- ଖୋଲା ପଡ଼ିଆରେ ମଳତ୍ୟାଗ ଓ ଅସୁରକ୍ଷିତ ମଳତ୍ୟାଗକୁ ନିରୁତ୍ସାହିତ ତଥା ନିଷେଧ କରିବା ।
- ପ୍ରତ୍ୟେକଙ୍କୁ ଶୌଚାଳୟ ବ୍ୟବହାର କରିବା ସହିତ ଏହାର ସଠିକ୍ ପରିଚାଳନା କରିବା ଲାଗି ଉତ୍ସାହିତ କରିବା ।
- ଗୋଷ୍ଠୀ ଶୌଚାଳୟ ଗୁଡ଼ିକୁ ନିୟମିତ ସଫେଇ ଓ ବିଶୋଧନ କରାଯିବା ସହ ସାମାଜିକ ଦୂରତା ବଜାୟ ରଖିବା, ସାବୁନର ବହୁଳ ବ୍ୟବହାରିତାକୁ ସୁନିଶ୍ଚିତ କରିବା ।
- ଶୌଚାଳୟ ବ୍ୟବହାର କ୍ଷେତ୍ରରେ ଛୋଟ ପିଲାଙ୍କ ମଳକୁ ସଠିକ୍ ପରିଚାଳନା କରାଯାଇ ଶୌଚ ପରେ ହାତକୁ ସାବୁନ୍‌ଦ୍ୱାରା ଭଲ ଭାବେ ସଫା କରିବା ଲାଗି ସୁନିଶ୍ଚିତ କରିବା ।
- ଗ୍ରାମ୍ୟ ରାସ୍ତାଗୁଡ଼ିକୁ / ସାହି ରାସ୍ତାଗୁଡ଼ିକୁ ସଫାସୁତୁରା ରଖିବା ପାଇଁ ମନିଟରିଂ କରିବା ।
- ସର୍ବସାଧାରଣ ସ୍ଥାନରେ ଛେପ ପକାଇବାକୁ ସଂପୂର୍ଣ୍ଣ ନିଷେଧ କରିବା ।

## ବର୍ଜ୍ୟବସ୍ତୁ ପରିଚାଳନା:

- ବର୍ଜ୍ୟବସ୍ତୁକୁ ପୃଥକୀକରଣ କରି ଠୁଳ କରିବା ଓ ପର୍ଯ୍ୟାୟ କ୍ରମେ ବର୍ଜ୍ୟବସ୍ତୁ ଗୁଡ଼ିକର ପରବର୍ତ୍ତୀ ନିଷ୍କାସନ ଓ ଉପଚାର ନିମନ୍ତେ ପଦକ୍ଷେପ ନେବା ।
- ସଂକ୍ରାମକ ବର୍ଜ୍ୟବସ୍ତୁର ନିଷ୍କାସନ ପାଇଁ ପରିବାର ଗୁଡ଼ିକ ଲାଗି ବିଶେଷ ଚିହ୍ନ ଥିବା ହଳଦିଆ ରଙ୍ଗର ବ୍ୟାଗ, ବର୍ଜ୍ୟବସ୍ତୁ ଡଷ୍ଟବିନ୍ ଯୋଗାଇ ଦିଆଯାଇପାରେ ଓ ତରଳ ଓ କଠିନ ବର୍ଜ୍ୟବସ୍ତୁ ଗୁଡ଼ିକ ପୃଥକିକୃତ କରିବା ଲାଗି ସଚେତନ କରିବା ।
- ନିରାପତ୍ତା ନିମିତ୍ତ ପରିବାର ଗୁଡ଼ିକ ଦ୍ୱାରା ବ୍ୟବହୃତ ମୁଖା, ହାତ ଗ୍ଲୋବ୍‌ସ୍ ଗୁଡ଼ିକୁ ଘରୋଇ ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁ ବୋଲି ଧରାଯାଇ ତାହା ଅନ୍ୟାନ୍ୟ ଗୃହ ବର୍ଜ୍ୟବସ୍ତୁ ସହ ନ ମିଶାଇ ଅଲଗା କରି ସ୍ୱତନ୍ତ୍ର ଖୋଳ କିମ୍ବା ଆବରଣ ମାଧ୍ୟମରେ ସଂଗ୍ରହ କରାଯାଇ ପୃଥକ୍ ଭାବେ ପରିବହନ କରାଯିବା ସୁନିଶ୍ଚିତ କରିବା ।
- ଧୂସର ଜଳର ନିରାପଦ ନିଷ୍କାସନ : ଗାଧୁଆ ଉଦ୍ଦେଶ୍ୟରେ ହାତ ସଫା ଓ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ ଜଳ ଓ ତରଳ ବର୍ଜ୍ୟବସ୍ତୁ ଗୁଡ଼ିକୁ ଏକ ନାଳ ଯାହାକି ଆବର୍ଜନା ଯିବା ନାଳ କିମ୍ବା ଜଳ ଶୋଷଣ ହେଉଥିବା ଏକ ଗର୍ତ୍ତ ସହ ସଂଲଗ୍ନ କରାଯିବା ଦରକାର ।
- ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବହୃତ ବର୍ଜ୍ୟବସ୍ତୁର ସୁପରିଚାଳନା ସୁନିଶ୍ଚିତ କରିବା ।

# ସାମାଜିକ ବିଦ୍ୱେଷ, ଅପବାଦ ଓ ମାନସିକ ଚାପ - ଆହ୍ୱାନ ଓ ମୁକାବିଲା

ସମାଜରେ କେତେକ ନିର୍ଦ୍ଦିଷ୍ଟ ରୋଗର ଶିକାର ହୋଇଥିବା ବ୍ୟକ୍ତିବିଶେଷଙ୍କ ପ୍ରତି ଲୋକମାନଙ୍କ ମନରେ ନକରାତ୍ମକ ଭାବନା ସୃଷ୍ଟି ହେବାର ଅନେକ ଦୃଷ୍ଟାନ୍ତ ରହିଛି । ଏଭଳି ମାନସିକତା ଯୋଗୁଁ ଲୋକମାନେ ରୋଗୀଟିକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ ଓ ଘୃଣା ଚକ୍ଷୁରେ ଦେଖିଥାନ୍ତି । ଏହି ଭେଦଭାବକୁ ସାମାଜିକ ବିଦ୍ୱେଷ ବା ଇଂରାଜୀରେ Social Stigma କୁହାଯାଏ ।

ବର୍ତ୍ତମାନ ସମଗ୍ର ବିଶ୍ୱରେ କୋଭିଡ଼-୧୯ ଏକ ସ୍ୱାସ୍ଥ୍ୟଗତ ସମସ୍ୟା ଭାବେ ଉଭା ହେବା ସହିତ ସାମାଜିକ ବିଦ୍ୱେଷର ଆତଙ୍କ ଖେଳାଇ ରଖିଛି ଭୂତାଣୁ ଦ୍ୱାରା ସଂକ୍ରମିତ ବ୍ୟକ୍ତିଙ୍କୁ ପୃଥକ ବାସରେ ରଖିବା ଭିନ୍ନ ଦୃଷ୍ଟିରେ ଦେଖିବା ସହ ଅସତ ଆଚରଣ ପ୍ରଦର୍ଶନ କରାଯାଉଛି ।

କୋଭିଡ୍-୧୯ ଦ୍ୱାରା ସଞ୍ଚାରିତ ହେଉଥିବା ସାମାଜିକ ବିଦ୍ୱେଷ / ତିରସ୍କାର ମୁଖ୍ୟତଃ ତିନୋଟି କାରଣ ଉପରେ ଆଧାରିତ ।

- କୋଭିଡ୍-୧୯ ହେଉଛି ଏକ ସଂପୂର୍ଣ୍ଣ ରୋଗ ଯାହାର କି ପ୍ରତିରୋଧକ ବା ପ୍ରତିଷେଧକ ସମ୍ପର୍କରେ ଅନେକ ବିଷୟ ଏବେ ବି ଆବିଷ୍କାର ହୋଇପାରିବ ।
- ସାଧାରଣତଃ, ଲୋକମାନେ ଯେଉଁ ବିଷୟରେ ସ୍ପଷ୍ଟ ଭାବରେ ଜାଣି ପାରନ୍ତି ନାହିଁ ତାହା ସେମାନଙ୍କ ମନରେ ଅଧିକ ଚିନ୍ତା ଦ୍ୱନ୍ଦ ଓ ଆଶଙ୍କା ସୃଷ୍ଟି କରିଥାଏ ।
- ଗୁଜବ ବା ମିଥ୍ୟା ପ୍ରଚାର ଏହି ଭୟକୁ ବୃଦ୍ଧି କରିଥାଏ ।

## କରୋନା ପରିପ୍ରେକ୍ଷୀରେ ସାମାଜିକ ବିଦ୍ୱେଷର ଶିକାର ହେବା ବ୍ୟକ୍ତିମାନେ ହେଲେ -

- ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ରୋଗୀ ।
- ରୋଗୀଙ୍କ ଯତ୍ନ ନେଉଥିବା ବ୍ୟକ୍ତି, ପରିବାର ବର୍ଗ, ସାଥି ।
- ଅଧିକ ସଂଖ୍ୟକ କରୋନା ଆକ୍ରାନ୍ତ ରୋଗୀ ବାହାରିଥିବା ସ୍ଥାନରୁ ଆସିଥିବା ବ୍ୟକ୍ତି ।
- ଭୂତାଣୁ ଦ୍ୱାରା ଆକ୍ରାନ୍ତ ନହୋଇ ମଧ୍ୟ ଯେଉଁମାନଙ୍କ ଠାରେ ରୋଗର କିଛି ଲକ୍ଷଣ ଯଥା କାଶ, ଛିଙ୍କ, ଜ୍ୱର ଆଦି ପ୍ରକାଶିତ ହୋଇଛି ।
- କେତେ ନିର୍ଦ୍ଦିଷ୍ଟ ଧର୍ମର ବ୍ୟକ୍ତି ବିଶେଷ ।
- ଭୂତାଣୁ ସଂସ୍ପର୍ଶରେ ଆସିଥିବା ସନ୍ଦିହାନ ବ୍ୟକ୍ତି ।

## ସାମାଜିକ ବିଦ୍ୱେଷର ସମାଜ ଉପରେ ପ୍ରଭାବ-

- ସାମାଜିକ ବିଦ୍ୱେଷ ଦ୍ୱାରା ଲୋକମାନେ ଭିତତ୍ରସ୍ତ ହୋଇ ମାନସିକ ବିଷାଦଗ୍ରସ୍ତ ହୋଇଥାନ୍ତି ।
- ସମାଜର ସୌହାର୍ଦ୍ଦ୍ୟ ନଷ୍ଟ ହୁଏ ।
- ସାମାଜିକ ତିରସ୍କାର ବର୍ତ୍ତିବା ପାଇଁ ଲୋକମାନେ ନିଜର ବେମାରୀ ସମ୍ପର୍କରେ ଲୁଚାଇବାକୁ ଚେଷ୍ଟା କରିଥାନ୍ତି ।

- ଏହା ସେମାନଙ୍କୁ ଯଥା ଶୀଘ୍ର ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବାରେ ପ୍ରତିବନ୍ଧକ ସୃଷ୍ଟି କରେ ।
- ସଂକ୍ରମିତ ବ୍ୟକ୍ତିମାନେ ସୁସ୍ଥ ବ୍ୟବହାରକୁ ଆପଣାଇବା ଠାରୁ ଦୂରରେ ରହନ୍ତି ।
- ଭୂତାଣୁ ସଂକ୍ରମଣ କମ୍ ହେବା ପରିବର୍ତ୍ତେ ଅଧିକ ମାତ୍ରାରେ ବୃଦ୍ଧି ହୋଇଥାଏ ।

## ସାମାଜିକ ବିଦ୍ୱେଷକୁ ଦୂର କରିବା ଦିଗରେ ଗ୍ରାମପଞ୍ଚାୟତର ଦାୟିତ୍ୱ ଓ ଭୂମିକା :

- ଗ୍ରାମପଞ୍ଚାୟତ ପ୍ରତିନିଧି ସଂକ୍ରମିତ ବ୍ୟକ୍ତିଙ୍କ ପ୍ରତି ସମ୍ବେଦନଶୀଳ ହୋଇ ସୁଆଚରଣ କରବା ନିତାନ୍ତ ଆବଶ୍ୟକ ।
- ସ୍ଥାନୀୟ ଲୋକଙ୍କୁ ସଠିକ ବ୍ୟବହାରିକ ସାବଧାନତାକୁ ପାଳନ କରିବା ନିମନ୍ତେ ପ୍ରବର୍ତ୍ତାଇବା । ଉଦାହରଣ ସ୍ୱରୂପ ସାମାଜିକ ବ୍ୟବଧାନ ବାରମ୍ବାର ହାତଧୂଆ, ମାସ୍କ ବ୍ୟବହାର, ଗାଁ ପୋଖରୀରେ ଗାଧୋଇବା ଠାରୁ ଦୂରରେ ରହିବା, ମୁହଁ ଆଖିକୁ ନ ଛୁଇଁବା ପରିଷ୍କାର ପରିବେଶରେ ରହିବା, ଗରମ ତଟକା ରନ୍ଧା ଖାଦ୍ୟ ଖାଇବା, ପନିପରିବାକୁ ଭଲ ଭାବରେ ହଳଦୀ ପାଣିରେ ଧୋଇବା, ଖୋଲାରେ ମଳତ୍ୟାଗ ନ କରିବା / ଗୃହପାଳିତ ପଶୁଙ୍କ ଟୀକାକରଣ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଇତ୍ୟାଦି ।
- ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ସକରାତ୍ମକ ପରିବେଶ ସୃଷ୍ଟି କରିବା ନିମନ୍ତେ ରୋଗର ସଂକ୍ରମଣ, ପ୍ରାଦୁର୍ଭାବ ତାର ପ୍ରଭାବ ତଥା ଏହାର ମୁକାବିଲା ନିମନ୍ତେ ସଠିକ ତଥ୍ୟ ଖୋଲାଖୋଲି ଆଲୋଚନା କରିବା ଆବଶ୍ୟକ ।
- ସଂଗରୋଧରେ ଥିବା ଘରବାହୁଡ଼ା ଲୋକମାନେ ଯେପରି ପଞ୍ଚାୟତ ଦ୍ୱାରା ଅବହେଳିତ ମନେ କରିବେ ନାହିଁ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।
- ଯେଉଁ ବ୍ୟକ୍ତିମାନେ ସ୍ୱାସ୍ଥ୍ୟ ସେବାରେ ଅଛନ୍ତି ବା ଯେଉଁମାନେ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବାର ଅନୁସନ୍ଧାନରୁ ଜଣା ପଡ଼ିଛି ସେମାନଙ୍କ ପରିଚୟ, ତଥ୍ୟ ଗୋପନୀୟ ରଖିବ ।
- ଯେଉଁ ବ୍ୟକ୍ତିମାନେ କୋଭିଡ୍-୧୯ ଦ୍ୱାରା ସଂକ୍ରମିତ ନୁହଁନ୍ତି କିନ୍ତୁ ଅସ୍ଥାୟୀ ମେଡ଼ିକାଲ କେନ୍ଦ୍ରରେ ୧୪ ଦିନ ପୃଥକବାସ ପରେ ନିଜ ଘରକୁ ଫେରିଛନ୍ତି ସେମାନଙ୍କ ପ୍ରତି ନକରାତ୍ମକ ବ୍ୟବହାର, ସାମାଜିକ ଗଣମାଧ୍ୟମରେ କଟୁ ମନ୍ତବ୍ୟ ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ । ସମାଜରେ କେତେ ସ୍ୱତନ୍ତ୍ର ରୋଗର ଶିକାର ହୋଇଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଲୋକମାନଙ୍କ ମଧ୍ୟରେ ନକରାତ୍ମକ ଭାବନା ସୃଷ୍ଟି ହେବାର ଅନେକ ଦୃଷ୍ଟାନ୍ତ ରହିଛି ।
- ସାମାଜିକ ବିଦ୍ୱେଷ ଶୀକାର ବ୍ୟକ୍ତିଙ୍କ ସହ ବ୍ୟକ୍ତିଗତ ଭାବେ ସାମାଜିକ ଗଣମାଧ୍ୟମ ଓ ସମ୍ବାଦ ମାଧ୍ୟମରେ ଆଲୋଚନା କରିବା ।
- ସ୍ୱାସ୍ଥ୍ୟକର୍ମୀ, ସ୍ୱେଚ୍ଛାସେବୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯେଉଁମାନେ କୋଭିଡ୍-୧୯ ସଂକ୍ରମଣ ପ୍ରତିରୋଧ ଯୁଦ୍ଧରେ ଆଗଧାଡ଼ିର ଯୋଦ୍ଧା ସେମାନଙ୍କୁ ସାଧୁବାଦ ପ୍ରଦାନ ଓ ଉତ୍ସାହିତ କରିବା ।

# ବରିଷ୍ଠ ନାଗରିକ, ମହିଳା ଓ ଶିଶୁମାନଙ୍କ ପୁଷ୍ଟି ସାଧନ

କୋଭିଡ – ୧୯ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ଟୀକା ଆବିଷ୍କାର ହୋଇପାରିନାହିଁ । କିନ୍ତୁ ଏହି ଭୂତାଣୁ ସହ ମୁକାବିଲା ନିମନ୍ତେ ମନୁଷ୍ୟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଅପରିହାର୍ଯ୍ୟ ।

ସାଧାରଣତଃ ଗ୍ରାମାଞ୍ଚଳରେ ବସବାସ କରୁଥିବା ମହିଳାମାନେ କୁପୁଷ୍ଟି ବା ପୁଷ୍ଟିହୀନତାର ଶିକାର ହୋଇଥାନ୍ତି । କେବଳ ସେତିକି ନୁହେଁ, ଅନେକଙ୍କ ଠାରେ ରକ୍ତହୀନତା ମଧ୍ୟ ଦେଖାଯାଇଥାଏ । ତେଣୁ ଏହି ମହିଳାମାନେ କୋଭିଡ-୧୯ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଅଧିକ । ଗର୍ଭବତୀ, ପ୍ରସୂତି ମହିଳା, ବୃଦ୍ଧ-ବୃଦ୍ଧା, ଶିଶୁମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ଓ ପୃଷ୍ଟିସାଧନ ନିମନ୍ତେ କୋଭିଡ-୧୯ ମହାମାରୀ ଭଳି ସମୟରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ସେମାନଙ୍କ ସୁରକ୍ଷା ନିମନ୍ତେ ଗ୍ରାମପଞ୍ଚାୟତ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବା ଜରୁରୀ ।

## ପଞ୍ଚାୟତସ୍ତରରେ ଥିବା ଅଙ୍ଗନବାଡି କର୍ମୀ, ସହାୟିକା, ସ୍ୱାସ୍ଥ୍ୟକର୍ମୀଙ୍କ ଭୂମିକା ଓ ଦାୟିତ୍ୱ

- ଅଙ୍ଗନବାଡି କର୍ମୀ କିମ୍ବା ସହାୟିକା ଏହି ସମୟରେ ଗର୍ଭବତୀ ମହିଳାଙ୍କ ଉଦ୍ଦିଷ୍ଟ ରାସନ ସାମଗ୍ରୀ ନେଇ ତାଙ୍କ ଘରେ ପହଂଚାଇବେ ।
- ସାମାଜିକ ଦୂରତ୍ୱ ଅବଲମ୍ବନ କରି ସ୍ୱଚ୍ଛତା ରକ୍ଷା ପୂର୍ବକ ଅଙ୍ଗନବାଡି କେନ୍ଦ୍ରରେ ପ୍ରତି ବୁଧବାର ଟୀକାକରଣକୁ ସୁନିଶ୍ଚିତ କରିବେ ।
- ଗର୍ଭବତୀ ମହିଳାଙ୍କୁ ଆଇରନ, କ୍ୟାଲସିୟମ ଓ ଫଲିକ ଏସିଡ୍ ଔଷଧ ପ୍ରଦାନ କରିବେ ।
- ଅତ୍ୟଧିକ କୁପୋଷଣର ଶିକାର ହୋଇଥିବା ଶିଶୁ ଏବଂ ରକ୍ତହୀନତାର ଶିକାର ହୋଇଥିବା ମହିଳାଙ୍କୁ ଚିହ୍ନଟ କରି ଆବଶ୍ୟକତା ପଡିଲେ ସ୍ୱାସ୍ଥ୍ୟ ପରାମର୍ଶ ସୁବିଧା ସହ ପୁଷ୍ଟି ପୁନର୍ବାସ କେନ୍ଦ୍ରକୁ ପଠାଇବେ ।
- ପ୍ରତି ମଙ୍ଗଳବାର ଓ ଶୁକ୍ରବାର ଗୋଷ୍ଠୀ ସହାୟତାରେ ସାମାଜିକ ଦୂରତା ରକ୍ଷା କରି ଗ୍ରାମ୍ୟ ସ୍ୱାସ୍ଥ୍ୟ ପରିମଳ ଓ ପୋଷଣ ଦିବସ ପାଳନ କରିବାକୁ ପ୍ରୋତ୍ସାହିତ କରିବେ ।
- ଅଙ୍ଗନବାଡିରେ ଅଯଥା ଗହଳି ନକରି କିପରି ପର୍ଯ୍ୟାୟକ୍ରମେ ହିତାଧିକାରୀମାନେ ଅଙ୍ଗନବାଡି କେନ୍ଦ୍ରକୁ ଆସିବେ ସେ ନେଇ ଆଶା କର୍ମୀ ସଚେତନତା ସୃଷ୍ଟି କରିବା ସହ ଆଗନ୍ତୁକ ସାବୁନରେ ହାତ ଧୋଇବାକୁ ସୁନିଶ୍ଚିତ କରିବେ ।
- ପ୍ରତି ହିତାଧୀକାରୀଙ୍କୁ ସେବା ପ୍ରଦାନ କରିବା ପରେ ଆଲକହଲ ଯୁକ୍ତ ସାନିଟାଇଜର କିମ୍ବା ସାବୁନରେ ଏଏନ୍‌ଏମ୍ କର୍ମୀ ହାତ ଧୋଇବେ । ଏହି ସମୟରେ ସେ ମାସ୍କ ବ୍ୟବହାର କରିବା ବାଧ୍ୟତାମୂଳକ ।

## ଗର୍ଭବତୀ, ପ୍ରସୂତି ମହିଳା ଓ ନବଜାତଙ୍କ ଯତ୍ନ ନିମନ୍ତେ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ପରାମର୍ଶ

### ଗର୍ଭବତୀ ମହିଳା

- ଯଦି ଗର୍ଭବତୀ ମହିଳା ଜ୍ୱର, କଫ ସହ ନିଶ୍ୱାସ-ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥାନ୍ତି

ତେବେ ବିଳମ୍ବ ନକରି ତୁରନ୍ତ ନିକଟସ୍ଥ ହସ୍‌ପିଟାଲ କିମ୍ବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣାନ୍ତୁ ।

- ଗର୍ଭବତୀ ମହିଳାଙ୍କ ପାଇଁ ଗର୍ଭଧାରଣ ସମ୍ବନ୍ଧୀୟ ଯତ୍ନକୁ ସୁନିଶ୍ଚିତ କରିବା କିମ୍ବା ସବୁ ନିୟମ ପାଳନ କରନ୍ତୁ ।
- ଗର୍ଭବତୀ ମହିଳା ସଠିକ ପୋଷଣ ପାଇବା ନିମନ୍ତେ ଦୈନିକ ୩ଥର ଭୋଜନ ଓ ୨ ଥର ଜଳଖିଆ ଖାଇବା ଆବଶ୍ୟକ ।
- ସ୍ଥାନୀୟ ଫଳ ଓ ପନିପରିବାରେ ତିଆର ତାଜା ରନ୍ଧା ଖାଦ୍ୟ ଓ ଦୈନିକ ଅତି କମରେ ୮ ଗ୍ଲାସ ପାଣି ପିଅନ୍ତୁ ।
- ପ୍ରତି ଥର ଭୋଜନରେ ଶକ୍ତି ପ୍ରଦାନକାରୀ (ଖାଦ୍ୟ ଶସ୍ୟ, ଚର୍ବି ଓ ମିଠା ଜାତୀୟ ), ଶାରୀରିକ ବିକାଶ (ଡାଲି, ଛୁଇଁ, ମଞ୍ଜି, ଅଣ୍ଡା, ମାଂସ, ମାଛ, ଚିକେନ, କ୍ଷୀର ଓ କ୍ଷୀର ଜାତୀୟ) ଏବଂ ସୁରକ୍ଷା ପ୍ରଦାନକାରୀ (ପନିପରିବା ଓ ଫଳମୂଳ) ଆଦି ଖାଦ୍ୟ ଖାଇବା ଜରୁରୀ ।
- ପ୍ରତିଦିନ ଆଇରନ ଓ କ୍ୟାଲସିୟମର ସୂକ୍ଷ୍ମ ପୋଷକଉତତ୍ତ୍ୱ ଥିବା ପୃଷ୍ଟିକର ଖାଦ୍ୟ ଖାଆନ୍ତୁ ।
- ଦିନରେ ଦୁଇ ଘଣ୍ଟା ବିଶ୍ରାମ ଓ ରାତ୍ରୀରେ ୮ ଘଣ୍ଟା ଶୁଅନ୍ତୁ ।
- ଦିନକୁ ଅତି କମ୍‌ରେ ୨୦ ରୁ ୨୫ ମିନିଟ୍ ବ୍ୟାୟାମ ବା ଶାରୀରିକ କାର୍ଯ୍ୟକଳାପ ଜାରି ରଖନ୍ତୁ ।
- ଚା’, କଫି, ମଦ୍ୟପାନ, ତମ୍ବାଖୁ ଓ ଅନ୍ୟାନ୍ୟ ନିଶା ଦ୍ରବ୍ୟ ଶିଶୁ ପାଇଁ କ୍ଷତିକାରକ ଏବଂ ରୋଗ ପ୍ରତିରୋଧକ ଶକ୍ତି ଉପରେ ନକରାତ୍ମକ ପ୍ରଭାବ ପକାଏ, ତେଣୁ ଯଥାସମ୍ଭବ ଏହାଠାରୁ ଦୂରରେ ରୁହନ୍ତୁ ।

ମହିଳା ମାନଙ୍କ ପାଇଁ ଗର୍ଭାବସ୍ଥା ହେଉଛି ଏକ ଶାରିରୀକ ଓ ମାନସିକ ଚାପ । ଗର୍ଭବସ୍ଥା ସହ କୋଭିଡ-୧୯ ସଂକ୍ରମଣ ବ୍ୟାପୁଥିବାରୁ ମହିଳାଙ୍କ ମଧ୍ୟରେ ଭୟ ଓ ଚିନ୍ତା ବଢିଥାଏ । ଏହି ସମୟରେ ଗର୍ଭସ୍ଥ ଭ୍ରୁଣର ମସ୍ତିଷ୍କ ବିକାଶରେ ସହାୟତା ଓ ନ୍ୟୁରୋଟ୍ରାନ୍ସମିଟରର ଉତ୍ତମ ସ୍ତର (ମନୋଭାବ, ଚିନ୍ତା ଓ ନିଦ୍ରା, ଶକ୍ତି ସ୍ତର ଏବଂ କ୍ଷୁଧା) ନିମନ୍ତେ ଗର୍ଭବତୀଙ୍କୁ କିଛି ପୋଷକ ତତ୍ତ୍ୱ ଯୁକ୍ତ ଖାଦ୍ୟ ସେବନ କରିବାକୁ ପଡିଥାଏ । ତେଣୁ ଗର୍ଭବତୀ ମହିଳାମାନେ ନିମ୍ନଲିଖିତ ଖାଦ୍ୟ ଖାଇବା ନିତ୍ୟାନ୍ତ ଆବଶ୍ୟକ ।

| | |
|---|---|
| ଓମେଗା ୩ ଫ୍ୟାଟି ଏସିଡ | ମାଛ, ସାମୁଦ୍ରିକ ଖାଦ୍ୟ, ଅଳସି, ଅଖରୋଟ |
| ଫଲିକ ଏସିଡ୍ | ମାଛ, ରାଜମା, ସୋୟାବିନ୍, ପାଳଙ୍ଗ ଶାଗ, ବିନ୍, ସୋରିଷ ଶାଗ, ବିଟ୍ ଏବଂ ପାଚିଲା ଆମ୍ବ |
| ଭିଟାମିନ ବି୧୨ | କ୍ଷୀର, ଅଣ୍ଡା, ଚିକେନ୍, ସାଲମନ ମାଛ |
| ଭିଟାମିନ ବି୬ | ରୋହି ମାଛ, ସୂର୍ଯ୍ୟମୁଖୀ ମଞ୍ଜି, ସଜନା ଶାଗ, ଅଖରୋଟ୍, ଗୋଟା ବୁଟ, କଦଳୀ, ମସୁର ଡାଲି |

## ନବଜାତ ଶିଶୁ ଓ ପ୍ରସୂତୀ ମହିଳା

ବିଶ୍ୱ ମହାମାରୀ କରୋନା ସମୟରେ ନବଜାତ ଶିଶୁଙ୍କ ଯତ୍ନ ଓ ପ୍ରସୂତୀଙ୍କ ସ୍ୱାସ୍ଥ୍ୟରକ୍ଷା ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ ପାଇଁ କିଛି ନିୟମ ଓ ନିର୍ଦ୍ଦେଶାବଳୀ -

- ନବଜାତ ଶିଶୁଙ୍କୁ ନିୟମିତ ସ୍ତନ୍ୟପାନ କରାଇବେ, ଯାହା ଦ୍ୱାରା ଶିଶୁଟିର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ ।
- ଛୋଟ ପିଲାଙ୍କୁ ସ୍ତନ୍ୟ ପାନ କରାଇବା ସହ ଶ୍ୱାସ-ପ୍ରଶ୍ୱାସରେ ସ୍ୱଚ୍ଛତା ଓ ସଂକ୍ରମଣ ରୋକିବାକୁ ପ୍ରତିଷେଧ ମୂଳକ ବ୍ୟବସ୍ଥା ଗ୍ରହଣ କରନ୍ତୁ ।
- ଶିଶୁଟିକୁ ଖାଦ୍ୟ ଖୁଆଇବା ସମୟରେ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେଇ ସଫା ଗିନା ଓ ଚାମଚ ବ୍ୟବହାର କରିବେ ।
- ଏହା ସହ ରୋଷେଇ କରିବା, ଶିଶୁଟିକୁ ଖୁଆଇବା ଓ ନିଜେ ଖାଇବା ସମୟରେ ମା' ମାନେ ସାବୁନରେ ଭଲ ଭାବେ ହାତ ଧୁଅନ୍ତୁ ଓ ଏହା ସହ ଖୁଆଇବା ପୂର୍ବରୁ ଶିଶୁଟିର ହାତକୁ ମଧ୍ୟ ସାବୁନରେ ଧୋଇ ପରିଷ୍କାର କରନ୍ତୁ ।
- କୋଭିଡ-୧୯ରେ ଲକ୍ଷଣ ପରିପ୍ରକାଶ ପାଉଥିବା ବା ସଂକ୍ରମିତ ହୋଇଥିବା ଜଣେ ମା' ଉପଯୁକ୍ତ ସାବଧାନତାର ସହ ତାର ଛୁଆକୁ ସ୍ତନ୍ୟପାନ କରାଇପାରିବ ଓ ଶିଶୁଟିକୁ ମଧ୍ୟ ସଂକ୍ରମିତ ହେବାରୁ ରକ୍ଷା କରିପାରିବ ।
- ନବଜାତକ ବା ଶିଶୁଟି କୋଭିଡ-୧୯ ଦ୍ୱାରା ସଂକ୍ରମିତ ହୋଇଥିଲେ ମଧ୍ୟ ମା' ତାକୁ ସ୍ତନ୍ୟପାନ କରାଇପାରିବ ।
- କୋଭିଡ-୧୯ ସଂକ୍ରମଣର ଶିକାର ହୋଇଥିବା ମା'ଟି ନିଜ ଛୁଆଟିର ପାଖକୁ ଯିବାବେଳେ ସର୍ବଦା ମାସ୍କ ବ୍ୟବହାର କରିବେ ଏବଂ ଶିଶୁଟିର ସଂସ୍ପର୍ଶରେ ଆସିବାର ପୂର୍ବରୁ ଓ ପରେ ସାବୁନରେ ଭଲ ଭାବେ ହାତ ଧୋଇବା ଉଚିତ୍ ।

## ଅଙ୍ଗନବାଡ଼ି କର୍ମୀ, ସହାୟିକା ଶିଶୁମାନଙ୍କ ଯତ୍ନ ନିମନ୍ତେ ନିମ୍ନଲିଖିତ ପରାମର୍ଶ ପ୍ରଦାନ କରିବେ -

- ଶିଶୁମାନଙ୍କୁ ତାଜା ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ଖାଇବାକୁ ଦିଅନ୍ତୁ ।
- ଶିଶୁମାନଙ୍କୁ ଖୁଆଇବା ନିମନ୍ତେ ଅଙ୍ଗନବାଡ଼ି କର୍ମୀ ବା ସହାୟିକା ଘରେ ଆଣି ଦେଇଯାଉଥିବା ରାସନ ସାମଗ୍ରୀ ଯଥା ଡାଲି, ତେଲ, ମସଲା, ଲୁଣ ଓ ଅଣ୍ଡା ଇତ୍ୟାଦିର ବ୍ୟବହାର କରନ୍ତୁ । ଅଣ୍ଡା ଉପଲବ୍ଧ ନଥିଲେ ପୋଷଣ ମାନ ଆଧାରରେ ପ୍ରତିବଦଳରେ ପ୍ରଦାନ କରାଯାଉଥିବା ସୋୟା ନୁଡୁଲ୍ସ ଖାଇବାକୁ ଦିଅନ୍ତୁ ।
- ଶରୀର ବୃଦ୍ଧି ଓ ମସ୍ତିଷ୍କ ବିକାଶରେ ସହାୟତା ଲାଗି ବିଭିନ୍ନ ପ୍ରକାର ଡାଲି, କ୍ଷୀର ଓ କ୍ଷୀରଜାତ ଦ୍ରବ୍ୟ, ହଳଦିଆ, କମଳା ସବୁଜ ରଙ୍ଗର ପନିପରିବା ଓ ଫଳ ଆଦିକୁ ଶିଶୁଟିକୁ ଖାଇବାକୁ ଦିଅନ୍ତୁ ।
- ତାଲା ବନ୍ଦ କାରଣରୁ, ତାଜା ସାମଗ୍ରୀ ମିଳିବାରେ ସମସ୍ୟା ଉପୁଜିଲେ ବିକଳ୍ପ ଖାଦ୍ୟକୁ ଚିହ୍ନଟ କରନ୍ତୁ । ଅତ୍ୟଧିକ ମାତ୍ରାରେ ସାଚୁରେଟେଡ ଫ୍ୟାଟ ଅବା ପ୍ରକ୍ରିୟାକୃତ ଖାଦ୍ୟ ଖାଇବା କମାଇବା ସହ ଚିନି, ଲୁଣ ଓ ଥଣ୍ଡା ପାନୀୟକୁ ବର୍ଜନ କରନ୍ତୁ ।
- କୋମଳମତି ଶିଶୁମାନେ ସର୍ବଦା ଖେଳପ୍ରିୟ । ମାତ୍ର କରୋନା ମହାମାରୀ ସେମାନଙ୍କ ଖେଳକୁଦରେ ଅଙ୍କୁଶ ଲଗାଇ ଦେଇଛି । ତାଲା ବନ୍ଦ କାରଣରୁ ଅଙ୍ଗନବାଡ଼ି କେନ୍ଦ୍ରକୁ ଯିବା ଉପରେ ବି ଅଙ୍କୁଶ ଲାଗିଛି । ତେଣୁ ପିଲାମାନେ ଘରେ ଏକ ପ୍ରକାର ବନ୍ଦ ହୋଇ ରହିଛନ୍ତି । ଏହି

ଲକ୍ ଡାଉନ ସମୟରେ ଶିଶୁମାନଙ୍କର ମନୋରଞ୍ଜନ ଓ ସମୟ ଅତିବାହିତ ପାଇଁ ପରିବାର ସଦସ୍ୟଙ୍କ ନିମ୍ନ କାର୍ଯ୍ୟପନ୍ଥା ଆପଣାଇବାକୁ ଜଣାନ୍ତୁ ।

- ଘରେ ୧ ମିଟର ବ୍ୟବଧାନରେ ବସି ଜେଜେ ବାପା, ଜେଜେ ମା' ଓ ଅନ୍ୟମାନେ ତାଙ୍କ ସମୟର ଗପ ଓ ଗୀତ ଆଦି ଶିଶୁମାନଙ୍କୁ ଶୁଣାନ୍ତୁ ଏବଂ ସେଗୁଡିକୁ ଅଙ୍ଗନବାଡି କର୍ମୀଙ୍କୁ ଭବିଷ୍ୟତରେ ଗାଇବାକୁ ସାଇତି ରଖନ୍ତୁ ।
- ପିଲାମାନେ ବିଭିନ୍ନ କାର୍ଯ୍ୟକ୍ରମ ସହ ଜଡିତ ରହିଲେ, ଯେତେବେଳେ ଅଙ୍ଗନବାଡି ଖୋଲିଯିବ, ସେତେବେଳେ ପିଲା ନଆସିବା ପାଇଁ ଅରାଜି ହେବାର ସ୍ଥିତି ଉପୁଜିବ ନାହିଁ ।
- ବାପା ପିଲାଙ୍କୁ ରଙ୍ଗ ଦେବା, ଚିତ୍ର ଆଙ୍କିବା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବାରେ ସାହାଯ୍ୟ କରନ୍ତୁ, ଯାହା ଦ୍ୱାରା ପିଲାଙ୍କ ସହିତ ଏକ ସୁଦୃଢ ସଂପର୍କ ଗଢିପାରିବେ ।
- ମା' ପିଲାଙ୍କ ପାଇଁ ସଙ୍ଗୀତ ଗାଇ ଅଭିନୟ କରନ୍ତୁ, ଯାହା ଦ୍ୱାରା ମା' ଓ ପିଲାଙ୍କ ପାଇଁ ଏହା ଏକ ମଧୁର ଅନୁଭବ ହେବ ।
- ପିଲାଙ୍କୁ ବାଲି, ମାଟି, ଗୋଡି, ପତ୍ର, କାଠି ଇତ୍ୟାଦିର ବ୍ୟବହାର କରି ମୁକ୍ତ ଭାବରେ ଖେଳିବାର ସୁଯୋଗ ଦେବା ଆବଶ୍ୟକ ।
- ପିଲାମାନେ ଖେଳୁଥିବା ଛୋଟ ଛୋଟ ଖେଳଣା କଣ୍ଟେଇର ପୋଷାକ ବଦଳାଇ ପିଲାଙ୍କୁ ପାଣିରେ ହାତ ଧୋଇ ପରିଷ୍କାର ରହିବାକୁ ଶିଖାନ୍ତୁ ।
- ଛୋଟ ପିଲାଙ୍କୁ ଗଛ ଲଗାଇବା, ପାଣି ଦେବା ଆଦି କାମ କରାଇବେ । ଏହିପରି କାମରେ ପିଲାମାନେ ଖୁସି ପାଆନ୍ତି ।
- ଆପଣମାନେ କହିଥିବା ଗପଗୁଡିକୁ ଲିଖିତ କିମ୍ବା ଭିଡିଓ କରି ଅଙ୍ଗନବାଡି କର୍ମୀଙ୍କୁ ନିଶ୍ଚୟ ଦିଅନ୍ତୁ ।

## ବରିଷ୍ଠ ନାଗରିକ

ବରିଷ୍ଠ ନାଗରିକ(୬୦ ବର୍ଷରୁ ଉର୍ଦ୍ଧ୍ୱ)ଙ୍କର ରୋଗ ପ୍ରତିରୋଧକ ଶକ୍ତି ଅନ୍ୟମାନଙ୍କ ତୁଳନାରେ ଅପେକ୍ଷାକୃତ କମ ଥାଏ । ତେଣୁ ସେମାନଙ୍କୁ କୋଭିଡ-୧୯ ଭୂତାଣୁ ସଂକ୍ରମଣର ଆଶଙ୍କା ଅଧିକ । ତେଣୁ ପରିବାରର ବୟସ୍କ ବ୍ୟକ୍ତିମାନେ ଏହି ସମୟରେ ନିଜେ କିପରି ନିଜର ଯତ୍ନ ନେବେ ଓ ତାଙ୍କ ପରିବାରବର୍ଗ କିପରି ସେମାନଙ୍କର ଦେଖାଶୁଣା ନିମନ୍ତେ ନିମ୍ନଲିଖିତ ଉପଦେଶ ପ୍ରଦାନ କରନ୍ତୁ –

- ଅତି ଜରୁରୀ କାମ ନଥିଲେ ଘରୁ ବାହାରନ୍ତୁ ନାହିଁ ଓ ଜନଗହଳିପୂର୍ଣ୍ଣ ସ୍ଥାନ ଯେପରିକି ପାର୍କ, ମାର୍କେଟ କିମ୍ବା ଧାର୍ମିକ ସ୍ଥଳକୁ ଯାଆନ୍ତୁ ନାହିଁ ।
- କୌଣସି ସଂପର୍କୀୟ ବା ଆଗନ୍ତୁକଙ୍କ ମିଶିବା ବେଳେ ଅତି କମରେ ୨ ମିଟର ଦୂରତା ଅବଲମ୍ବନ କରନ୍ତୁ ।
- ଖାଦ୍ୟରେ ଉପଯୁକ୍ତ ପୋଷକତତ୍ତ୍ୱ ସହ ପ୍ରଚୁର ପାଣି ପିଅନ୍ତୁ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ତାଜା ଜୁସ ବା ଫଳରସ ପିଅନ୍ତୁ ।
- ପ୍ରତ୍ୟହ ବ୍ୟାୟାମ କିମ୍ବା ଯୋଗାଭ୍ୟାସ କରନ୍ତୁ ।
- ବନ୍ଧୁବାନ୍ଧବ, ସାଙ୍ଗସାଥୀ ବା ଦୂର ସଂପର୍କୀୟଙ୍କ ସହ ଭିଡିଓ କଲରେ ବାର୍ତ୍ତାଳାପ କରନ୍ତୁ ।
- ନିୟମିତ ଚେକ୍ ଅପ ନିମନ୍ତେ ହସ୍ପିଟାଲକୁ ନଯାଇ ବରଂ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ଠାରୁ ଫୋନରେ ପରାମର୍ଶ ନିଅନ୍ତୁ ।
- ପରିବାର ସଦସ୍ୟ, ମଧୁମେହ, ଉଚ୍ଚ ରକ୍ତଚାପ, କିଡନୀ ସମସ୍ୟା, ଶ୍ୱାସ ଜନିତ ସମସ୍ୟା ଥିବା ବୟସ୍କ ବ୍ୟକ୍ତିମାନଙ୍କର ଅଧିକ ଯତ୍ନ ନେବାର ଆବଶ୍ୟକ ।

## ସାଧାରଣ ପୋଷଣ ଅଭ୍ୟାସର ଅନୁପାଳନ

- ଯଦି ବର୍ତ୍ତମାନ ସମୟରେ ଅଙ୍ଗନବାଡି କେନ୍ଦ୍ରରେ ସ୍ୱାସ୍ଥ୍ୟ ଓ ପୁଷ୍ଟିବର୍ଦ୍ଧକ ସେବା (ନିୟମିତ

ଟୀକଦାନ, ଘରକୁ ନେଉଥିବା ଖାଦ୍ୟ) ଇତ୍ୟାଦି ସେବା ଦିଆଯାଉଥିବ ତେବେ ଏହାର ନିୟମିତ ଉପଯୋଗକୁ ସୁନିଶ୍ଚିତ କରାନ୍ତୁ

- ରନ୍ଧା ଖାଦ୍ୟରେ ସଠିକ ମାତ୍ରାରେ କେବଳ ଆୟୋଡିନ ଯୁକ୍ତ ଲୁଣ ବ୍ୟବହାର କରନ୍ତୁ
- ସ୍ୱାସ୍ଥ୍ୟ ସୁବିଧା ପାଇଁ ଯିବା ସମୟରେ ମାସ୍କ ପିନ୍ଧନ୍ତୁ ଏବଂ ପରିଷ୍କାର ଥିବା କାନ୍ଥ, ଚଟାଣ, କବାଟ ଆଦିକୁ ସ୍ପର୍ଶ କଲେ କିମ୍ବା କାଶ ଓ ଛିଙ୍କ ପରେ ହାତକୁ ଭଲବାବେ ସାବୁନରେ ଧୁଅନ୍ତୁ
- ଖାଦ୍ୟ କିମ୍ବା ଖାଦ୍ୟ ପ୍ୟାକେଟରୁ କୋଭିଡ-୧୯ ଭୂତାଣୁ ବ୍ୟାପିବାର କୌଣସି ପ୍ରମାଣ ନାହିଁ, ତେଣୁ ଭୟଭୀତ ହୁଅନ୍ତୁ ନାହିଁ
- ଭୂତାଣୁ ସଂସ୍ପର୍ଶରେ ଆସିଥିବା ଖାଦ୍ୟର ପୃଷ୍ଠଭାଗ ବା ସାମଗ୍ରୀକୁ ସ୍ପର୍ଶ କରିବା ପରେ ନିଜ ମୁହଁକୁ ଛୁଇଁଲେ ସଂକ୍ରମଣ ହେବାର ଆଶଙ୍କା ରହିଛି ।
- ଖାଦ୍ୟ ସାମଗ୍ରୀ କିଣାକିଣି ଓ ପଠାଯାଇଥିବା ଖାଦ୍ୟ ସଂଗ୍ରହ କରିବା ସମୟରେ ଉକ୍ତ ବ୍ୟକ୍ତିବିଶେଷଙ୍କ ସଂସ୍ପର୍ଶରେ ଆସିବା ବିପଦପୂର୍ଣ୍ଣ ଅଟେ ।
- ମାଂସ, ଚିକେନ କିମ୍ବା ଅଣ୍ଡା ଅଧିକ ଖାଇଲେ ବା ବ୍ୟବହାର କଲେ କୋଭିଡ-୧୯ ଭୂତାଣୁ ଅଧିକ କ୍ଷତିକାରୀ ହୋଇଥାଏ ବୋଲି କୌଣସି ପ୍ରମାଣ ନାହିଁ । ଏଥିରେ ଉଚ୍ଚମାନର ପ୍ରୋଟିନ ରହିଛି, ତେଣୁ ଦୟାକରି ଏହି ଖାଦ୍ୟ ଖାଇବା ଜାରି ରଖନ୍ତୁ ।

କୌଣସି ଖାଦ୍ୟରେ ଏପରି ଚମତ୍କାର ଶକ୍ତି ନାହିଁ ଯାହା କୋଭିଡ ୧୯ ଭୂତାଣୁକୁ ପ୍ରତିହତ କରିପାରିବ । ମାତ୍ର କିଛି ଖାଦ୍ୟ ଅଛି ଯାହା ଆଣ୍ଟିଅକ୍ସିଡାନ୍ଟ (ଭିଟାମିନ ସି, ଇ ଓ ଏ) ରେ ଭରପୁର । ଏହା ସହ ଆଇରନ, ଜିଙ୍କ ଓ ସେଲେନିୟମ ଏବଂ ଓମେଗା ୩ ଓ ଓମେଗା ୬ ଫ୍ୟାଟି ଏସିଡ ଆଦି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଅଟେ । ତେଣୁ ଜଣେ ବ୍ୟକ୍ତି ଏସବୁ ଖାଦ୍ୟ ମଧ୍ୟ ଖାଇବା ଉଚିତ୍ ।

| | |
|---|---|
| ଘନ ସବୁଜ ପତ୍ର ଥିବା ଶାଗ | ଖଡା ଶାଗ, ମେଥି ଶାଗ, ପାଳଙ୍ଗ ଶାଗ |
| ଭିଟାମିନ ସିରେ ଭରପୁର ଖାଦ୍ୟ | ଲେମ୍ବୁ, ଖଡା ଶାଗ, କମଳା, ପିଜୁଳି |
| ହଳଦିଆ-କମଳା ରଙ୍ଗର ଫଳ ଓ ପନିପରିବା | ଗାଜର, ଅମୃତଭଣ୍ଡା, ଆମ୍ବ, କମଳା, ଲେମ୍ବୁ |
| ମଞ୍ଜି | ବାଦାମ, ଅଖରୋଟ୍, ଶୁଖିଲା ନଡିଆ, ରାଶି, କୁସୁମଫୁଲ ମଞ୍ଜି, ସୂର୍ଯ୍ୟମୁଖୀ ମଞ୍ଜି, କଖାରୁ ମଞ୍ଜି, ଅଳସି, ଚିଆ ମଞ୍ଜି, ପୋସ୍ତ, କଳାଜିରା, ସୋରିଷ |
| ଅଟା | ବାଜରା, ରାଗି, ଯଅ |
| ଡାଲି ଓ ଛୁଇଁ ଜାତୀୟ | ଗୋଟା ବୁଟ, ଗୋଟା କୋଳଥ, ଗୋଟା ବିରି, ରାଜମା, ସୋୟାବିନ୍ |
| ଅଣ୍ଡା ଓ ଆମିଷ | ମାଂସ, ଚିକେନ୍, ମାଛ ଓ ଅଣ୍ଡା |
| କ୍ଷୀର ଓ କ୍ଷୀର ଜାତୀୟ | ଦହି, ପନିର |
| ଓମେଗା ୩ ଓ ଓମେଗା ୬ ଫ୍ୟାଟି ଏସିଡ୍‌ରେ ଭରପୁର ତେଲ | କୁସୁମ ତେଲ, ସୂର୍ଯ୍ୟମୁଖୀ ତେଲ, ମକା ତେଲ, ସୋୟାବିନ୍ ତେଲ |
| ଚେରମୂଳ, ମସଲା | ରସୁଣ, ଅଦା, ଗୋଲ ମରିଚ, ହଳଦୀ, ଲବଙ୍ଗ, ତୁଳସୀ |

# କୋଭିଡ-୧୯ ମହାମାରୀ
# ଶିଶୁ ସୁରକ୍ଷା ଓ ବିଦ୍ୟାଳୟ ପରିଚାଳନା କମିଟିର ଦାୟିତ୍ୱ ଓ ଭୂମିକା

କୋଭିଡ-୧୯ ମହାମାରୀ ସମୟରେ ଶିଶୁମାନଙ୍କୁ ସୁରକ୍ଷା ଯୋଗାଇବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଗ୍ରାମାଞ୍ଚଳରେ ବାସ କରୁଥିବା ଅସହାୟ ଗରିବ ପରିବାର ତଥା ପ୍ରବାସୀ ଓଡ଼ିଆ ମାନଙ୍କ ମଧ୍ୟରୁ ଅନେକ ଯେତେବେଳେ ନିଜର ପେଷା ହରାଉଛନ୍ତି ସେହି ସମୟରେ ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ବିକ୍ରି ଆଦି ସମସ୍ୟା ବୃଦ୍ଧି ପାଇବାର ଯଥେଷ୍ଟ ଆଶଙ୍କା ରହିଛି । କେବଳ ସେତିକି ନୁହେଁ, ବର୍ତ୍ତମାନ ରୋଜଗାର ନଥାଇ ମାନସିକ ଦୁର୍ଶ୍ଚିନ୍ତାରେ ଥିବା ପିତାମାତା/ଅଭିଭାବକଙ୍କ ହିଂସାର ଶିକାର ମଧ୍ୟ ଶିଶୁମାନେ ହୋଇପାରନ୍ତି । ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପ୍ରାୟୋଜିତ ସମନ୍ୱିତ ଶିଶୁ ସୁରକ୍ଷା ଯୋଜନାରେ ଶିଶୁ ମାନଙ୍କୁ ଏକ ସୁରକ୍ଷିତ ପରିବେଶ ଯୋଗାଇ ଦେବା ନିମନ୍ତେ ବିଭିନ୍ନ ସେବାର ବ୍ୟବସ୍ଥା ରହିଛି । ଏହି ଯୋଜନାରେ ଜାତୀୟ ସ୍ତରରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଆନୁଷ୍ଠାନିକ ବ୍ୟବସ୍ଥା ରହିଛି । ଗ୍ରାମାଞ୍ଚଳ ସ୍ତରରେ ସରପଞ୍ଚଙ୍କ ନେତୃତ୍ୱରେ ଗାଁ ଶିଶୁ ସୁରକ୍ଷା କମିଟିର ବ୍ୟବସ୍ଥା ଅଛି । ସରପଞ୍ଚଙ୍କ ବ୍ୟତିରେକ ସେହି ଗାଁର ଅଧିବାସୀମାନେ ଏହି କମିଟିର ସଦସ୍ୟ ଅଟନ୍ତି । କମିଟିର ମୁଖ୍ୟ ଦାୟିତ୍ୱ ହେଲା ଗାଁରେ ଥିବା ସମସ୍ତ ଶିଶୁଙ୍କୁ ସମସ୍ତ ପ୍ରକାର ହିଂସା, ନିର୍ଯ୍ୟାତନା, ଅତ୍ୟାଚାର, ଶୋଷଣରୁ ମୁକ୍ତ ରଖି ଏକ ସକରାତ୍ମକ ଓ ସୁଖଦ ପରିବେଶ ସୃଷ୍ଟି କରିବା ।

କୋଭିଡ-୧୯ ସଂକ୍ରମଣ ସମୟରେ କୌଣସି ଗ୍ରାମରେ ଥିବା ଶିଶୁ ସହିତ ହିଂସାତ୍ମକ ଅଚରଣ ହେଲେ ସେହି ସମସ୍ୟାକୁ ପ୍ରଥମେ ଗାଁ ଲୋକ/ପଡୋଶୀ ହିଁ ଜାଣିଥାନ୍ତି । ଉଦାହରଣ ସ୍ୱରୂପ ଯଦି କୌଣସି ଗାଁରେ ବାଲ୍ୟ ବିବାହର ଉଦ୍ୟମ କରାଯାଉଥାଏ, ତେବେ ସେହି ଗ୍ରାମର ଲୋକମାନେ ଏହି ସଂପର୍କରେ ତୁରନ୍ତ ଜାଣିପାରିବେ ଏବଂ ବିବାହ ରୋକିବା ନିମନ୍ତେ ଉଚିତ୍ ପଦକ୍ଷେପ ନେବେ ଅଥବା ସଂପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିପାରିବେ । ସେହିପରି ଯଦି କୌଣସି ଶିଶୁ ବିଦ୍ୟାଳୟକୁ ଯାଉନଥାଏ ଅଥବା ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥାଏ, ତେବେ ସେହି ଗାଁର ଜନସାଧାରଣ, ବିଦ୍ୟାଳୟର ଶିକ୍ଷକ କିମ୍ବା ଅନ୍ୟ କୌଣସି ସହପାଠୀ ତାଙ୍କ ବାପା-ମାଆ / ଅଭିଭାବକଙ୍କୁ ଶିଶୁକୁ କାମରେ ନିୟୋଜିତ ନକରି ସ୍କୁଲ ପଠାଇବାକୁ ପରାମର୍ଶ ଦେବେ । ତତ୍ସହିତ ଗାଁର କୌଣସି ବ୍ୟକ୍ତି ଏହି ସମସ୍ୟାର ସମାଧାନ କରିବାର ପନ୍ଥା ବାହାର କରିପାରିଲେ, ତାହା ବାହାର ବ୍ୟକ୍ତି ଅପେକ୍ଷା ଅଧିକ ଗ୍ରହଣୀୟ ହୋଇଥାଏ । ତେଣୁ ଏଭଳି ଏକ ଜଟିଳ ପରିସ୍ଥିତିରେ ଶିଶୁ ସୁରକ୍ଷା କମିଟିକୁ ସୁଦୃଢ କରିବା ସହିତ ଗ୍ରାମପଞ୍ଚାୟତ ଶିଶୁମାନଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ନିମ୍ନଲିଖିତ ପଦକ୍ଷେପ ସବୁ ଗ୍ରହଣ କରିବ–

- ଶିଶୁମାନଙ୍କ ସୁରକ୍ଷା ସମସ୍ୟା ଏବଂ ତାର ସମାଧାନ ପାଇଁ ସଚେତନତା ସୃଷ୍ଟି କରିପାରିବ ।
- ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଶିଶୁ ଚାଲାଣ, ଶିଶୁ ବିକ୍ରି କିମ୍ବା ଶିଶୁମାନଙ୍କ ପ୍ରତି ହେଉଥିବା ଅନ୍ୟାନ୍ୟ ଅତ୍ୟାଚାର ରୋକିବା ପାଇଁ ଗ୍ରାମ ସ୍ତରରେ ଟ୍ରାକିଂ ବ୍ୟବସ୍ଥା ଗ୍ରହଣ କରାଯାଇପାରିବ ।

- ଅସୁରକ୍ଷିତ, ଅସହାୟ ପରିବାରଗୁଡିକୁ ଚିହ୍ନଟ କରି ସେମାନଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୂକ୍ତ କରାଇବେ ତତ୍‌ସହିତ ଅନାଥ ଶିଶୁଙ୍କ ନିମନ୍ତେ ସହାୟତା ପ୍ରଦାନ, ପୋଷ୍ୟ ସନ୍ତାନ ଆଦିର ବ୍ୟବସ୍ଥା କରିବେ ।
- ଗ୍ରାମପଞ୍ଚାୟତରେ କୌଣସି ବ୍ୟକ୍ତି/ସଂସ୍ଥା ଦ୍ୱାରା ସାହାଯ୍ୟ ପ୍ରାପ୍ତ ଶିଶୁ/ପୋଷ୍ୟ ସନ୍ତାନ ଅଥବା ସାମୟିକ ଛାତ୍ରାବାସରେ ରଖାଯାଇଥିବା ଶିଶୁମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଅନୁସନ୍ଧାନ କରିବେ ।
- କୌଣସି ଶିଶୁ ଯେପରି ବିଦ୍ୟାଳୟ ଛାଡିବେ ନାହିଁ ଅଥବା କୌଣସି ଶୋଷଣ ବା ଅତ୍ୟାଚାରର ଶିକାର ନହେବେ ସେଥିନିମନ୍ତେ ଗ୍ରାମ ସ୍ତରରେ ଶିଶୁ ସୁରକ୍ଷା କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ଆବଶ୍ୟକ ।
- ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଶିଶୁ ଚାଲାଣ, ଶିଶୁ ବିକ୍ରି କିମ୍ବା ସେମାନଙ୍କ ପ୍ରତି ହେଉଥିବା ଅନ୍ୟାନ୍ୟ ଅତ୍ୟାଚାରକୁ ରୋକିବା ପାଇଁ କିଶୋରୀ ଗୋଷ୍ଠୀ, ସ୍କୁଲ ପରିଚାଳନା କମିଟି (ଏସ୍‌ଏମ୍‌ସି), ସ୍ୱୟଂ ସହାୟକ ଗୋଷ୍ଠୀ, ଶିକ୍ଷକ ତଥା ପଞ୍ଚାୟତିରାଜ ଅନୁଷ୍ଠାନର ସଦସ୍ୟ ମିଳିତ ଭାବରେ ପ୍ରୟାସ କରିବେ ।
- ଶିଶୁ ଅଧିକାର ଉଲ୍ଲଙ୍ଘନ କ୍ଷେତ୍ରରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବ୍ଲକ ତଥା ଜିଲ୍ଲା ସ୍ତରୀୟ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବେ ।

ବିଶେଷକରି ପିଲାମାନଙ୍କୁ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ସୁରକ୍ଷିତ ରଖିବା ଅପରିହାର୍ଯ୍ୟ । ବିଦ୍ୟାଳୟ ଗୁଡ଼ିକରେ କୋଭିଡ୍-୧୯ ସଂକ୍ରମଣ ରୋକିବା ପାଇଁ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ; ଭୂତାଣୁ ସଂକ୍ରମଣକୁ ଅଧିକ ବ୍ୟାପିବାରୁ ରୋକିବା ପାଇଁ ସଂକ୍ରମଣର ଶୀକାର ହୋଇଥିବା ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଯତ୍ନର ସହ ରହିବା ଆବଶ୍ୟକ ।

କୌଣସି ଛାତ୍ରଛାତ୍ରୀ ବା କର୍ମଚାରୀ କରୋନା ଭୂତାଣୁ ସଂସ୍ପର୍ଶରେ ଆସିଥିଲେ ବିଦ୍ୟାଳୟ ଗୁଡ଼ିକ ଦ୍ୱାରା ନିଆଯାଉଥିବା ପଦକ୍ଷେପ କୋଭିଡ୍-୧୯ର ପ୍ରବେଶ ଓ ସଂକ୍ରମଣକୁ ରୋକିପାରିବ । ତେବେ ଏନେଇ କୌଣସି ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପ୍ରତି ପକ୍ଷପାତ ରହିବା ଉଚିତ ନୁହେଁ । ବିଦ୍ୟାଳୟକୁ ସୁରକ୍ଷିତ ପରିଚାଳନା କରିବା ବା ବିଦ୍ୟାଳୟ ବନ୍ଦହୋଇ ପୁନଃଖୋଲିବା ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ଆବଶ୍ୟକ ।

## ବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟ :

(କ) ଯେଉଁ ସବୁ ଅଞ୍ଚଳରୁ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଆସୁଛନ୍ତି ସେହି ଅଞ୍ଚଳ ପାଇଁ ଶିକ୍ଷାର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବା ।

(ଖ) ସେହି ଅଞ୍ଚଳରେ ଥିବା ୦-୬ ବର୍ଷ ଓ ୬ରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ଗଣନା କରିବା ।

(ଗ) ବିଦ୍ୟାଳୟରେ ନାମ ଲେଖାଇନଥିବା ପିଲାମାନଙ୍କୁ ସାମୁହିକ ପ୍ରଚେଷ୍ଟା ଦ୍ୱାରା ଆଣି ସ୍କୁଲରେ ନାମ ଲେଖାଇବା ଏବଂ ସେମାନେ କିପରି ମୌଳିକ ଶିକ୍ଷା ସମାପ୍ତି କରିବା ପର୍ଯ୍ୟନ୍ତ ସ୍କୁଲ ଛାଡ଼ି ଯିବେନାହିଁ ସେଥି ନିମନ୍ତେ କାର୍ଯ୍ୟ କରିବା ।

(ଘ) ପିଲାମାନଙ୍କର ନିୟମିତ ଉପସ୍ଥାନ ସୁନିଶ୍ଚିତ କରିବା ଓ ବିଦ୍ୟାଳୟରେ ସାମୟିକ ଅନୁପସ୍ଥିତି

ରହୁଥିବା ଓ ବିଦ୍ୟାଳୟ ବାହାରେ ଅଧାରୁ ପାଠ ଛାଡ଼ି ରହୁଥିବା ପିଲାମାନଙ୍କୁ ସ୍କୁଲ୍‌କୁ ପଠାଇବା ପାଇଁ ସେମାନଙ୍କ ପିତାମାତାଙ୍କୁ ପରାମର୍ଶ ଦେବା ।

ଙ) ଶିକ୍ଷକମାନଙ୍କ ନିୟମିତ ଉପସ୍ଥାନର ତଦାରଖ କରିବା । ଶିକ୍ଷକମାନଙ୍କର ଅନୁପସ୍ଥିତି ସମ୍ପର୍କରେ ସ୍ଥାୟୀ କମିଟିକୁ ଜଣାଇବା ।

## କୋଭିଡ୍-୧୯ ମହାମାରୀ ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିଚାଳନା କମିଟି ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଜରୁରୀ

- ବିଦ୍ୟାଳୟର ଜରୁରୀକାଳିନ ଏବଂ ଆକସ୍ମିକ ଯୋଜନାକୁ ଅଧୁନାତନ କରନ୍ତୁ । ବିଦ୍ୟାଳୟ ପରିସରରେ ଆୟୋଜିତ ହେଉଥିବା କୌଣସି ସାମୁହିକ କାର୍ଯ୍ୟକ୍ରମ ବା ବୈଠକକୁ ବାତିଲ କରନ୍ତୁ ।
- ବିଦ୍ୟାଳୟ ଖୋଲିବା ପରେ ବାରମ୍ବାର ହାତ ଧୋଇବା ଓ ସ୍ୱଚ୍ଛତା ଅବଲମ୍ବନ କରିବା ପ୍ରକ୍ରିୟାକୁ ବଳବତ୍ତର ରଖିବା ଏବଂ ଏନେଇ ଆବଶ୍ୟକ ସାମଗ୍ରୀ କ୍ରୟ କରିବା ଆବଶ୍ୟକ । ସାବୁନ୍ ଓ ପାଣିରେ ହାତ ଧୋଇବା ସ୍ଥାନ ତିଆରି କରନ୍ତୁ ଏବଂ ସମ୍ଭବ ହେଲେ ପ୍ରତି ଶ୍ରେଣୀଗୃହର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ଭୋଜନାଳୟ ଓ ଶୌଚାଳୟ ବାହାରେ ସାନିଟାଇଜର ରଖିବା ପାଇଁ ବ୍ୟବସ୍ଥା କରନ୍ତୁ ।
- ବିଦ୍ୟାଳୟ କୋଠା, ଶ୍ରେଣୀଗୃହ, ପାନୀୟ ଜଳ ଉପଲବ୍ଧ ସ୍ଥାନ, ବିଶେଷ କରି ଯେଉଁ ସ୍ଥାନ ଗୁଡ଼ିକୁ ବହୁଲୋକ ସ୍ପର୍ଶ କରୁଛନ୍ତି (ରେଲିଂ, ଖାଇବା ସ୍ଥାନ, କ୍ରୀଡ଼ା ଉପକରଣ, କବାଟ ଓ ଝରକା ହ୍ୟାଣ୍ଡେଲ, ଖେଳଣା, ପଢ଼ିବା ଓ ଶିଖିବା ଉପକରଣ ଆଦି) ସେଗୁଡ଼ିକୁ ଦିନରେ ଅତି କମ୍‌ରେ ଗୋଟିଏ ଥର ପରିଷ୍କାର କରିବା ଓ ଜୀବାଣୁମୁକ୍ତ ଶୋଧନ କରିବା ଜରୁରୀ ।

## ବିଦ୍ୟାଳୟ ଆରମ୍ଭ ହେବାପରେ ସାମାଜିକ ଦୂରତା ବଜାୟ ରଖିବା ପାଇଁ ନିମ୍ନଲିଖିତ ଅଭ୍ୟାସ ଜାରି ରଖିବେ

- ବିଦ୍ୟାଳୟ ଆରମ୍ଭ ଓ ଶେଷ ସମୟରେ ଶିକ୍ଷକ ଓ ଛାତ୍ରଛାତ୍ରୀ ଗହଳି କରିବା ପରିବର୍ତ୍ତେ ଧୀରେ ଧୀରେ ଚାଲି ଚାଲି ଯିବା ଆବଶ୍ୟକ ।
- ଗହଳି ସୃଷ୍ଟି କରୁଥିବା ଆସେମ୍ଲି, କ୍ରୀଡ଼ା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବାତିଲ କରିବେ ।
- ସମ୍ଭବ ହେଲେ ପିଲାମାନଙ୍କ ଗୋଟିଏ ପଢ଼ା ଟେବୁଲଠାରୁ ଅନ୍ୟ ଟେବୁଲ୍‌କୁ ଅତି କମ୍‌ରେ ଏକ ମିଟର ଦୂରରେ ରଖିବେ ।
- ଅଯଥା ସ୍ପର୍ଶ ନକରି ଦୂରତା ବଜାୟ ରଖି ପାଠ ପଢ଼ାଇବାକୁ ଚେଷ୍ଟା କରିବେ ।

## ଛାତ୍ରଛାତ୍ରୀ ବା କର୍ମଚାରୀ ଅସୁସ୍ଥ ଅନୁଭବ କଲେ ଉଚିତ କାର୍ଯ୍ୟପ୍ରକ୍ରିୟା ଗ୍ରହଣ କରିବେ :

ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ଓ ବିଦ୍ୟାଳୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହ ପୂର୍ବରୁ ଯୋଜନା ପ୍ରସ୍ତୁତ କରିବା ସହ ଜରୁରୀକାଳିନ ଯୋଗାଯୋଗ ତାଲିକାକୁ ଅଧୂନାତନ କରି ରଖନ୍ତୁ । ଅସୁସ୍ଥ ଅନୁଭବ କରୁଥିବା ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ସୁସ୍ଥ ଲୋକଙ୍କଠାରୁ ଅଲଗା ରଖିବେ । ଏନେଇ ଅଭିଭାବକଙ୍କୁ ସୂଚନା ଦେବା ସହ ସମ୍ଭବହେଲେ ସ୍ୱାସ୍ଥ୍ୟ ଅଧିକାରୀ ବା ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ପରାମର୍ଶ ନିଆଯାଇପାରେ । ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ପରିସ୍ଥିତି ଅନୁସାରେ ସିଧାସଳଖ ସ୍ୱାସ୍ଥ୍ୟକେନ୍ଦ୍ର ବା ଘରକୁ ପଠାଯାଇପାରେ । ଏହିସବୁ ପଦକ୍ଷେପ ସମ୍ପର୍କ ପୂର୍ବରୁ ଛାତ୍ରଛାତ୍ରୀ କର୍ମଚାରୀ ଓ ଅଭିଭାବକଙ୍କ ସହ ଆଲୋଚନା କରାଯିବ ଆବଶ୍ୟକ ।

ପିଲାମାନଙ୍କର ପ୍ରଶ୍ନ ଓ ଦ୍ୱନ୍ଦର ଉତ୍ତର ଦେବାକୁ

ପିଲାମାନେ ବୁଝିପାରିଲାଭଳି ପୋଷ୍ଟର ତିଆରି କରି ନୋଟିସ ବୋର୍ଡ, ବିଦ୍ୟାଳୟକାନ୍ଥ ଓ ଅନ୍ୟ ଦୃଷ୍ଟି ଆକର୍ଷଣକାରୀ ସ୍ଥାନମାନଙ୍କରେ ଲଗାଇବେ ।

## ଆବଶ୍ୟକ ସ୍ଥଳେ ପରିବର୍ତ୍ତନଶୀଳ ବିଦ୍ୟାଳୟ ନୀତି ପ୍ରସ୍ତୁତ କରନ୍ତୁ :

ପରିବର୍ତ୍ତନଶୀଳ ଉପସ୍ଥାନ ଓ ଅସୁସ୍ଥତା ଛୁଟି ନିୟମ ପ୍ରସ୍ତୁତ କରନ୍ତୁ । ଯାହା ଦ୍ୱାରା କି ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ଏବଂ କର୍ମଚାରୀମାନେ ଅସୁସ୍ଥ ଅନୁଭବକଲେ ଘରେ ରହିବା ବା ଅସୁସ୍ଥ ପରିବାର ଲୋକଙ୍କ ଯତ୍ନ ନେବା ସକାଶେ ଛୁଟି ନେବାପାଇଁ ଉତ୍ସାହିତ କରାଯିବ । ଶତପ୍ରତିଶତ ଉପସ୍ଥାନ ପାଇଁ ପୁରସ୍କୃତ କରିବା ଓ ପ୍ରୋତ୍ସାହନ ଦେବା ପ୍ରକ୍ରିୟାକୁ କିଛିଦିନ ପାଇଁ ସ୍ଥଗିତ ରଖନ୍ତୁ । ଜରୁରୀ କାର୍ଯ୍ୟ ଓ ପଦବୀ ଚିହ୍ନଟକରି ସେଥିପାଇଁ ବିଭିନ୍ନ କର୍ମଚାରୀଙ୍କୁ ନିୟୋଜିତ କରନ୍ତୁ ଯାହାଦ୍ୱାରା ଜଣେ ଅନୁପସ୍ଥିତ ରହିଲେ କାର୍ଯ୍ୟ ପ୍ରଭାବିତ ହେବନାହିଁ । ଛୁଟି ଓ ପରୀକ୍ଷାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ପାଠ୍ୟକ୍ରମ କ୍ୟାଲେଣ୍ଡର ପରିବର୍ତ୍ତନ କରିବାକୁ ଯୋଜନା କରନ୍ତୁ ।

ଶ୍ୱାସ ପ୍ରଶ୍ୱାସ ଜନିତ ଅସୁସ୍ଥତା କାରଣରୁ ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ଅନୁପସ୍ଥିତ ରହିଲେ ସେ ସମ୍ପର୍କରେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାନ୍ତୁ ।

## ନିରବଚ୍ଛିନ୍ନ ଶିକ୍ଷା ପ୍ରଦାନ ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ:

ଅନୁପସ୍ଥିତ ରହିଲେ / ଅସୁସ୍ଥତା କାରଣରୁ ଛୁଟି ନେଲେ ବା ସାମୟିକ ବିଦ୍ୟାଳୟ ବନ୍ଦ ରଖିଲେ ମଧ୍ୟ ନିରବଚ୍ଛିନ୍ନ ଗୁଣାତ୍ମକ ଶିକ୍ଷା ଯୋଗାଇଦେବାରେ ସହାୟକ ହୁଅନ୍ତୁ ।

- ଅନ୍‌ଲାଇନ୍ / ଇ-ଲର୍ନିଙ୍ଗ୍ ବ୍ୟବସ୍ଥା ପ୍ରଚଳନ କରନ୍ତୁ ।
- ଘରେ ପଢ଼ିବା ଓ ଅଭ୍ୟାସ କରିବା ପାଇଁ ପାଠ ଦିଅନ୍ତୁ ।
- ବିଦ୍ୟାଳୟ ପାଠ୍ୟକ୍ରମ ଅନୁସାରେ ରେଡିଓ, ଟିଭି ମାଧ୍ୟମରେ କାର୍ଯ୍ୟକ୍ରମ ପ୍ରସାରଣ କରନ୍ତୁ....
- ଛାତ୍ରଛାତ୍ରୀଙ୍କ ସହ ଦୈନିକ ବା ସପ୍ତାହିକ ଭାବେ ପାଠ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ପାଇଁ ଶିକ୍ଷକମାନଙ୍କୁ ଦାୟୀତ୍ୱ ଦିଅନ୍ତୁ ।
- ବିଭିନ୍ନ ଶିକ୍ଷା ସମ୍ବନ୍ଧୀୟ ରଣନୀତି ପ୍ରସ୍ତୁତ କରନ୍ତୁ ବା ସମୀକ୍ଷା କରନ୍ତୁ ।
- ଦିକ୍ଷା ପୋର୍ଟାଲ ଦେଖିବାକୁ କୁହନ୍ତୁ ଓ ସେଥିରୁ ଶ୍ରେଣୀ ମୁତାବକ ପାଠ ପଢ଼ିବାକୁ କୁହନ୍ତୁ ।
- ପିଲାମାନେ ମିନା କାର୍ଯ୍ୟକ୍ରମର ମଜାନେଇ ପାରିବେ ।
- ମଧୁ ଆପ ଦେଖି ସେଥିରେ ଦିଆଯାଇଥିବା ପାଠ ବୁଝନ୍ତୁ ଓ ପଢ଼ନ୍ତୁ ।
- ଘରେ ରହିବା ସମୟରେ ପିଲାମାନେ ନିଜ ସମୟର ସଦୁପଯୋଗ କରନ୍ତୁ ।
- କୋପିଙ୍ଗ୍ କ୍ୟାଲେଣ୍ଡର ଅନୁସାରେ କାର୍ଯ୍ୟ କରନ୍ତୁ ।
- ବିଭିନ୍ନ ଗପ ବହି ପଢ଼ନ୍ତୁ ଓ ଗପ ଶୁଣାନ୍ତୁ ।
- ୟୁ ଟ୍ୟୁବ୍ ମାଧ୍ୟମରେ ବିଭିନ୍ନ ଅନ୍‌ଲାଇନ୍ କ୍ଲାସରେ ଭାଗ ନିଅନ୍ତୁ ।
- ଆରମ୍ଭର ଗପ ଶୁଣନ୍ତୁ ।
- ଦିକ୍ଷା ପୋର୍ଟାଲରେ ଦିଆଯାଇଥିବା ୱାର୍କସିଟ୍ ଦେଖି ସେଭଳି କରନ୍ତୁ ।
- ନିଜ ମନକୁ ଶାନ୍ତ ଓ ଶରୀରକୁ ସୁସ୍ଥ ରଖିବା ପାଇଁ ଏକାଗ୍ରଚିତ୍ତ ହେବା ଆବଶ୍ୟକ, ସେଥିପାଇଁ ଯୋଗ ଓ ପ୍ରାଣାୟମର ଅଭ୍ୟାସ କରନ୍ତୁ ।

# ଜୀବନ ଜୀବିକା - ଗ୍ରାମପଞ୍ଚାୟତର କାର୍ଯ୍ୟପନ୍ଥା

ପଞ୍ଚାୟତିରାଜ ବ୍ୟବସ୍ଥା ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉଛି । ଲୋକମାନଙ୍କୁ କରୋନା ଭୂତାଣୁ ସଂକ୍ରମଣ ଏବଂ ବର୍ତ୍ତମାନର ପରିସ୍ଥିତି ସମ୍ବନ୍ଧରେ ସଚେତନ କରାଇ ଏଥିରୁ ସମସ୍ତଙ୍କୁ ସୁରକ୍ଷିତ କରିବା ହେଉଛି ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ପ୍ରାଥମିକ ଦାୟିତ୍ୱ । ବିଶେଷଜ୍ଞଙ୍କ ମତରେ କରୋନା ସଂକ୍ରମଣର ପ୍ରଭାବ ନିକଟ ଭବିଷ୍ୟତରେ ଥମିବାର ଆଶା କରାଯାଉନାହିଁ । କୋଭିଡ୍-୧୯ ବ୍ୟାଧୀର ପ୍ରକୋପ ଗ୍ରାମୀଣ ଜୀବନ ଓ ଜୀବିକାକୁ ମଧ୍ୟ ଗୁରତର ଭାବେ ପ୍ରଭାବିତ କରିଛି । ସଂକ୍ରମଣର ପ୍ରତିରୋଧ ନିମନ୍ତେ ବିଭିନ୍ନ ସରକାରୀ କଟକଣାକୁ ପାଳନ ସହିତ କରୋନା ପରିସ୍ଥିତିକୁ ଖାପ ଖୁଆଇ ଗ୍ରାମାଞ୍ଚଳରେ ଭିତ୍ତିଭୂମି, ଜୀବିକା, ମୌଳିକ ସେବା ଇତ୍ୟାଦିର ଉନ୍ନତି ତଥା ପୁର୍ନରୁଦ୍ଧାର କରିବା ଜରୁରୀ । ଏହାକୁ ଦୃଷ୍ଟିରେ ରଖି ଗ୍ରାମପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଗ୍ରାମୀଣ ବିକାଶ ଯୋଜନାର ସଫଳ ରୂପାୟନ ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧିମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଯାହାକି ନିମ୍ନରେ ବର୍ଣ୍ଣିତ ।

## ମହାତ୍ମା ଗାନ୍ଧି ନରେଗା ଯୋଜନା

ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏକ ଅଧିନିୟମ ଉପରେ ଆଧାରିତ, ଯାହା ମହାତ୍ମା ଗାନ୍ଧି ନରେଗା ଅଧିନିୟମ ୨୦୦୫ ନାମରେ ପରିଚିତ । ଏହି ଅଧିନିୟମ ଏକ ଅଧିକାର ଭିତ୍ତିକ ଐତିହାସିକ ଆଇନ, ଯାହା ଗ୍ରାମୀଣ ଜୀବିକାର ସୁରକ୍ଷାରେ ଉନ୍ନତି ଆଣିବା ସହିତ ଅର୍ଥନୀତିର ଅଭିବୃଦ୍ଧିରେ ସହାୟକ ହୋଇଛି । ଏହି ଯୋଜନାରେ ଅନ୍ୟୁନ ୬୦% କାର୍ଯ୍ୟ ଜମି, ଜଳ, ବୃକ୍ଷ ଭଳି ପ୍ରାକୃତିକ ସମ୍ପଦର ବିକାଶ କରି କୃଷି ଓ କୃଷିଭିତ୍ତିକ କାର୍ଯ୍ୟରେ ଉତ୍ପାଦନକ୍ଷମ ସଂପତ୍ତି ସୃଷ୍ଟିକୁ ଗୁରୁତ୍ୱ ଦିଆଯାଇଅଛି ।

ଆମ ରାଜ୍ୟରେ ଅଧିକାଂଶ ଲୋକ ଜୀବନ ଜୀବିକା ପାଇଁ କୃଷି ଉପରେ ନିର୍ଭର କରନ୍ତି । କୃଷି କ୍ଷେତ୍ରରେ ପ୍ରାୟ ୭୦ ଭାଗ ଲୋକ କାମ କରନ୍ତି । ଏହା ଗ୍ରାମ ଅର୍ଥନୀତିର ମୂଳାଧାର । ସମୁଦାୟ ଚାଷୀଙ୍କ ମଧ୍ୟରୁ ଅଧିକାଂଶ (ପ୍ରାୟ ୮୨ ପ୍ରତିଶତ) କ୍ଷୁଦ୍ର ଓ ନାମ ମାତ୍ର ଚାଷୀ । ସେମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ମହାତ୍ମା ଗାନ୍ଧି ନରେଗା ଯୋଜନାରେ ଉଭୟ ବ୍ୟକ୍ତିଗତ ଓ ଗୋଷ୍ଠଗତ ପ୍ରକଳ୍ପ କରାଯାଇ ଗ୍ରାମୀଣ ଜୀବିକାକୁ ସୁରକ୍ଷିତ ତଥା ସମୃଦ୍ଧ କରାଯାଇ ପାରିବ । କରୋନା ସଂକ୍ରମଣର ପ୍ରତିରୋଧ ସହିତ ମହାତ୍ମା ଗାନ୍ଧି ନରେଗା ଯୋଜନାର କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗର ପତ୍ର ସଂଖ୍ୟା ୭୭୫୨ ତା ୨୩.୪.୨୦୨୦ରେ ଜାରି ହୋଇଥିବା ମାର୍ଗଦର୍ଶୀକାର ମୁଖ୍ୟାଂଶ ନିମ୍ନରେ ଦିଆଗଲା ।

- ଜିଲ୍ଲା ପ୍ରଶାସନ ଚିହ୍ନିତ କଣ୍ଟେନମେଣ୍ଟ ଜୋନ୍ ବା ଅବରୋଧ ଅଞ୍ଚଳ ବ୍ୟତୀତ ଅନ୍ୟ ସମସ୍ତ ଅଞ୍ଚଳରେ ମହାତ୍ମାଗାନ୍ଧି ନରେଗାରେ ବିଭିନ୍ନ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି ।

- ଅଣକୁଶଳୀ କାମ ପାଇଁ ଆଗ୍ରହୀ ଥିବା ସମସ୍ତ ଜବ କାର୍ଡ ଧାରୀ ଏବଂ ଜବକାର୍ଡ ନଥିବା ବ୍ୟକ୍ତିବିଶେଷ କାମ ପାଇଁ ଦାବି କଲେ ତୁରନ୍ତ ଜବ କାର୍ଡ ପ୍ରଦାନ କରାଯାଇ କାର୍ଯ୍ୟ ଦାବିର ସର୍ବାଧିକ ୧୫ ଦିନ ସମୟସୀମା ମଧ୍ୟରେ ସେମାନଙ୍କୁ ତୁରନ୍ତ କାମ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।
- ଗାଁକୁ ଫେରୁଥିବା ପ୍ରବାସୀ ବ୍ୟକ୍ତି ସଂଗରୋଧ କାର୍ଯ୍ୟ ସମ୍ପୂର୍ଣ୍ଣ ପରେ ସେମାନଙ୍କୁ ଜବ କାର୍ଡ ପ୍ରଦାନ କରାଯାଇ କାର୍ଯ୍ୟ ଦାବିର ୧୫ ମଧ୍ୟରେ ମହାତ୍ମା ଗାନ୍ଧି ନରେଗାରେ ତୁରନ୍ତ କାର୍ଯ୍ୟ ଯୋଗାଇ ଦିଆଯିବ ।
- ଅନୁମୋଦିତ ହୋଇଥିବା ପ୍ରକଳ୍ପ ତାଲିକାରୁ ଚୟନ କରି ପ୍ରତ୍ୟେକ ଗ୍ରାମ / ପଞ୍ଚାୟତ ସ୍ତରରେ ପର୍ଯ୍ୟାପ୍ତ ପରିମାଣର ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ଏବଂ ଏହା କାର୍ଯ୍ୟକାରୀ ବେଳେ ସାମାଜିକ ଦୂରତା ନିୟମ (ଅତି କମ୍‌ରେ ୬ ଫୁଟ ଦୂରତା)କୁ କଡ଼ାକଡି ଭାବରେ ପାଳନ କରାଯିବ ।
- ମଷ୍ଟର ରୋଲ ସମ୍ପୂର୍ଣ୍ଣ ହେବାର ୫ ଦିନ ମଧ୍ୟରେ ଶ୍ରମିକମାନଙ୍କୁ ମଜୁରୀ ପ୍ରଦାନ ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା ହୋଇଛି ।
- ୪ଟି ଜିଲ୍ଲା ଯଥା ବଲାଙ୍ଗୀର, ବରଗଡ, କଳାହାଣ୍ଡି, ନୂଆପଡାର ଦାଦନ ପ୍ରଭାବିତ ୨୦ ବ୍ଲକରେ ଜଣେ ଶ୍ରମିକଙ୍କୁ ଅଣକୁଶଳୀ କାମ ପାଇଁ ଅଧିସୂଚୀତ ମଜୁରୀ ଦରରେ ପୂର୍ବରୁ ଯାହା ମଜୁରୀ ମିଳୁଥିଲା ଅର୍ଥାତ ଦୈନିକ ୨୯୮ ଟଙ୍କା ମିଳିବ । ଅନ୍ୟ ୨୯୪ଟି ବ୍ଲକରେ ଦୈନିକ ୨୦୭ଟଙ୍କା ହିସାବରେ ମଜୁରୀ ପ୍ରଦାନ କରାଯିବ । କରୋନା ସମୟରେ ଏହି ମଜୁରୀକୁ କମ କରାଯିବ ନାହିଁ ।
- କାର୍ଯ୍ୟକ୍ଷେତ୍ରରେ ପ୍ରତ୍ୟେକ ଶ୍ରମିକ ମାସ୍କ (ଘରେ ତିଆରି ହୋଇଥିଲେ ବି ଚଳିବ) ବାନ୍ଧିବା ବାଧ୍ୟତାମୂଳକ । ନିୟମିତ ସାବୁନରେ ହାତ ଧୋଇବା ସହ ପାଣିର ସୁବ୍ୟବସ୍ଥା କରାଯିବ । କରୋନା ଲକ୍ଷଣ ଯେପରିକି ଶୁଖିଲା କାଶ, ଜ୍ୱର, ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବା ବ୍ୟକ୍ତିବିଶେଷ ତଥା ରୋଗୀ ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ କାମରେ ନିୟୋଜିତ ନକରିବାକୁ ନିଷ୍ପତ୍ତି ନିଆଯାଇଛି ।
- କାର୍ଯ୍ୟସ୍ଥଳୀରେ ଧୂମ୍ରପାନ, ଗୁଟଖା, ତମ୍ବାଖୁ ଆଦି ଚୋବାଇବା ଓ ଛେପ ପକାଇବାକୁ ନିଷେଧ କରାଯାଇଛି ।
- ବାହାର ରାଜ୍ୟରୁ ଫେରିବା ମାତ୍ରେ ହିଁ ଗ୍ରାମପଞ୍ଚାୟତ ଦ୍ୱାରା ପରିଚାଳିତ ସଙ୍ଗରୋଧ କେନ୍ଦ୍ରରେ ୨୧ ଦିନ ପର୍ଯ୍ୟନ୍ତ ଶ୍ରମିକମାନେ କ୍ୱାରେଣ୍ଟାଇନ୍‌ରେ ରହିବା ଅପରିହାର୍ଯ୍ୟ ।
- ସଙ୍ଗରୋଧ କେନ୍ଦ୍ରରେ ରହିବା ସମୟରେ ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକ ଆଗ୍ରହୀ ଶ୍ରମିକଙ୍କୁ ପଚାରି ବୁଝି ଏକ ମତାମତ ଫର୍ମ ପୂରଣ କରିବେ । ଏହି ସମୟରେ ସଂପୃକ୍ତ ବ୍ୟକ୍ତି ସଙ୍ଗରୋଧ ଅବଧି ଶେଷେ ହେବା ପରେ ସେ ମହାତ୍ମା ଗାନ୍ଧି ନରେଗାରେ କାମ କରିବାକୁ ଇଚ୍ଛୁକ କି ନାହିଁ ତାହା ଜଣାଇବେ । ଏହି ମତାମତ ଫର୍ମରେ ନିଜ ନାମ, ବାପା ବା ସ୍ୱାମୀଙ୍କ ନାମ, ବୟସ, ଜନ୍ମ

ତାରିଖ, ପରିଚୟ ପତ୍ର ଓ ଠିକଣାର ପ୍ରମାଣ ପତ୍ର, ସଂପୃକ୍ତ ବ୍ୟକ୍ତିଙ୍କ ନାଁରେ ଜବ କାର୍ଡ ଅଛି ନା ନାହିଁ, ଯଦି ଅଛି ଜବ କାର୍ଡର ନମ୍ବର, ଅନୁସୂଚୀ ୧ର ପାରା ୫ ଅଧୀନରେ ସେ ଆସୁଛନ୍ତି କି, ତାଙ୍କ ପରିବାର ନାମରେ କେତେ ଜାଗାବାଡି ଅଛି ଏବଂ ଅନ୍ୟାନ୍ୟ ସୂଚନା ସୂଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପ ସମୂହ :

ଏହି ଯୋଜନାରେ ଜଳସେଚନ ଓ ଜଳ ସଂରକ୍ଷଣ କାମକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ । ଏହିଭଳି କାର୍ଯ୍ୟ ଗୁଡ଼ିକର ତାଲିକା ନିମ୍ନରେ ଦିଆଗଲା ।

- ପାଣି ଛାଡ଼ିବା (ଫିଡର୍) ଚ୍ୟାନେଲ୍ ନିର୍ମାଣ / ପାଣି ବିତରଣ ନାଳୀ / କ୍ଷୁଦ୍ର ନାଳ / ଗୋଷ୍ଠୀ ବ୍ୟବହାର ନିମନ୍ତେ ଜଳ ନିର୍ଗମନ ନାଳୀ ।
- ବ୍ୟକ୍ତିଗତ ତଥା ଗୋଷ୍ଠୀ ବ୍ୟବହାର ନିମନ୍ତେ ବିଭିନ୍ନ ପ୍ରକାର ଆଡ଼ିବନ୍ଧ (ଚେକ୍ ଡ୍ୟାମ୍) ନିର୍ମାଣ ।
- ବ୍ୟକ୍ତିଗତ ତଥା ଗୋଷ୍ଠୀ ବ୍ୟବହାର ନିମନ୍ତେ ଜଳସେଚନ ପାଇଁ ଖୋଲା କୂପ ନିର୍ମାଣ ।
- ବ୍ୟକ୍ତିଗତ ତଥା ଗୋଷ୍ଠୀ ବ୍ୟବହାର ନିମନ୍ତେ କୃଷି ପୋଖରୀ, କ୍ଷୁଦ୍ର ପର୍କୁଲେସନ୍ ପୋଖରୀ ।
- ବ୍ୟକ୍ତିଗତ ତଥା ଗୋଷ୍ଠୀ ବ୍ୟବହାର ନିମନ୍ତେ ରିଜାର୍ଜ ପିଟ୍ ନିର୍ମାଣ ।
- ବ୍ୟକ୍ତିଗତ ତଥା ଗୋଷ୍ଠୀ ବ୍ୟବହାର ନିମନ୍ତେ ଜଳରୋଧକ (ଟ୍ରେଞ୍ଚ) ନିର୍ମାଣ ଏବଂ ମହାତ୍ମା ଗାନ୍ଧି ନରେଗା ଆଇନ୍ ୨୦୦୫ର ଅନୁସୂଚୀ-୧ରେ ଉଲ୍ଲିଖିତ ଜଳସେଚନ ଓ ଜଳ ସଂରକ୍ଷଣ ସମ୍ବନ୍ଧୀୟ ସମସ୍ତ ଅନୁମୋଦିତ ପ୍ରକଳ୍ପ ନିଆଯାଇ ପାରିବ ।
- ଜଳ ସେଚନ ଓ ଜଳ ସଂରକ୍ଷଣ ସଂପର୍କିତ ଅନ୍ୟାନ୍ୟ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନାମାନ ମହାତ୍ମା ଗାନ୍ଧି ନରେଗା ସହ ସମ୍ମିଳିତ କରାଯାଇ କାର୍ଯ୍ୟକ୍ରମ ପରିଚାଳନାର ଅନୁମତି ଦିଆଯିବ ।
- ସମନ୍ୱିତ ଜଳ, ଜମି, ଜଙ୍ଗଲ ସମ୍ବନ୍ଧୀୟ କାର୍ଯ୍ୟ ଯଥା ୫% ମଡେଲ୍, ୩୦/୪୦ ଢାଞ୍ଚା, ଜଳଧାରଣ ଟ୍ରେଞ୍ଚ୍ ଏବଂ ଅନ୍ୟାନ୍ୟ ଜମି ଓ ଜଳ ସମ୍ବନ୍ଧୀୟ କାର୍ଯ୍ୟ କରାଯିବ ।
- ପ୍ରତି ଗ୍ରାମପଞ୍ଚାୟତରେ ବହୁମୁଖୀ ପୋଖରୀ ଖନନ, ଗ୍ରାମପଞ୍ଚାୟତର ଅଧୀନରେ ଥିବା ପୁଷ୍କରିଣୀର ପୁନରୁଦ୍ଧାର, ପ୍ରତି ଗ୍ରାମପଞ୍ଚାୟତରେ ଖେଳପଡିଆ (ବଦ୍ୟାଳୟ ନିକଟରେ ଅଧିକ ପସନ୍ଦଯୋଗ୍ୟ) ନିର୍ମାଣ କରାଯିବ ।
- ବିକଳ୍ପ ଜୀବିକା ପ୍ରଦାନ ନିମନ୍ତେ ମହାତ୍ମା ଗାନ୍ଧି ନରେଗା ଆଇନର ଅନୁସୂଚୀ ୧ରେ ଥିବା ପାରା ୫ ଅନୁଯାୟୀ ସୂଚିତ ପରିବାରଙ୍କୁ, ବ୍ୟକ୍ତିଗତ ସହାୟତା ଯେପରିକି କୁକୁଡା ଘର, ଗାଈ ଗୁହାଳ, ଛେଳି ଗୁହାଳ, ଘୁଷୁରୀ ଘର, କୃଷି ପୋଖରୀ, ଡଗ୍ ୱେଲ୍, ଉଦ୍ୟାନକୃଷି ସଂପର୍କୀତ କାର୍ଯ୍ୟ ଆଦି ଯୋଗାଇ ଦିଆଯିବ ।
- ଓଡ଼ିଶା ଜୀବିକା ମିଶନ ସହିତ ସମନ୍ୱୟ ରଖି ଯୋଗ୍ୟ ବ୍ୟକ୍ତିଗତ ହିତାଧିକାରୀଙ୍କ ନିଜସ୍ୱ ଜମିରେ ବାଡ଼ି ବଗିଚା (ନ୍ୟୁଟ୍ରି ଗାର୍ଡେନ) ପ୍ରକଳ୍ପ କାର୍ଯ୍ୟକାରୀ ହେବ । ରାଜ୍ୟର ୧୦୭ ବ୍ଲକର ୭୫୦ ଗ୍ରାମପଞ୍ଚାୟତରେ ୨.୫ ଲକ୍ଷ ପରିବାର ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ ହେବେ ।

- ବ୍ୟକ୍ତିଗତ ବଗିଚା ପ୍ରକଳ୍ପ ନିମନ୍ତେ ମହାତ୍ମା ଗାନ୍ଧି ନରେଗା ଯୋଜନାରୁ ଜମି ଉନ୍ନୟନ କାର୍ଯ୍ୟ ବାବଦକୁ ୬ ଗୋଟି ମାନବ ଦିବସ ସୃଷ୍ଟି କରାଯାଇ ଦୈନିକ ଟ ୨ ୦ ୭/-ଙ୍କା ହିସାବରେ ମୋଟ ୧ ୨ ୪ ୨/- ଟଙ୍କା ବିନିଯୋଗ ହେବ । ସେହିଭଳି ଓଡ଼ିଶା ଜୀବିକା ମିଶନ ଯୋଜନାରେ ପନିପରିବା, ଫୁଲ ଓ ଫଳ ଉତ୍ପାଦନ ନିମନ୍ତେ ଆର୍ଥିକ ସହାୟତା ମୋଟ ୧ ୦ ୦ ୦/- ଟଙ୍କା ବିନିଯୋଗ ହେବ ।
- ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଂଗରୋଧରେ ଥିବା କାମ ପାଇଁ ଇଚ୍ଛୁକ ଶ୍ରମିକମାନଙ୍କର ଜବ୍‌କାର୍ଡ ନଥିଲେ ତୁରନ୍ତ ଜବ୍‌କାର୍ଡ ପ୍ରଦାନ କରି ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଖୋଲାଯିବ । ସମ୍ପୃକ୍ତ ଆକାଉଣ୍ଟ ସହିତ ଆଧାର ସିଡିଙ୍ଗ୍ କରାଯାଇ ଆଧାର ବେସ୍ ପେମେଣ୍ଟ ସିଷ୍ଟମ ସମ୍ପୂର୍ଣ୍ଣ କରାଯିବ ।
- ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ମଧ୍ୟରେ ଜମି ଉନ୍ନୟନ, ଲ୍ୟାଣ୍ଡ ସ୍କେପିଙ୍ଗ୍, ଜମିସମତଳ, ବିଦ୍ୟାଳୟ ପ୍ରାଚୀର ନିର୍ମାଣ, ବିଦ୍ୟାଳୟ ଖେଳ ପଡ଼ିଆର ଉନ୍ନତି କରଣ, ନଳକୂପ ନିକଟରେ ରିଚାର୍ଜ ପିଟ୍ ନିର୍ମାଣ ଏବଂ ବହୁମୁଖୀ ପୋଖରୀ କାର୍ଯ୍ୟ କାର୍ଯ୍ୟକାରୀ କରାଯାଇପାରିବ । ସମସ୍ତ କାର୍ଯ୍ୟ ସମ୍ପାଦନ ବେଳେ ସାମାଜିକ ଦୂରତା ରକ୍ଷା କରାଯାଇ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜାରି କରାଯାଇଥିବା ସମସ୍ତ ନୀତି ନିର୍ଦ୍ଦେଶ ଅବଲମ୍ବନ କରାଯିବ ।

### କାର୍ଯ୍ୟସ୍ଥଳ ସୁବିଧା :

- ସମସ୍ତ କାର୍ଯ୍ୟସ୍ଥଳ ସୁବିଧା ଯଥା ପାନୀୟ ଜଳ, ଛାୟା, ସ୍ୱାସ୍ଥ୍ୟ ସହାୟତା, କ୍ରେଚ୍ ଇତ୍ୟାଦିକୁ ସୁନିଶ୍ଚିତ କରାଯିବ । ହାତ ଧୋଇବା ପାଇଁ ସାବୁନ୍ ଓ ପାଣିର ବ୍ୟବସ୍ଥା ରହିବ ।

### ବ୍ୟକ୍ତିଗତ ପ୍ରକଳ୍ପ ନିମନ୍ତେ ନିମ୍ନଲିଖିତ ଜବ୍‌କାର୍ଡ ଥିବା ହିତାଧିକାରୀ ଯୋଗ୍ୟ ବିବେଚିତ ହେବେ

ନିମ୍ନ ପ୍ରକାରେ ପ୍ରାଥମିକତା ଦିଆଯାଇ ଏହି ପରିବାରଙ୍କର ନିଜସ୍ୱ ଜମିରେ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ ହେବ ।

- ଅନୁସୂଚିତ ଜାତି
- ଅନୁସୂଚିତ ଜନଜାତି
- ଯାଯାବର ଜାତୀୟ ଜନଜାତି
- ଅନ୍ୟାନ୍ୟ ଜନଜାତି
- ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର
- ମହିଳା ମୁଖ୍ୟ ପରିବାର
- ଭୂସଂସ୍କାର ହିତାଧିକାରୀ
- ଗ୍ରାମୀଣ ଗୃହନିର୍ମାଣ ଯୋଜନାର ହିତାଧିକାରୀ
- ଜଙ୍ଗଲ ଅଧିକାର ଆଇନ ବଳରେ ସୁବିଧା ପାଇଥିବା ହିତାଧିକାରୀ

ଉପରୋକ୍ତ ବର୍ଗର ଯୋଗ୍ୟ ହିତାଧିକାରୀଙ୍କ ତାଲିକା ସମ୍ପୂର୍ଣ୍ଣ ହେବା ପରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାରଙ୍କୁ ଏଥିରେ ସାମିଲ କରାଯିବ ।

କୋଭିଡ୍-୧୯ ମହାମାରୀ ଯୋଗୁଁ ବର୍ତ୍ତମାନ ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ ରାଜ୍ୟକୁ ଫେରୁଛନ୍ତି । ଆଗାମୀ କିଛି ମାସ ପର୍ଯ୍ୟନ୍ତ ସେମାନେ ଗାଁରେ ରହିବା ଆଶା କରାଯାଉଛି । ମହାତ୍ମା ଗାନ୍ଧି ନରେଗା ଯୋଜନାରେ ନିଜ ଅଞ୍ଚଳରେ ପ୍ରବାସୀ ଶ୍ରମିକଙ୍କୁ ଅଣକୁଶଳୀ କାମ ଯୋଗାଇ ସେମାନଙ୍କର ଜୀବିକାକୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାର କେତେକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି ତାହାର ମୁଖ୍ୟାଂଶ ନିମ୍ନରେ ଦିଆଗଲା । ୨୦୨୦-୨୧ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୨୦ ଲକ୍ଷ ମାନବ ଦିବସ ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

୧. ଓଡ଼ିଶା ଜୀବିକା ମିଶନରେ କାର୍ଯ୍ୟରତ ଫେଡେରେସନ୍ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଭଳି ସାମାଜିକ ସମ୍ବଳର ଉପଯୋଗ କରି ଗ୍ରାମ ସ୍ତରରେ କାମ ପାଇଁ ଦାବି ସୃଷ୍ଟି ନିମନ୍ତେ ଶ୍ରମିକମାନଙ୍କୁ ପ୍ରବର୍ତ୍ତାଇବା ।

୨. ଗ୍ରାମ ସ୍ତରରେ କାର୍ଯ୍ୟରତ ଗୋଷ୍ଠୀ ସମ୍ବଳ ବ୍ୟକ୍ତି ତଥା ପ୍ରବର୍ତ୍ତକ / ଫେଡେରେସନ୍ / ସ୍ୱୟଂ ସହାୟକ ଦଳର ନେତୃବୃନ୍ଦଙ୍କୁ ପର୍ଯ୍ୟାପ୍ତ ପରିମାଣରେ କାମ ପାଇଁ ଦାବି ସମ୍ବନ୍ଧୀୟ ସି-୧ ଫର୍ମ ସହିତ ମହତ୍ମା ଗାନ୍ଧି ନରେଗାରେ ଅନୁମୋଦିତ ଏବଂ ଚାଲୁ ରହିଥିବା ପ୍ରକଳ୍ପ ତାଲିକା ସ୍ଥାନୀୟ ଗ୍ରାମ ରୋଜଗାର ସେବକ ଏବଂ ଏ.ପି.ଓ. ପ୍ରଦାନ କରିବେ ।

୩. ବ୍ଲକ ସ୍ତରରେ ବି.ଡି.ଓ. ଏବଂ ଜିଲ୍ଲା ସ୍ତରରେ ପିଡି ଡି.ଆର.ଡି.ଏ. କାମ ପାଇଁ ବ୍ୟାପକ ଦାବି ସୃଷ୍ଟି କରିବା ଲକ୍ଷ୍ୟରେ ନିୟମିତ ତଦାରଖ ଓ ସମୀକ୍ଷା କରିବେ ।

୪. ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହଭାଗିତାରେ ମହତ୍ମା ଗାନ୍ଧି ନରେଗା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ।

୫. ୨୬ ମଇ ରୁ ୫ ଜୁନ୍ ୨୦୨୦ ପର୍ଯ୍ୟନ୍ତ "ପ୍ରକଳ୍ପ ଅନୁମୋଦନ ଅଭିଯାନ-୨" କାର୍ଯ୍ୟକ୍ରମ ଜରିଆରେ ପ୍ରକଳ୍ପ ତାଲିକା ପ୍ରସ୍ତୁତ ସହିତ ପ୍ରବାସୀ ଶ୍ରମିକମାନଙ୍କୁ ଠିକ୍ ସମୟରେ କାମ ଯୋଗାଇବା ନିମନ୍ତେ ଉଚିତ୍ ପଦକ୍ଷେପ ନିଆଯିବ ।



ସଙ୍ଗରୋଧ କେନ୍ଦ୍ରରେ ରହିବା ସମୟରେ ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକ ସମସ୍ତ ପ୍ରବାସୀ ଶ୍ରମିକଙ୍କୁ ପଚାରି ବୁଝି ଏକ ମତାମତ ଫର୍ମ ପୂରଣ କରିବେ । ଯାହାର ଫର୍ମାଟ ନିମ୍ନରେ ପ୍ରଦାନ କରାଗଲା –

# ମତାମତ ଫର୍ମ

## (ବାହାର ରାଜ୍ୟରୁ ଫେରିଥିବା ଶ୍ରମିକଙ୍କ ଠାରୁ ପ୍ରାପ୍ତ ତଥ୍ୟ)

| ପ୍ରବାସୀ ଶ୍ରମିକଙ୍କ ସମ୍ବନ୍ଧରେ ତଥ୍ୟ | | |
|---|---|---|
| ୧ | ନାମ | |
| ୨. | ପିତା / ସ୍ୱାମୀଙ୍କ ନାମ | |
| ୩. | ବୟସ ଓ ଜନ୍ମ ତାରିଖ | |
| ୪. | ପରିଚୟ ପତ୍ରର ପ୍ରମାଣ | |
| ୫. | ଠିକଣାର ପ୍ରମାଣ ପତ୍ର | |
| ୬. | ସଂପୂର୍ଣ୍ଣ ଠିକଣା<br>(ଗ୍ରାମ, ଗ୍ରାମ ପଞ୍ଚାୟତ, ବ୍ଲକ, ଜିଲ୍ଲା) | |
| ୭. | ସଂପୃକ୍ତ ବ୍ୟକ୍ତିଙ୍କ ନାଁରେ ଜବ କାର୍ଡ ଅଛି ନା ନାହିଁ<br>ଯଦି ଅଛି ଜବ କାର୍ଡର ନମ୍ବର | |
| ୮. | ଅନୁସୂଚୀ ୧ର ପାରା ୫ ଅଧୀନରେ ସେ ଆସୁଛନ୍ତି କି | |
| ୯. | ତାଙ୍କ ପରିବାର ନାମରେ କେତେ ଜାଗାବାଡି ଅଛି<br>(କିସମ, ଏକରରେ ଅଂଚଳ) | |
| ୧୦. | ସଙ୍ଗରୋଧ ଅବଧି ଶେଷ ହେବା ପରେ ମହାତ୍ମା ଗାନ୍ଧି ନରେଗାରେ ସଂପୃକ୍ତ ବ୍ୟକ୍ତି ଅଣକୁଶଳୀ କାମ କରିବାକୁ ଆଗ୍ରହୀ କି | |
| ୧୧. | ଅନ୍ୟାନ୍ୟ ସୂଚନା | |

# ଜୀବିକା ସମୃଦ୍ଧି (ଓଡ଼ିଶା ଜୀବିକା ମିଶନ)

ଦୀନ ଦୟାଲ ଅନ୍ତୋଦୟ - ଜାତୀୟ ଗ୍ରାମୀଣ ଜୀବିକା ମିଶନର ମୁଖ୍ୟ ଉଦ୍ଦେଶ୍ୟ ଗ୍ରାମ୍ୟାଞ୍ଚଳରେ ଗୋଷ୍ଠୀଭିତ୍ତିକ ଅନୁଷ୍ଠାନ ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ କରି ଦୀର୍ଘସ୍ଥାୟୀ ଜୀବନ ଜୀବିକା ସୃଷ୍ଟି କରିବା । କୋଭିଡ-୧୯ ଭୂତାଣୁ ଭଳି ଏକ ମାରାତ୍ମକ ମହାମାରୀ ସମୟରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମହାସଂଘ ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଦାୟିତ୍ୱବୋଧକୁ ଉପଲବ୍ଧି କରି ଓଡ଼ିଶା ଜୀବିକା ମିଶନ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ତଥା ପରାମର୍ଶ ଜାରି କରିଛନ୍ତି ।

## ଗୋଷ୍ଠୀଭିତ୍ତିକ ଅନୁଷ୍ଠାନର ବୈଠକ ନିମନ୍ତେ ନିୟମାବଳୀ

କୋଭିଡ୍-୧୯ ସଂକ୍ରମଣକୁ ରୋକିବା ନିମନ୍ତେ ଅବରୋଧ ଅଞ୍ଚଳ (କଣ୍ଟେନ୍‌ମେଣ୍ଟ ଜୋନ୍)ରେ ଓ ହଟ୍‌ସ୍ପଟ ଘୋଷିତ ଜିଲ୍ଲାରେ ଓଡ଼ିଶା ସରକାରଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ କୌଣସି ସ୍ୱୟଂ ସହାୟକ ଗୋଷ୍ଠୀ, ଆଞ୍ଚଳିକ ମଞ୍ଚ ଏବଂ ଗ୍ରାମପଞ୍ଚାୟତସ୍ତରୀୟ ସଂଘର ବୈଠକ ହେବ ନାହିଁ । ପ୍ରତ୍ୟେକ ବୈଠକରେ ଅତିବେଶୀରେ ୫ ଜଣ ସଦସ୍ୟ ଉପସ୍ଥିତ ରହିପାରିବେ । ସମସ୍ତ ବୈଠକରେ ସଂଘର ପଦାଧିକାରୀ ବ୍ୟକ୍ତି ତଥା ଆବଶ୍ୟକୀୟ ସଦସ୍ୟ ଉପସ୍ଥିତ ରହିପାରିବେ । ବୈଠକରେ ଉପସ୍ଥିତ ସଦସ୍ୟମାନେ ସାମାଜିକ ଦୂରତା ରକ୍ଷା, ମାସ୍କ ବ୍ୟବହାର, ସାବୁନ୍ ପାଣିରେ ଭଲ କରି ହାତ ଧୋଇବା ଆଦି ସାବଧାନତା ମୂଳକ ପଦକ୍ଷେପ ଗ୍ରହଣ କରିବେ । ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି, ଅସୁସ୍ଥ ତଥା ୫ ବର୍ଷରୁ କମ୍ ବୟସର ସନ୍ତାନ ଥିବା ବ୍ୟକ୍ତି ବୈଠକରେ ଯୋଗ ଦେଇପାରିବେ ନାହିଁ । ବୈଠକର ପ୍ରସ୍ତାବ ଅନୁମୋଦନ ପାଇଁ, ଟେଲିଫୋନ୍ ଅଥବା ମେସେଜ୍ କିମ୍ବା ଲିଖିତ ଆକାରରେ ସମସ୍ତ ସଦସ୍ୟଙ୍କର ସହମତି ଗ୍ରହଣ କରାଯାଇ ପାରିବ । କୌଣସି ସଦସ୍ୟର ଲକ୍‌ଡାଉନ୍ ସମୟରେ ଋଣର ଆବଶ୍ୟକତା ଥିଲେ ସେମାନେ ଦଳର ପଦାଧିକାରୀ ବ୍ୟକ୍ତିଙ୍କୁ ଫୋନ୍, ମେସେଜ୍ ମାଧ୍ୟମରେ ଆବେଦନ କରିପାରିବେ । ଋଣ ଅନୁମୋଦନ ପରେ ସେହି ସଦସ୍ୟଙ୍କୁ ଅନ୍‌ଲାଇନ୍ ଟ୍ରାନ୍ସଫର ବା ଚେକ୍ ମାଧ୍ୟମରେ ଋଣ ଦିଆଯାଇ ପାରିବ ।

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସାମାଜିକ ଦାୟିତ୍ୱବୋଧ

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ଗ୍ରାମ ସ୍ତରରେ ଗୃହ ପରିଦର୍ଶନ, ଅଳ୍ପ ଲୋକଙ୍କୁ ନେଇ ବୈଠକ, ପୋଷ୍ଟର, ଡାକବାଜି ଯନ୍ତ୍ର ଆଦି ମାଧ୍ୟମରେ, ସାମାଜିକ ଦୂରତା ବଜାୟ ରଖି ଜନସାଧାରଣଙ୍କୁ କୋଭିଡ୍-୧୯ ମୁକାବିଲା ନିମନ୍ତେ ପରିଷ୍କାରତା, ପରିମଳ ତଥା ଆବଶ୍ୟକୀୟ ସାବଧାନତା ସମ୍ପର୍କରେ ସଚେତନ କରିପାରିବେ । ସି.ଆର୍.ପି.-ସି.ଏମ୍ (CRP-CM) ଏବଂ ସ୍ୱାସ୍ଥ୍ୟକର୍ମୀମାନେ ମିଶି ଗ୍ରାମ ପଞ୍ଚାୟତରେ ଘରକୁ ଘର ବୁଲି ଗର୍ଭବତୀ ମହିଳା, ଦୁଇ ବର୍ଷରୁ ଛୋଟ ଶିଶୁଥିବା ମାଆ, ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି, ପୁରୁଣାରୋଗରେ ପୀଡ଼ିତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସ୍ୱାସ୍ଥ୍ୟ ଏବଂ ମୌଳିକ ସେବା ଯୋଗାଇ ଦେବାରେ ସହାୟକ ହେବେ । ଯେଉଁ ବ୍ୟକ୍ତିମାନେ ଏହି ମୌଳିକ ସେବା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେମାନଙ୍କୁ ଚିହ୍ନଟ କରି, ଉଚିତ୍ ପଦକ୍ଷେପ ନେଇ, ଏହି ସେବା ଯୋଗାଇ ଦେବାର ସୁବନ୍ଦୋବସ୍ତ କରାଇବେ । ସରକାରଙ୍କର ସମସ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଷୟରେ ଗୋଷ୍ଠୀ କ୍ୟାଡ଼ରଙ୍କ ଅବଗତ ହେବା ଆବଶ୍ୟକ ଯଦ୍ୱାରା

ସେମାନେ କୋଭିଡ୍-୧୯ ଗ୍ରାଉଣ୍ଡ୍ ଟାସ୍କ ଫୋର୍ସରେ ଯୋଗଦେଇ କାର୍ଯ୍ୟ କରିପାରିବେ ଗୋଷ୍ଠୀ କ୍ୟାଡ଼ର କିଭଳି କୋଭିଡ୍-୧୯ ସୁରକ୍ଷା କିଟ୍ ପାଇପାରିବେ ସେଥିନେଇ ବ୍ଲକ୍ ଗୁଡ଼ିକ ସ୍ଥାନୀୟ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗଙ୍କ ସମନ୍ୱୟରେ ସୁନିଶ୍ଚିତ କରିବେ ।

- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଗ୍ରାମର କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ହାତ ଧୂଆର କୌଶଳକୁ ଲୋକମାନଙ୍କ ପାଖରେ ପ୍ରଦର୍ଶନ କରିପାରିବେ । ପୁନଶ୍ଚ, ସେମାନେ ଗୋଷ୍ଠୀ ବୈଠକ ପୂର୍ବରୁ ଓ ପରେ ହାତ ଧୋଇବା ଏବଂ ବୈଠକ ସ୍ଥାନରେ ପାଣି ଓ ସାବୁନ ରଖିବାକୁ ମଧ୍ୟ ଅଭ୍ୟାସ କରିବେ ।
- ପ୍ରବାସୀ ଓଡ଼ିଶା କିପରି ଭାବରେ ନାମ ପଞ୍ଜିକରଣ କରି ନିଜ ଗ୍ରାମକୁ ଫେରି ପାରିବେ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ନିଶ୍ଚିତ କରିବେ ସେ ସଂପର୍କରେ ତାଙ୍କ ପରିବାରର ସଦସ୍ୟମାନଙ୍କୁ ବୁଝାଇବେ ।
- ଗୃହ ବନ୍ଦୀ ସମୟରେ ଅନେକ ସ୍ଥାନରେ ମହିଳା ମାନେ ଶାରୀରିକ ତଥା ମାନସିକ ନିର୍ଯ୍ୟାତନାର ଶିକାର ହେଉଛନ୍ତି । ମହିଳାମାନଙ୍କୁ ହିଂସା ଏବଂ ଅପରାଧରୁ ସୁରକ୍ଷା ଦେବାପାଇଁ ସମ୍ପ୍ରତି ସରକାରଙ୍କ ଦ୍ୱାରା ବିଭିନ୍ନ ହେଲ୍ପଲାଇନ୍ ନମ୍ବର ନିମ୍ନରେ ଦିଆଯାଇଛି । ଗୋଷ୍ଠୀ କ୍ୟାଡ଼ର ଏହି ତଥ୍ୟ ଗୁଡିକ ସ୍ୱୟଂ ସହାୟକ ଦଳର ସଦସ୍ୟ ତଥା ଗ୍ରାମାଞ୍ଚଳରେ ଥିବା ଅନ୍ୟ ମହିଳାମାନଙ୍କ ମଧ୍ୟରେ ପ୍ରଚାର ପ୍ରସାର କରିବେ ।
- ସମସ୍ତ ଭାରତୀୟ ମହିଳାମାନଙ୍କ ପାଇଁ ହେଲ୍ପଲାଇନ୍ (ସଙ୍କଟରେ ଥିବା ମହିଳାମାନଙ୍କ ପାଇଁ) ୧୦୯୧ ନମ୍ବର - କଲ୍‌କୁ ପୋଲିସ୍ କଣ୍ଟ୍ରୋଲ୍ ରୁ ମ୍ ସହିତ ସଂଯୋଗ କରେ ।
- ୮୭୬୩୫୪୩୦୧୩ ନମ୍ବର - ମହିଳାମାନଙ୍କୁ ହିଂସାରୁ ରକ୍ଷା କରିବା ପାଇଁ ଓଡ଼ିଶା ସରକାରଙ୍କର 'ଓଡ଼ିଶା ଷ୍ଟେଟ୍ କମିଶନ୍ ଫର୍ ୱିମେନ୍' (ଓଡ଼ିଶା ରାଜ୍ୟ ମହିଳା ଆୟୋଗ) ଦ୍ୱାରା ଜାରି ହ୍ୱାଟ୍‌ସ୍ ଆପ୍ ନମ୍ବର ।
- ଜରୁରୀକାଳୀନ ପ୍ରତିକ୍ରିୟା ସମର୍ଥନ ବ୍ୟବସ୍ଥା (ଏମରଜେନ୍‌ସି ରେସ୍‌ପନ୍‌ସ ସପୋର୍ଟ ସିଷ୍ଟମ୍)

  ୧୧୨ ନମ୍ବର - ପୋଲିସ୍, ସ୍ୱାସ୍ଥ୍ୟ, ଅଗ୍ନି ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସହାୟତା ପାଇବା ପାଇଁ ଏକକ ସଂଖ୍ୟା ଆଧାରିତ ହେଲ୍ପଲାଇନ୍ ନମ୍ବର ।

## ଜରୁରୀକାଳୀନ ପୋଲିସ୍ ସେବା

୧୦୦ ନମ୍ବର - କଲ୍‌କୁ ପୋଲିସ୍ କଣ୍ଟ୍ରୋଲ୍ ରୁମ୍ ସହିତ ସଂଯୋଗ କରେ ।

## ଘରୋଇ ଅତ୍ୟାଚାର ସମାଧାନ ପାଇଁ ମହିଳା ହେଲ୍ପଲାଇନ୍ ନମ୍ବର

୧୮୧ ନମ୍ବର - ସମସ୍ତ ଦେଶରେ ମହିଳାମାନଙ୍କୁ ହିଂସାରୁ ରକ୍ଷା କରିବା ନିମନ୍ତେ 'ତୁର' ଏବଂ ୨୪ ଘଣ୍ଟିଆ ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ।

୭୨୦୫୦୦୬୦୩୯ ନମ୍ବର - ଲକ୍‌ଡାଉନ୍ ସମୟରେ ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ସରକାରଙ୍କର ମହିଳା ଏବଂ ଶିଶୁବିକାଶ ବିଭାଗ ଦ୍ୱାରା ଜାରି ହ୍ୱାଟ୍‌ସ୍‌ଆପ୍ ନମ୍ବର ।

- କୋଭିଡ-୧୯ର ପ୍ରତିରୋଧ ନିମନ୍ତେ କ୍ଷେତ୍ର ସ୍ତରରେ ନିୟୋଜିତ ହୋଇଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଗୋଷ୍ଠୀ ସମ୍ବଳ ବ୍ୟକ୍ତି, ଗୋଷ୍ଠୀ ପେଶାଦାର ଏବଂ ଗୋଷ୍ଠୀ କ୍ୟାଡର ମାନଙ୍କୁ ଆବଶ୍ୟକୀୟ ସୁରକ୍ଷା କିଟ୍

(ଗ୍ଲୋବସ୍, ସାବୁନ, ସାନିଟାଇଜର, ସଫା ହୋଇପାରୁଥିବା ମାସ୍କ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ପ୍ରସ୍ତୁତ କୋଭିଡ-୧୯ ସଂପର୍କୀୟ ସୂଚନା) ପ୍ରଦାନକୁ ଜିଲ୍ଲା ପ୍ରଶାସନ ସୁନିଶ୍ଚିତ କରିବ । ଏହି ସୁରକ୍ଷା କିଟ୍‌ର ମୂଲ୍ୟ ଅତି ବେଶୀରେ ୨୦୦ ଟଙ୍କା ମଧ୍ୟରେ ହେବ ।

- ସୁରକ୍ଷା କିଟ୍ କିଣିବା ସମୟରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହୋଇଥିବା କିଟ କିଣିବାକୁ ପ୍ରାଧାନ୍ୟ ଦିଆଯିବ । ବାର୍ଷିକ କାର୍ଯ୍ୟ ଯୋଜନା ୨୦୨୦-୨୧ରେ ଥିବା ଜିଲ୍ଲା ଆକସ୍ମିକ ପାଣ୍ଠିରୁ ଏହି ସୁରକ୍ଷା କିଟ କିଣାଯିବ ।
- କୋଭିଡ-୧୯ ସ୍ଥିତିର ମୁକାବିଲା ନିମନ୍ତେ ନିୟୋଜିତ ହୋଇଥିବା ଓଡ଼ିଶା ଜୀବିକା ମିଶନର ଗୋଷ୍ଠୀ ସମ୍ବଳ ବ୍ୟକ୍ତି, ଗୋଷ୍ଠୀ ପେଶାଦାର ଏବଂ ଗୋଷ୍ଠୀ କ୍ୟାଡର ଯଦି ଏଥିରେ ସଂକ୍ରମିତ ହୋଇ ମୃତ୍ୟୁବରଣ କରନ୍ତି, ତେବେ ତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରାଯିବ ।

## ଜୀବନ ଜୀବିକା ବିକାଶରେ ଗୋଷ୍ଠୀଭିତ୍ତିକ ଅନୁଷ୍ଠାନର ଭୂମିକା

### କୃଷି ଜୀବିକା :

- ରାଜ୍ୟ ସରକାରଙ୍କର ନିର୍ଦ୍ଦେଶନାମା ଅନୁଯାୟୀ, ଏହି ମହାମାରୀ କୋଭିଡ୍-୧୯ ସମୟରେ ସମସ୍ତ କୃଷି ଏବଂ ଉଦ୍ୟାନ କୃଷି ସମ୍ବନ୍ଧିତ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ ଜାରି ରହିବ । ପଶୁପାଳନ କେନ୍ଦ୍ର, କୁକୁଡ଼ା ଚାଷ କେନ୍ଦ୍ର, ହ୍ୟାଚେରି ଇତ୍ୟାଦି ମଧ୍ୟ ତାଙ୍କର କାର୍ଯ୍ୟ ଜାରି ରଖିବେ ।
- ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ ଏବଂ କୃଷି ମିତ୍ରଙ୍କର ସହାୟତାରେ କୃଷକ ମାନଙ୍କର ବିହନ, ଚାରା, ସାର, କୀଟନାଶକ ଇତ୍ୟାଦିର ଆବଶ୍ୟକତାକୁ ଚିହ୍ନଟ କରିବେ । କମନ୍ ଫ୍ୟାସିଲିଟି ସେଣ୍ଟର ଏବଂ ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘ ଏସବୁ କିପରି ସଠିକ୍ ସମୟରେ କୃଷକଙ୍କ ପାଖରେ ପହଞ୍ଚି ପାରିବ ତାହା ସୁନିଶ୍ଚିତ କରିବେ ।
- କୃଷକମାନଙ୍କୁ କମନ୍ ଫ୍ୟାସିଲିଟି ସେଣ୍ଟର ମାଧ୍ୟମରେ ପ୍ରଚଳିତ ନିୟମକୁ କୋହଳ କରି କୃଷି ଯନ୍ତ୍ରପାତି ଯୋଗାଇ ଦିଆଯିବ । ଆବଶ୍ୟକ ସ୍ଥଳେ ଏହି କେନ୍ଦ୍ର ମାନଙ୍କୁ ବିଭିନ୍ନ କୃଷି ଯନ୍ତ୍ରପାତି କିଣିବା ନିମନ୍ତେ ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘକୁ ପାଣ୍ଠି ପ୍ରଦାନ କରାଯାଇପାରିବ ।
- କୃଷକମାନଙ୍କର ଉତ୍ପାଦିତ ସାମଗ୍ରୀଗୁଡ଼ିକ ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ ଉଦ୍ୟୋଗ (କମ୍ପାନୀ) ଏବଂ ଗ୍ରାମ ପଞ୍ଚାୟତସ୍ତରୀୟ ସଂଘ ଦ୍ୱାରା ସଂଗ୍ରହ କରାଯାଇ ବିକ୍ରି ସ୍ଥାନକୁ ପଠାଯାଇପାରିବ ।
- ଗ୍ରାମପଞ୍ଚାୟତରେ ପ୍ରତ୍ୟେକ ପରିବାରକୁ "ପୋଷଣ ଉଦ୍ୟାନ" (ନ୍ୟୁଟ୍ରି ଗାର୍ଡେନ୍) କରିବାକୁ ପ୍ରୋତ୍ସାହିତ କରାଯିବ ।
- ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସମନ୍ୱୟରେ ସ୍ୱଂୟ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କ ଦ୍ୱାରା ଚାରା ଉତ୍ପାଦନ, ସବୁଜ ବାଡ, ନାଡେପ୍ / ଭର୍ମି କମ୍ପୋଷ୍ଟ ପିଟ୍, ଛେଳି ଗୁହାଳ, କୁକୁଡ଼ା ଘର, ଆଜୋଲା ଟାଙ୍କି ନିର୍ମାଣ ଆଦି କାର୍ଯ୍ୟ ସଂପାଦନ କରାଯିବ ।
- କୃଷକ ମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ଜଳସେଚନ ବ୍ୟବସ୍ଥା ପାଇଁ ପ୍ରଧାନମନ୍ତ୍ରୀ କୃଷି

ସଂଚନ ଯୋଜନାର ସୁବିଧା ଉପଲବ୍ଧ କରାଇବାକୁ ବ୍ଲକ୍ ସ୍ତରୀୟ ମିଶନ କର୍ମକର୍ତ୍ତା ସହାୟତା ଯୋଗାଇବେ ।

- ପ୍ରାଣୀ ସମ୍ପଦ ଓ ଓପୋଲଫେଡ୍ (OPOLFED) ସହ ସମନ୍ୱୟ ରକ୍ଷାକରି ଛେଳି, ଘୁଷୁରୀ, ମେଣ୍ଢା ଆଦି ପଶୁଙ୍କର ବୀମାକରଣ ସଂପାଦନ କରାଯିବ । କୁକୁଡ଼ା ଚାଷ କ୍ଷେତ୍ରରେ କୁକୁଡ଼ା ଚିଆଁ, ଖାଦ୍ୟ, ଔଷଧ, ଟୀକାକରଣ ଆଦିର ବ୍ୟବସ୍ଥା କରାଯିବ । ମତ୍ସ୍ୟଚାଷୀ ମାନଙ୍କୁ ଯାଆଁଳା, ଜାଲ ଓ ସବ୍‌ସିଡ଼ି ଯୋଗାଇ ଦେବାର ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ ।

## ଅଣ କୃଷି ଜୀବିକା :

- କୃଷି ଭିତ୍ତିକ କାର୍ଯ୍ୟ ସହ ପ୍ରଚଳିତ ହେଉଥିବା ଅଣକୃଷି ଉଦ୍ୟୋଗର କାର୍ଯ୍ୟ ମଧ୍ୟ ଚାଲୁ ରହିବ । ରାଜ୍ୟ ସରକାରଙ୍କର ସଂଶୋଧିତ ନିର୍ଦ୍ଦେଶନାମା ଅନୁଯାୟୀ ମହାତ୍ମାଗାନ୍ଧି ନରେଗା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ସ୍ୱଚ୍ଛଭାରତ ମିଶନ ଅଧୀନରେ ସମସ୍ତ କାର୍ଯ୍ୟ ଜାରି ରହିବ ଏବଂ ଏହି କାର୍ଯ୍ୟସ୍ଥଳୀରେ ମୁହଁରେ ମାସ୍କ ବାନ୍ଧିବା, ସାମାଜିକ ଦୂରତା ପାଳନ କରିବା ଆବଶ୍ୟକ ଅଟେ । ସେଥି ନିମନ୍ତେ ବହୁଳ ପରିମାଣର ମାସ୍କ ତିଆରି ଆବଶ୍ୟକତା ରହିଛି । ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦକ ଗୋଷ୍ଠୀ ମାଧ୍ୟମରେ ଏହି ଆବଶ୍ୟକତା ପୂରଣ ହୋଇପାରିବ ।
- ଡିପିଏମ୍ / ସିଇ – ଡିଏସ୍‌ଏମ୍‌ଏସ୍ (DPM / CB-DSMS), ମାସ୍କ ତିଆରି ପାଇଁ ଥିବା ଆବଶ୍ୟକତାକୁ ବ୍ଲକ୍ ଓ୍ୱାରି ଆକଳନ କରିବା ପାଇଁ ମହାତ୍ମାଗାନ୍ଧି ନରେଗା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କର୍ମଚାରୀମାନଙ୍କ ସହ ପରାମର୍ଶ କରିବେ । ସେହି ଆକଳନ ଅନୁଯାୟୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ମାସ୍କ ତିଆରି କରିବେ ।
- ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଗୋଟିଏ ଲେଖାଏଁ ଷ୍ଟଲ୍ ଖୋଲାଯିବ ଯେଉଁଥିରେ ମାସ୍କ, ସାନିଟାଇଜର୍, ସାବୁନ୍, ହ୍ୟାଣ୍ଡ୍ ଓ୍ୱାସ୍, ଫିନାଇଲ୍ ପ୍ରଦର୍ଶିତ ହେବ ଏବଂ ବିକ୍ରି ହେବ । ଏହି ଷ୍ଟଲ୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ଦ୍ୱାରା ପରିଚାଳିତ ହେବ ଏବଂ ଏହି ଷ୍ଟଲ୍‌ରେ ସାମାଜିକ ଦୂରତା ବଜାୟ ରଖିବା, ସାବୁନ୍‌ରେ ହାତ ଧୋଇବା ଇତ୍ୟାଦି ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବ । ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ମାସ୍କ ପ୍ରସ୍ତୁତ କରୁନଥିବେ ସେମାନେ ଏଠାରୁ କିଣି ପାଖ ଗ୍ରାମପଞ୍ଚାୟତ ବା ବ୍ଲକରେ ବିକ୍ରୟ କରିପାରିବେ ।
- ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଯେଉଁମାନେ ଏହି କୋଭିଡ୍-୧୯ ମହାମାରୀ ସମୟରେ ମାସ୍କ, ସାନିଟାଇଜର୍, ହ୍ୟାଣ୍ଡ୍‌ଓ୍ୱାସ୍ ଇତ୍ୟାଦି ବନେଇବାରେ ନିୟୋଜିତ ଅଛନ୍ତି ସେମାନଙ୍କୁ ଗୋଷ୍ଠୀ ବିନିଯୋଗ ପାଣ୍ଠିରୁ ତୁରନ୍ତ ନମନୀୟ ହାରରେ ଋଣ ଦିଆଯିବ ।



# କୋଭିଡ୍-୧୯ - ଗୋଷ୍ଠୀଭିତ୍ତିକ ଅନୁଷ୍ଠାନ (ସ୍ୱୟଂ ସହାୟକ ଗୋଷ୍ଠୀ / ଫେଡ୍‌ରେସନ୍)ର ଦାୟୀତ୍ୱ

ଓଡ଼ିଶା ଜୀବିକା ମିଶନ ଜରିଆରେ ପରିଚାଳିତ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କର ମହାସଂଘ ମାନେ କୋଭିଡ-୧୯ ଭୂତାଣୁ ଭଳି ଏକ ମାରାତ୍ମକ ମହାମାରୀ ସମୟରେ ଏକ ସାମାଜିକ ଦାୟିତ୍ୱବୋଧ ହିସାବରେ ଓଡ଼ିଶାର ଗ୍ରାମାଞ୍ଚଳରେ ଥିବା ସମସ୍ତ ଜନସାଧାରଣଙ୍କୁ ଏହାକୁ ରୋକିବା ପାଇଁ ବିଭିନ୍ନ ପ୍ରକାରର ସଚେତନତା ସଂପର୍କିତ ତଥ୍ୟାବଳୀ ବିଷୟରେ ଅବଗତ କରିପାରିବେ । ତେଣୁ ଏହି ପରୀପ୍ରେକ୍ଷୀରେ ଉକ୍ତ ଗୋଷ୍ଠୀଭିତ୍ତିକ ଅନୁଷ୍ଠାନମାନେ ଏ ପରିସ୍ଥିତିର ସଫଳ ମୁକାବିଲା କରିବା ପାଇଁ ସରକାରଙ୍କ ସହିତ ହାତ ମିଳାଇ ନିମ୍ନଲିଖିତ ପଦକ୍ଷେପ ମାନ ଗ୍ରହଣ କରିପାରିବେ ।

- **ସୂଚନା - ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ**

  ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ଗ୍ରାମ ସ୍ତରରେ ଗୃହ ପରିଦର୍ଶନ, ଅଳ୍ପ ଲୋକଙ୍କୁ ନେଇ ବୈଠକ, ପୋଷ୍ଟର, ଡାକବାଜି ଯନ୍ତ୍ର ଆଦି ସାହାଯ୍ୟରେ ଆବଶ୍ୟକୀୟ ସାମାଜିକ ଦୂରତା ବଜାୟ ରଖି ଲୋକମାନଙ୍କୁ କୋଭିଡ୍-୧୯କୁ ମୁକାବିଲା କରିବା ନିମନ୍ତେ ପରିମଳ ରକ୍ଷା ତଥା ଆବଶ୍ୟକୀୟ ସାବଧାନତା ସମ୍ପର୍କରେ ସଚେତନ କରିପାରିବେ ।

- **ହାତ ଧୂଆର ପ୍ରଦର୍ଶନ**

  ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଗ୍ରାମର କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ହାତ ଧୂଆର କୌଶଳକୁ ଲୋକମାନଙ୍କ ପାଖରେ ପ୍ରଦର୍ଶନ କରିପାରିବେ । ପୁନଶ୍ଚ, ସେମାନେ ଗୋଷ୍ଠୀ ବୈଠକ ପୂର୍ବରୁ ଓ ପରେ ହାତ ଧୋଇବା ଏବଂ ବୈଠକ ସ୍ଥାନରେ ପାଣି ଓ ସାବୁନ ରଖିବାକୁ ମଧ୍ୟ ଅଭ୍ୟାସ କରନ୍ତୁ ।

- **ସାମାଜିକ ପ୍ରହରୀ ଭାବେ କାର୍ଯ୍ୟ କରିବେ**

  କେଉଁ ଲୋକମାନେ ବିଦେଶରୁ ଆସୁଛନ୍ତି ସେମାନଙ୍କର ତଥ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ପାଖରେ ନିଶ୍ଚିତ ରହିବ । ସେମାନେ କିପରି ଟେଲିଫୋନ ମାଧ୍ୟମରେ ତାଙ୍କର ନାମ ପଞ୍ଜିକରଣ କରିବେ ସେ ସଂପର୍କରେ ତାଙ୍କ ପରିବାରର ସଦସ୍ୟମାନଙ୍କୁ ବୁଝାଇବେ । ସେହପରି ଅନ୍ୟ ରାଜ୍ୟରୁ ଫେରିଥିବା ଲୋକମାନେ କିପରି ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ନିଶ୍ଚିତ କରିବେ ସେ ବାବଦରେ ସଂପୃକ୍ତ ବ୍ୟକ୍ତିଙ୍କ ପରିବାରକୁ ବୁଝାଇବେ ।

- **ମାସ୍କ ଯୋଗାଇବାର ଦାୟିତ୍ୱ**

  ଏପରି ଏକ ଘଡ଼ିସନ୍ଧି ସମୟରେ ଲୋକମାନଙ୍କୁ ମାସ୍କର ବ୍ୟବହାର ସମ୍ପର୍କରେ ସଚେତନ କରାଇବା ଆବଶ୍ୟକ । ଅଛି, ତାକୁ ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘ ସି.ଆର୍.ପି-ସି.ଏମ୍ ମ୍ମାମରେ ତଥ୍ୟ ଯୋଗାଡ଼ କରି ଲୋକମାନଙ୍କୁ ବଜାର ଦରରେ ଯୋଗାଇ ଦେଇପାରିବେ ।

ଯଦିବା ମାସ୍କର ଅଭାବ ଦେଖାଯାଏ, ତେବେ ଯେଉଁ ଜିଲ୍ଲାରେ ମାସ୍କ ତିଆରି ହେଉଛି ସେଠାରୁ ମଧ୍ୟ ଲୋକମାନଙ୍କୁ ଉଚିତ ଦରରେ ଯୋଗାଇ ପାରିବେ । ଆବଶ୍ୟକ ସ୍ଥଳେ ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘରେ ଥିବା ସି.ଆଇ.ଏଫ୍ ପାଣ୍ଠିକୁ ମଧ୍ୟ ବ୍ୟବହାର କରିପାରିବେ ।

- **ମାସ୍କ ଓ ସାନିଟାଇଜର୍ ପ୍ରସ୍ତୁତି**

ଯଦିବା କେତେକ ସ୍ଥଳେ ଜିଲ୍ଲାରେ ମାସ୍କ ଓ ସାନିଟାଇଜର ଅଭାବ ଦେଖାଯିବ, ତେବେ ଏପରିସ୍ଥଳେ କେତେକ ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାସ୍କ ଓ ସାନିଟାଇଜର ତିଆରି ପାଇଁ ବାଛିବା ବିଧେୟ । ଆବଶ୍ୟକସ୍ଥଳେ ସି.ଆଇ.ଏଫ୍ ପାଣ୍ଠିକୁ ମଧ୍ୟ କାର୍ଯ୍ୟକାରୀ ପୁଞ୍ଜିରୂପେ ବ୍ୟବହାର କରିପାରିବେ । କିନ୍ତୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ ଏଗୁଡ଼ିକର ତିଆରିରେ ଯେମିତି ନିଶ୍ଚିତ ଭାବେ ବିଜ୍ଞାନଭିତ୍ତିକ ନିର୍ଦ୍ଦିଷ୍ଟ ମାନ ଓ ଗୁଣବତ୍ତାକୁ ଧ୍ୟାନ ଦିଆଯାଏ, ତାହା ସୁନିଶ୍ଚିତ କରିବା ଆବଶ୍ୟକ ।

- **ଭି.ଆର୍ଏଫ୍ ଏବଂ ସି.ଆଇ.ଏଫ୍ ର ସୁବିଧା**

ଏହି କରୋନା ମହାମାରୀ ସଂପର୍କିତ ସମସ୍ତ ତଥ୍ୟ ସମ୍ବଳିତ ସାମଗ୍ରୀ ଯଥା ଫ୍ଲେକ୍ସ, ପୋଷ୍ଟର, ଲିଫ୍ଲେଟ୍ ତଥା ଅନ୍ୟାନ୍ୟ ସାମଗ୍ରୀର ମୁଦ୍ରଣ ତଥା ଏହାକୁ ଗ୍ରାମ ଓ ଗ୍ରାମ ପଞ୍ଚାୟତ ସଦର ମହକୁମା ଅଞ୍ଚଳରେ ସୁଦୃଶ୍ୟମାନ ଭାବେ ସ୍ଥାପନା କରିବା ପାଇଁ ସଂପୃକ୍ତ ବି.ଡ଼ି.ଓ ଉପଲବ୍ଧ ଥିବା ପାଣ୍ଠିକୁ ଖର୍ଚ୍ଚ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଇପାରିବେ । ରାଜ୍ୟସ୍ତରରେ ଥିବା ରାଜ୍ୟ ମିଶନ ପରିଚାଳନା କେନ୍ଦ୍ର ଏସ୍.ଏମ୍.ଏମ୍.ୟୁ ଦ୍ୱାରା ପ୍ରସ୍ତୁତ ସଂଲଗ୍ନିତ ଲିଫ୍ଲେଟ୍କୁ ମଧ୍ୟ ବି.ଡ଼ି.ଓ ଲୋକମାନଙ୍କ ସଚେତନତା ପାଇଁ ମୁଦ୍ରଣ କରି ବଣ୍ଟନ କରିପାରିବେ ।

## କରୋନାରୁ ବଞ୍ଚିବା ପାଇଁ ଗ୍ରାମାଞ୍ଚଳବାସୀ ବିଶେଷ ସଚେତନ ହୁଅନ୍ତୁ

- ପରିଷ୍କାର ରୁହନ୍ତୁ ଓ ଘର ଆଖପାଖ ସଫା ରଖନ୍ତୁ
- ବାରମ୍ବାର ସାବୁନ ଓ ପାଣିରେ ହାତ ଧୁଅନ୍ତୁ ଏବଂ ସାନିଟାଇଜରର ବ୍ୟବହାର କରନ୍ତୁ
- ନିଜ ମୁହଁ, ନାକ, କାନରେ ବାରମ୍ବାର ହାତ ଲଗାନ୍ତୁ ନାହିଁ
- କେହି କାହାକୁ ସ୍ପର୍ଶ ଅଥବା ଆଲିଙ୍ଗନ କରିବାଠୁଁ ଦୂରେଇ ରୁହନ୍ତୁ
- ଦୁଇ ଜଣ କଥାବାର୍ତ୍ତା ମଧ୍ୟରେ ଅତିକମ୍‌ରେ ୧ ମିଟରର ଦୂରତା ବଜାୟ ରଖିବେ
- ଜ୍ୱର, କାଶ, ଥଣ୍ଡା, ଛିଙ୍କ, ଦେହ ଅସୁସ୍ଥ ଅଥବା ନିଃଶ୍ୱାସ ନେବାରେ କଷ୍ଟ ଅନୁଭୂତ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।
- ଘରୁ ବାହାରିଲେ ମାସ୍କ ବ୍ୟବହାର କରନ୍ତୁ, ମାସ୍କ ଅଭାବସ୍ଥଳେ ରୁମାଲକୁ ଭଲ ଭାବରେ ବାନ୍ଧନ୍ତୁ
- କୂଅ ପାଣି ପିଉଥିଲେ ଭଲଭାବେ ପାଣିକୁ ଫୁଟାଇ, ଛାଣି ପିଅନ୍ତୁ
- ପୋଖରୀ ପାଣିରେ ଗାଧୋଇବାରୁ ଦୂରେଇ ରୁହନ୍ତୁ

- ଗରମ ଓ ତଟକା ଖାଦ୍ୟ ପଦାର୍ଥ ଅଧିକରୁ ଅଧିକ ସେବନ କରନ୍ତୁ
- ପନିପରିବା ଭଲ ଭାବେ ହଳଦି ପାଣିରେ ଧୋଇ ରୋଷେଇ କରିବେ
- କୌଣସି ସାର୍ବଜନୀନ ସ୍ଥାନରେ ମେଳି ହୋଇ ବସନ୍ତୁ ନାହିଁ କି ଭିଡ଼ କରନ୍ତୁ ନାହିଁ
- ଖୋଲାରେ ମଳତ୍ୟାଗ କରନ୍ତୁ ନାହିଁ
- ଗୃହପାଳିତ ପଶୁଙ୍କ ଯତ୍ନ ନେବା ସହ ସେମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ରଖିବେ । ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ ନିର୍ଦ୍ଧାର୍ଯ୍ୟ ।
- ମୋବାଇଲ ଭଳି ଚଷମା, ଟିଭି ରିମୋଟ, ହାତଘଣ୍ଟାକୁ ସାନିଟାଇଜର୍‌ରେ ପୋଛନ୍ତୁ ।

## ଜରୁରୀ ସୂଚନା

- ବିଦେଶରୁ ଆସିଥିବା ବ୍ୟକ୍ତିଙ୍କ ନାମ ଟୋଲଫ୍ରି ନଂ ୧୦୪ ଯୋଗେ ପଞ୍ଜୀକରଣ କରିବେ
- ବାହାର ରାଜ୍ୟରୁ ଗ୍ରାମକୁ ଯାଉଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିହାତି କରନ୍ତୁ
- କରୋନା ବାବଦରେ ସହାୟତା ଲୋଡ଼ିବା ନିମନ୍ତେ ୯୪୩୯୯୯୪୮୫୯ ହେଲ୍‌ପଲାଇନ୍‌ରେ କଲ୍ କରନ୍ତୁ
- କରୋନାର ଠିକିନିଖି ଖବର ଜାଣିବା ଅଥବା ଅଭିଯୋଗ ନିମନ୍ତେ ୯୦୧୩୧୫୧୫୧୫ ହ୍ୱାଟସ୍‌ଅପ୍ ନମ୍ବରର ସହାୟତା ନେଇପାରିବେ ।

# ଗ୍ରାମପଞ୍ଚାୟତ ସ୍ତରରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନର ବିନିଯୋଗ

(ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପତ୍ର ସଂଖ୍ୟା ୮୬୫୭ ତା ୨୧.୫.୨୦୨୦ରିଖ ଦ୍ରଷ୍ଟବ୍ୟ)

ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ଆର୍ଥିକ ଦିଗରେ ସଶକ୍ତ କରି ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକୁ ସ୍ୱୟଂ ଶାସିତ ଅନୁଷ୍ଠାନ ରୂପେ ଗଢ଼ି ତୋଳିବା ପାଇଁ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ୨୦୨୦-୨୧ ଆର୍ଥିକବର୍ଷ ପାଇଁ ଗ୍ରାମପଞ୍ଚାୟତଗୁଡ଼ିକୁ ବିପୁଳ ଆର୍ଥିକ ଅନୁଦାନର ବ୍ୟବସ୍ଥା କରିଛନ୍ତି । ଏହି ଅନୁଦାନକୁ ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିମଳ, ପ୍ରାଣୀ ସମ୍ପଦ ବିକାଶ ଇତ୍ୟାଦିରେ ବିନିଯୋଗ ହୋଇ ଭିତ୍ତିଭୂମି ତଥା ଜୀବିକାକୁ ସୁଦୃଢ଼ କରିବାରେ ସହାୟକ ହେବ ।

- ତ୍ରି-ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ ନିମନ୍ତେ ୨୦୨୦-୨୧ ଆର୍ଥିକବର୍ଷ ପାଇଁ ମୋଟ ଅନୁଦାନ ୨୨୫୮/- କୋଟି ଟଙ୍କାର ବ୍ୟବସ୍ଥା ।
- ଗ୍ରାମପଞ୍ଚାୟତ ନିମନ୍ତେ ୭୦% (୧୫୮୦.୬୦ କୋଟି ଟଙ୍କା), ପଞ୍ଚାୟତ ସମିତି ନିମନ୍ତେ ୨୦% (୪୫୧.୬୦ କୋଟି ଟଙ୍କା) ଏବଂ ଜିଲ୍ଲା ପରିଷଦ ନିମନ୍ତେ ୧୦% (୨୨୫.୮୦ କୋଟି ଟଙ୍କା) ର ବ୍ୟବସ୍ଥା କରଯାଇଛି ।
- ଏହି ଅନୁଦାନ ତ୍ରିସ୍ତରୀୟ ପଞ୍ଚାୟତିରାଜ

ଅନୁଷ୍ଠାନ ଗୁଡ଼ିକୁ ସିଧାସଳଖ ଦୁଇଟି ପର୍ଯ୍ୟାୟ ଯଥା ଜୁନ୍/ଜୁଲାଇ ଏବଂ ଅକ୍ଟୋବର /ନଭେମ୍ବର ମାସରେ ପ୍ରଦାନ କରାଯିବ ।

- ପ୍ରକଳ୍ପ କାର୍ଯ୍ୟକାରୀ ବେଳେ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ଓ ନୀୟମାବଳୀରେ ଥିବା ଆଇନଗତ ବ୍ୟବସ୍ଥା ତଥା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରାଯିବ ।
- ଗ୍ରାମପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପର ଶତପ୍ରତିଶତ ତଦାରଖ ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀଙ୍କ ଦ୍ୱାରା କରାଯାଇ ଏହି ସମ୍ବନ୍ଧୀୟ ବିବରଣୀ ବିଡ଼ିଓ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ପ୍ରଦାନ କରାଯିବ । ସେହିଭଳି ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଏବଂ ବିଡ଼ିଓ ମୋଟାମୋଟି ଭାବରେ ପ୍ରକଳ୍ପ ତଦାରଖର ଦାୟିତ୍ୱରେ ରହିବେ ।
- ଉଭୟ ଟିଏସ୍‌ପି ଏବଂ ଅଣଟିଏସ୍‌ପି ଅଞ୍ଚଳ ପାଇଁ ୨୦୧୧ ଜନଗଣନାକୁ ଦୃଷ୍ଟିରେ ରଖି ୪ଟି ବର୍ଗରେ ବର୍ଗିକରଣ କରାଯାଇ ଗ୍ରାମପଞ୍ଚାୟତ ଗୁଡ଼ିକୁ ଆର୍ଥିକ ଅନୁଦାନ ଦିଆଯାଇଛି । ଟିଏସ୍‌ପି ଅଞ୍ଚଳରେ ଗୋଟିଏ ଗ୍ରାମପଞ୍ଚାୟତ ସର୍ବନିମ୍ନ ପ୍ରାୟ ୨୨ଲକ୍ଷ ଏବଂ ସର୍ବାଧିକ ୩୮ ଲକ୍ଷ ପାଉଥିବା ବେଳେ ଅଣଟିଏସ୍‌ପି ଅଞ୍ଚଳରେ ସର୍ବନିମ୍ନ ପ୍ରାୟ ୨୦ ଲକ୍ଷ ସର୍ବାଧିକ ୩୫ ଲକ୍ଷ ଅନୁଦାନର ବ୍ୟବସ୍ଥା କରାଯାଇଛି ।
- ଗ୍ରାମପଞ୍ଚାୟତ ସ୍ତରରେ ପଞ୍ଚଦଶ ଅର୍ଥ ଆୟୋଗର ସୁବିନିଯୋଗ ପାଇଁ ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତ କରାଯିବ । ଉଭୟ ମୁକ୍ତ ପାଣ୍ଠି (ଅନ୍‌ଟାଏଡ୍) ଏବଂ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ନିମନ୍ତେ ପ୍ରଦତ୍ତ ପାଣ୍ଠି (ଟାଏଡ୍) ନିମନ୍ତେ ସ୍ୱତନ୍ତ୍ର ଭାବେ (କ) ଓ (ଖ) ବର୍ଗୀକରଣ କରାଯାଇ ଗ୍ରାମପଞ୍ଚାୟତ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ।
- ଏହି ଅନୁଦାନର ଫଳପ୍ରଦ ବିନିଯୋଗ ନିମନ୍ତେ ସାମାଜିକ ସମୀକ୍ଷାର ବ୍ୟବସ୍ଥା ପଲ୍ଲୀସଭା ସ୍ତରରେ କରାଯିବ ।

## ୨୦୨୦-୨୧ ବର୍ଷ ନିମନ୍ତେ ଗ୍ରାମପଞ୍ଚାୟତ ସ୍ତରରେ ଆର୍ଥିକ ବିନିଯୋଗର ଖସଡ଼ା ନିମ୍ନରେ ପ୍ରଦତ୍ତ କରାଗଲା ।

- ଏହି ଅନୁଦାନକୁ ଦୁଇ ଭାଗରେ ଯଥା ମୌଳିକ ତଥା ମୁକ୍ତ ପାଣ୍ଠି (Untied) ଏବଂ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ନିମନ୍ତେ ପ୍ରଦତ୍ତ ପାଣ୍ଠି (Tied) ବିଭକ୍ତ କରାଯାଇଛି ।

### ମୁକ୍ତ ପାଣ୍ଠି (Untied) :

ଏହି ପାଣ୍ଠିର ବିନିଯୋଗ ହୋଇ ଅନ୍ୟାନ୍ୟ ବିଷୟ ମଧ୍ୟରେ ନିମ୍ନ କାର୍ଯ୍ୟ ଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକାରୀ କରାଯିବ ।

- ସରକାରୀ ପ୍ରାଥମିକ ବିଦ୍ୟାଳୟର ନୂତନ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ।
- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ।
- ସରକାରୀ ସହାୟତା ପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟର ନୂତନ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ।
- ସରକାରୀ ସହାୟତା ପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ।

- ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ରକ୍ଷଣାବେକ୍ଷଣ ।
- ଅଙ୍ଗନୱାଡ଼ି କେନ୍ଦ୍ର / ମିନି ଅଙ୍ଗନୱାଡ଼ି କେନ୍ଦ୍ରର ରକ୍ଷଣାବେକ୍ଷଣ ।
- ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ରର ରକ୍ଷଣାବେକ୍ଷଣ ।
- ଅନ୍ୟାନ୍ୟ ଗୋଷ୍ଠୀଗତ ପ୍ରକଳ୍ପ ଯଥା ରାସ୍ତା, କଲଭର୍ଟ, ଗ୍ରାମୀଣ ହାଟର ଉନ୍ନତିକରଣ, ଗ୍ରାମୀଣ ଉଦ୍ୟାନ, ଖେଳ ପଡ଼ିଆ ଇତ୍ୟାଦି ଏବଂ ସ୍ଥାନୀୟ ଆବଶ୍ୟକତା ଅନୁସାରେ ଅନ୍ୟାନ୍ୟ ଆୟ ବୃଦ୍ଧିକାରୀ ପ୍ରକଳ୍ପ ଗୁଡ଼ିକର ରକ୍ଷଣାବେକ୍ଷଣ ।

## ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ନିମନ୍ତେ ପ୍ରଦତ୍ତ ପାଣ୍ଠି (Tied) :

ନିମ୍ନଲିଖିତ କାର୍ଯ୍ୟରେ ଏହି ପାଣ୍ଠି ବିନିଯୋଗ କରାଯିବ ।

କ) ପରିମଳ ଏବଂ ବାହ୍ୟ ମଳ ମୁକ୍ତ ସ୍ଥିତିକୁ ବଜାୟ ରଖିବା ପାଇଁ ବ୍ୟବସ୍ଥା ।

ଖ) ପାନୀୟ ଜଳ ଯୋଗାଣ, ବର୍ଷା ଜଳ ଅମଳ ଓ ଜଳକୁ ପୁନଃ ବ୍ୟବହାର ସାପେକ୍ଷ କରିବା ପାଇଁ କାର୍ଯ୍ୟ । (Water Recycling)

ଉପରୋକ୍ତ (କ) ଓ (ଖ) ବର୍ଗ ପାଇଁ ମୋଟ Tied ଅନୁଦାନର ୫୦ ପ୍ରତିଶତ ଅର୍ଥ ସ୍ୱତନ୍ତ୍ର ଭାବେ ଚିହ୍ନିତ ହୋଇ ରହିବ ।

ଗ) ଅନ୍ୟାନ୍ୟ ବିଷୟ ମଧ୍ୟରେ ନିୟମିତ ଭାବେ ପାଇପ୍ ଦ୍ୱାରା ଜଳ ଯୋଗାଣ ପ୍ରକଳ୍ପର ବିଦ୍ୟୁତ୍ ଦେୟ ଏହି ଅନୁଦାନରୁ ଭରଣା କରାଯିବ ଏବଂ ସ୍ୱାବଲମ୍ବୀ କାରିଗର (ଏସ୍‌ଇଏମ୍)ଙ୍କ ମାସିକ ପାରିଶ୍ରମିକ ମଧ୍ୟ ଏହି ଅନୁଦାନରୁ ଦିଆଯିବ ।

## ନିଷେଧ କରାଯାଇଥିବା ପ୍ରକଳ୍ପ :

ଏହି ଅନୁଦାନରେ ନିମ୍ନଲିଖିତ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ ନିମେନ୍ତ ବାରଣ କରାଯାଇଛି ।

- କୌଣସି ବ୍ୟକ୍ତି କିମ୍ବା ସଂସ୍ଥାକୁ ଉପକାର ମିଳିଲା ଭଳି ପ୍ରକଳ୍ପ ।
- କୌଣସି ଧର୍ମଗତ କାର୍ଯ୍ୟ କିମ୍ବା ଢାଞ୍ଚା ।
- ସ୍ଥାନୀୟ ମେଳା, ଉତ୍ସବ କିମ୍ବା ଧାର୍ମିକ ଉତ୍ସବ
- କୌଣସି ଦାତବ୍ୟ କାର୍ଯ୍ୟ, ଭୋଜିଭାତ ଏବଂ ଅନୁଷ୍ଠାନକୁ ଦାନ
- ଯାନବାହନ କ୍ରୟ, ଦରମା ଓ ପାରିଶ୍ରମିକ ପ୍ରଦାନ



# ରୁର୍ବାନ୍ ମିଶନରେ ପ୍ରବାସୀ ଶ୍ରମିକ ସହାୟତା ଯୋଜନା

ଜାତୀୟ ରୁର୍ବାନ୍ ମିଶନର ମୂଳ ଲକ୍ଷ୍ୟ ହେଲା ଯେ, କିଛି ପାଖାପାଖି ଗ୍ରାମମାନଙ୍କୁ ନେଇ ଏକ ରୁର୍ବାନ୍ କେନ୍ଦ୍ରସ୍ଥଳୀ ଗଠନ ହେବ ଯାହାକି ଗ୍ରାମ୍ୟ ଗୋଷ୍ଠୀ ଜୀବନର ସମସ୍ତ ପ୍ରକାର ମୌଳିକ ଉପାଦାନକୁ ସଂରକ୍ଷଣ କରାଯିବ । ଏହା ସହିତ ସହରାଞ୍ଚଳରେ ଉପଲବ୍ଧ ଥିବା ସମସ୍ତ ପ୍ରକାରର ସୁବିଧା ସୁଯୋଗ ଗ୍ରହଣ କରି ସମାନତା ଓ ଅନ୍ତର୍ଭୁକ୍ତିକରଣ ପ୍ରକ୍ରିୟାକୁ ଗୁରୁତ୍ୱ ପ୍ରଦାନ କରି ରୁର୍ବାନ୍ ଗ୍ରାମର ଏକ କେନ୍ଦ୍ରସ୍ଥଳୀ ସୃଷ୍ଟି କରାଯିବ ।

ଯେହେତୁ ଏହି ରୁର୍ବାନ୍ ମିଶନ୍ କାର୍ଯ୍ୟକ୍ରମଟି ବିଶେଷ କରି ଭାରତ ସରକାର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନାର ଏକ ଅନ୍ତର୍ଭୁକ୍ତିକରଣ ଭିତ୍ତିକ କାର୍ଯ୍ୟକ୍ରମ, ଏଥିରେ ବିଦେଶ ଓ ଅନ୍ୟ ରାଜ୍ୟରୁ ଆସୁଥିବା ବିଭିନ୍ନ ଶ୍ରମିକ ମାନଙ୍କ ପାଇଁ ମନରେଗା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଆଦି ଅନେକ କାର୍ଯ୍ୟକ୍ରମ ମାଧ୍ୟମରେ ମଜୁରୀଭିତ୍ତିକ ନିଯୁକ୍ତି ସୃଷ୍ଟି କରାଯାଇପାରିବ । ଏଥି ନିମନ୍ତେ ରୁର୍ବାନ୍ ମିଶନ୍ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥିବା ଜିଲ୍ଲାମାନଙ୍କରେ ଜିଲ୍ଲା ପ୍ରଶାସନ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିବା ସହିତ କେତେ ଲୋକ ବାହାର ଦେଶ ବା ରାଜ୍ୟରୁ ଆସିଛନ୍ତି ତା'ର ସଠିକ୍ ଆକଳନ ଏବଂ ଏହି ଲୋକମାନଙ୍କୁ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଂଯୋଗ କରିବା ପାଇଁ ଏକ ଆବଶ୍ୟକତା ଭିତ୍ତିକ ଅନ୍ତର୍ଭୁକ୍ତି କରଣ ଯୋଜନା ବା କନ୍‌ଭର୍‌ଜେଣ୍ଟ (Convergent Plan) ପ୍ରସ୍ତୁତି କରିବା ଅତ୍ୟନ୍ତ ଆବଶ୍ୟକ ।

ଏହି ରୂର୍ବାନ ମିଶନ୍ ଯୋଜନା ମାଧ୍ୟମରେ ୩ଟି ସମୟରେ ଓଡ଼ିଶାକୁ ଫେରୁଥିବା ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ନିମ୍ନଲିଖିତ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ପାରେ ।

## ସ୍ୱଳ୍ପ ମିଆଦୀ କାର୍ଯ୍ୟପନ୍ଥା :

- ରୁର୍ବାନ କ୍ଲଷ୍ଟରରେ ଭିତ୍ତିଭୂମିର ବିକାଶ ନିମନ୍ତେ ମନରେଗା କାର୍ଯ୍ୟକ୍ରମଗୁଡ଼ିକୁ ପ୍ରାଧାନ୍ୟ ଦିଆଯିବ ।
- ରୁର୍ବାନ୍ କ୍ଲଷ୍ଟରରେ ବାହାରୁ ଆସିଥିବା ପ୍ରବାସୀ ଓଡ଼ିଆମାନଙ୍କୁ ସେମାନଙ୍କ ଦକ୍ଷତା ଭିତ୍ତିରେ କାର୍ଯ୍ୟ ପ୍ରଦାନ କରାଯିବ ।
- ଯେଉଁ ବିଭାଗୀୟ କାର୍ଯ୍ୟ ଗୁଡ଼ିକର ଟେଣ୍ଡର ଆବଶ୍ୟକତା ନାହିଁ ଏବଂ ଏହା ସ୍ୱଳ୍ପ ବଜେଟ୍ ଭିତ୍ତିକ ସେ କାମ ଗୁଡ଼ିକ ପାଇଁ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବ ।
- ରୁର୍ବାନ୍ କ୍ଲଷ୍ଟରରେ ଥିବା ଉତ୍ପାଦକ ଗୋଷ୍ଠୀଗୁଡ଼ିକୁ ଓଡ଼ିଶା ବାହାରୁ ଆସୁଥିବା ଲୋକମାନଙ୍କ ସମ୍ପର୍କରେ ବିଭିନ୍ନ ପ୍ରକାରର ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ।

## ଅଦ୍ୟାବଧି / ମଧ୍ୟବର୍ତ୍ତୀକାଳୀନ :

- ଏହି ମାରାତ୍ମକ ବିଶ୍ୱ ମହାମାରୀ ସମୟରେ ସ୍ଥାନୀୟ କୃଷି ଜାତୀୟ ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ଯୋଗାଣରେ ଅନେକ ଅସୁବିଧା ସୃଷ୍ଟି ହେଉଛି । ତେଣୁ ଏହାର ସ୍ଥାୟୀ ସମାଧାନ ନିମନ୍ତେ ରୁର୍ବାନ କ୍ଲଷ୍ଟର ଗୁଡ଼ିକ ମାଧ୍ୟମରେ ଏହି ଦ୍ରବ୍ୟଗୁଡ଼ିକର

କିପରି ବିକଳ୍ପ ଯୋଗାଣ ଶୃଙ୍ଖଳ ସୃଷ୍ଟି କରିହେବ ସେଥିପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ ।

- ବିଭିନ୍ନ ପ୍ରକାରର ଉତ୍ପାଦ ଗୁଡ଼ିକର ବଜାର ଭିତ୍ତିକ ଚାହିଦା ସୃଷ୍ଟି କରିବା ପାଇଁ ଓରମାସ୍ ଭଳି ରାଜ୍ୟସ୍ତରୀୟ ସଂଗଠନ ଗୁଡ଼ିକ ପ୍ରୋତ୍ସାହିତ କରିବା ଆବଶ୍ୟକ ।

## ଦୀର୍ଘମିଆଦୀ :

- ରୁର୍ବାନ କ୍ଲଷ୍ଟର୍‌ରେ ଥିବା ସମନ୍ୱିତ କାର୍ଯ୍ୟକାରୀ ଯୋଜନାରେ ବିଭିନ୍ନ ପ୍ରକାରର ଅର୍ଥନୈତିକ କାର୍ଯ୍ୟକଳାପ ମାନ ଚିହ୍ନଟ ହୋଇ ରହିଅଛି । ତେଣୁ ଏହି କାର୍ଯ୍ୟକ୍ରମ ଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ।
- ଯେଉଁମାନେ (ଶ୍ରମିକ) ରାଜ୍ୟ ବାହାରୁ ବା ବିଦେଶରୁ (ପ୍ରବାସୀ ଓଡ଼ିଆ) ଆସିଛନ୍ତି ଏବଂ ସେମାନେ ପୁନର୍ବାର ବାହାରକୁ (ଓଡ଼ିଶା ବାହାରକୁ) ଯିବାକୁ ଚାହୁଁନାହାନ୍ତି ସେମାନଙ୍କୁ ଚିହ୍ନଟ କରି ଏହି ରୁର୍ବାନ୍ କେନ୍ଦ୍ରସ୍ଥଳୀଗୁଡ଼ିକରେ କାର୍ଯ୍ୟ ଯୋଗାଇ ଦେବା ସଂଗେ ସଂଗେ ସେମାନଙ୍କୁ ତାଲିମ୍ ଓ କାର୍ଯ୍ୟାନ୍ୱୟନର ପ୍ରକ୍ରିୟାରେ ସାମିଲ୍ କରିବା ବିଧେୟ ।
- ବର୍ତ୍ତମାନ ସୁଦ୍ଧା ଅନେକ ଗୋଷ୍ଠୀ ଗୁଡ଼ିକ ପ୍ରାୟତଃ ମହିଳାଭିତ୍ତିକ ଗୋଷ୍ଠୀ । ତେଣୁ ଏହାର ସୁପରିଚାଳନା ଓ ପ୍ରଶାସନ ନିମିତ୍ତ ଏହି ଗୋଷ୍ଠୀଗୁଡ଼ିକୁ ମିଶ୍ରିତ ଗୋଷ୍ଠୀ ପ୍ରକ୍ରିୟାରେ କାର୍ଯ୍ୟକାରୀ କରାଇବା ଆବଶ୍ୟକ ।
- ଯେଉଁ ବିଦେଶାଗତ ପ୍ରବାସୀ ଓଡ଼ିଆମାନେ ବାହାରୁ ଆସିଛନ୍ତି ଏବଂ ସେମାନଙ୍କୁ ସ୍ୱଳ୍ପ ସମୟ ମିଆଦୀ ଓ ମଧ୍ୟମ ମିଆଦୀ କାର୍ଯ୍ୟକ୍ରମ ଗୁଡ଼ିକରେ ସାମିଲ୍ କରାଯାଇଛି ସେମାନଙ୍କର ଭବିଷ୍ୟତ କାର୍ଯ୍ୟପନ୍ଥା ପାଇଁ ଗୋଷ୍ଠୀଭିତ୍ତିକ କାର୍ଯ୍ୟଶୈଳୀରେ ନିୟୋଜିତ ପ୍ରକଳ୍ପ ଗୁଡ଼ିକୁ ସ୍ୱଚ୍ଛତା ତଥା ସୁନିୟନ୍ତ୍ରିତ ଯୋଜନା ମାଧ୍ୟମରେ ପରିଚାଳିତ କରାଇବା ଆବଶ୍ୟକ ।



# କରୋନା ମହାମାରୀର ପ୍ରତିରୋଧ ନିମନ୍ତେ କାର୍ଯ୍ୟକ୍ରମ
# ଗୋଷ୍ଠୀ ସ୍ତରରେ ପ୍ରସ୍ତୁତିର ମୂଲ୍ୟାୟନ ପାଇଁ ତାଲିକା

ଗ୍ରାମପଞ୍ଚାୟତ ଏବଂ ଗ୍ରାମ୍ୟସ୍ତରରେ କରୋନା ସଂକ୍ରମଣକୁ ରୋକିବାପାଇଁ କରାଯାଇଥିବା ପ୍ରସ୍ତୁତିର ସଠିକ୍ ମୂଲ୍ୟାୟନ କରିବାପାଇଁ ଏହି ତାଲିକା ପ୍ରସ୍ତୁତ କରାଯାଇଛି । ପ୍ରତି ପଞ୍ଚାୟତ ୧୫ ଦିନ ଅନ୍ତରରେ ଏହି ତାଲିକା ଅନୁଯାୟୀ ଗ୍ରାମ୍ୟ ସ୍ତରରେ କରୋନା ପ୍ରସ୍ତୁତିର ମୂଲ୍ୟାୟନ କରିବା ଆବଶ୍ୟକ । ଥରେ ଏହି ତାଲିକାଟି ପ୍ରସ୍ତୁତ ହୋଇ ସାରିଲାପରେ ଏହାକୁ ଗ୍ରାମ୍ୟ ସ୍ତରରେ ରଖାଯିବା ଦରକାର ଏବଂ ଗୋଷ୍ଠୀର କାର୍ଯ୍ୟକ୍ରମକୁ ଏହି ମହାମାରୀକୁ ରୋକିବାରୁ ରକ୍ଷା କରାଯିବା ଦିଗରେ ପ୍ରୋତ୍ସାହିତ କରାଯିବା ଦରକାର ।

ଗା........................ଗ୍ରା.ପ........................ ବ୍ଲକ୍........................ଜିଲ୍ଲା...................

**ଏହି ପ୍ରସ୍ତୁତି ତାଲିକା ପୂରଣ କରାଯିବାର ତାରିଖ:**

| କ୍ର. ସଂ | ମୂଲ୍ୟାୟନର ଆଧାର | ବର୍ତ୍ତମାନ ସ୍ଥିତି | ମନ୍ତବ୍ୟ |
|---|---|---|---|
| **କ. କରୋନା ଭାଇରସ ସଂକ୍ରମଣ ରୋକିବା ପାଇଁ ପ୍ରତିରୋଧି ପଦକ୍ଷେପ** | | | |
| ୧. | ଗ୍ରାମ୍ୟସ୍ତରରେ କରୋନା କମିଟି ଗଠନ ହୋଇଛି କି ? | ହଁ ନା | |
| ୨. | କମିଟି ଦ୍ୱାରା ସଦସ୍ୟମାନଙ୍କ ଭିତରୁ କୌଣସି ଜଣେ ପ୍ରମୁଖ ଲୋକକୁ ଚିହ୍ନଟ କରାଯାଇଛି କି ? | ହଁ ନା | |
| ୩ | କମିଟି ଦ୍ୱାରା କରୋନା ପ୍ରତିରୋଧି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ମାନଙ୍କୁ ସାମିଲ୍ କରିବାପାଇଁ ପଦକ୍ଷେପ ଦିଆଯାଇଛି କି ? | ହଁ ନା | |
| ୪ | କମିଟି କରୋନା ପ୍ରତିରୋଧି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟ ଗୋଷ୍ଠୀ ଭିତିକ ଅନୁଷ୍ଠାନର ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିଛି କି ? | ହଁ ନା | |
| ୫ | କମିଟି ଏବଂ ସ୍ୱେଚ୍ଛାସେବୀମାନଙ୍କର ନିମ୍ନ ଲିଖିତ ବିଷୟରେ ଜ୍ଞାନ ଅଛି କି ?<br>• କରୋନା ଭାଇରସର ସଂକ୍ରମଣର ମାଧ୍ୟମ<br>• ମାସ୍କ କିମ୍ବା ମୁହଁ ଘୋଡାଇବାର ଆବଶ୍ୟକତା<br>• ସାମାଜିକ ଦୂରତା ବଜାୟ ରଖିବାର ଆବଶ୍ୟକତା<br>• ହାତକୁ ସାବୁନ ଏବଂ ପାଣିରେ ଭଲ କରି ଧୋଇବା<br>• ଶ୍ୱାସକ୍ରିୟା ଜନିତ ବ୍ୟବହାର<br>• ହୋମ କ୍ୱାରାନଟାଇନ୍ / ଘରୋଇ ସଂଗରୋଧ<br>• ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ହେଲ୍‌ଥ ହେଲ୍ପ ଲାଇନ୍ ନଂ ଆଦି | ହଁ ନା<br>ହଁ ନା<br>ହଁ ନା<br>ହଁ ନା<br>ହଁ ନା<br>ହଁ ନା<br>ହଁ ନା | |

| କ୍ର. ସଂ | ମୂଲ୍ୟାୟନର ଆଧାର | ବର୍ତ୍ତମାନ ସ୍ଥିତି | ମନ୍ତବ୍ୟ |
|---|---|---|---|
| ୬ | କରୋନାର ପ୍ରତିରୋଧ୍ ଏବଂ ନିୟନ୍ତ୍ରଣ ସମ୍ବନ୍ଧୀୟ ପଦକ୍ଷେପ ବିଷୟରେ କମିଟି ଗାଁ ଲୋକଙ୍କୁ କୌଣସି ସୂଚନା ଦେଇଛି କି ? | ହଁ ନା | |
| ୭ | ଗୋଷ୍ଠୀ ସ୍ତରରେ ପ୍ରଚଳିତ ଏବଂ ଗ୍ରହଣୀୟ ଗଣ ଯୋଗାଯୋଗ ମାଧ୍ୟମ ଯଥା ଡେଙ୍ଗୁରାପିଟା ଆଦିରେ ଚିହ୍ନଟ ଏବଂ ବ୍ୟବହାର କରିବା କାମ କମିଟି କରିଛି କି ? | ହଁ ନା | |
| ୮. | ନିମ୍ନଲିଖିତ ବ୍ୟବସ୍ଥାକୁ ଗାଁ ଲୋକ କେତେ ମାନୁଛନ୍ତି ?<br>– ସାମାଜିକ ଦୂରତା<br>– ମାସ୍କର ବ୍ୟବହାର<br>– ସାବୁନ ଏବଂ ପାଣିରେ ହାତ ଧୋଇବା | ଅତିଭଲଭାବେ/ଭଲଭାବେ/ଚଳଣିୟ/ଜମା ମାନୁନାହାନ୍ତି / ଅତିଭଲଭାବେ/ଭଲଭାବେ/ଚଳଣିୟ/ଜମା ମାନୁନାହାନ୍ତି / ଅତିଭଲଭାବେ/ଭଲଭାବେ/ଚଳଣିୟ/ ଜମା ମାନୁନାହାନ୍ତି | |
| ୯. | ଏହି ବ୍ୟବସ୍ଥାକୁ ଲୋକ ମାନୁଛନ୍ତି ନା ନାହିଁ ତାହା ଜାଣିବା ପାଇଁ କମିଟି କିଛି ବ୍ୟବସ୍ଥା କରିଛି କି ? | ହଁ ନା | |
| ୧୦ | କମିଟି ଏପରି ସ୍ଥାନ କିମ୍ବା କାର୍ଯ୍ୟକ୍ରମ ନିରୁପିତ କରିଛିକି ଯଥା ସାପ୍ତାହିକ ହାଟ, ପର୍ବପର୍ବାଣୀ ଆଦି ଯେଉଁଠାରେ ଏକାଧିକ ଲୋକ ଏକାଠି ହୁଅନ୍ତି । | ହଁ ନା | |
| ୧୧. | ଏହିଭଳି ଏହି ଏକାଠି ହେବାକୁ ରୋକିବାପାଇଁ କମିଟି କଣ ପଦକ୍ଷେପ ନେଇଛନ୍ତି ? | ହଁ ନା | |
| ୧୨. | ନିଜ ଗାଁରେ ପୂର୍ବରୁ ଅନ୍ୟ ରୋଗଥାଇ ବରିଷ୍ଠ ନାଗରିକଙ୍କର ତାଲିକା ପ୍ରସ୍ତୁତ କରାଯାଇଛି କି ? | ହଁ ନା | |
| ୧୩ | ଏପରି ରୋଗୀମାନଙ୍କର ଚିକିତ୍ସା ସୁନିଶ୍ଚିତ କରିବାପାଇଁ କମିଟି କୌଣସି ଯୋଜନା କରିଛି କି ? | ହଁ ନା | |
| **ଖ.** | **ଗୋଷ୍ଠୀ ସ୍ତରରେ ଏକଜୁଟ ହେବା ଏବଂ ଏହି ରୋଗ ସହ ଜଡିତ ଜଡିତ ସାମାଜିକ କଳଙ୍କକୁ ରୋକିବା ନିମନ୍ତେ ପ୍ରୟାସ** | | |
| ୧୪. | ସମାଜର ସବୁ ବର୍ଗର ପ୍ରତିନିଧିତ୍ୱ ଏହି କମିଟିରେ ଅଛି କି ? (ସଂଖ୍ୟାଲଘୁମାନେ ଏହି ଦଳରେ ଅଛନ୍ତି କି) | ହଁ ନା | |

| କ୍ର. ସଂ | ମୂଲ୍ୟାୟନର ଆଧାର | ବର୍ତ୍ତମାନ ସ୍ଥିତି | ମନ୍ତବ୍ୟ |
|---|---|---|---|
| ୧୫ | ସମାଜର ସବୁ ଦଳଙ୍କ ପାଖରେ ପହଁଚିବା ଏବଂ ସେମାନଙ୍କର ଆଶଙ୍କାକୁ ଦୂର କରିବା ପାଇଁ କମିଟି ଯଥେଷ୍ଟ ପଦକ୍ଷେପ ନେଇଛି କି ?(ସଂଖ୍ୟାଲଘୁମାନଙ୍କ ପାଇଁ କମିଟି ପଦକ୍ଷେପ ନେଇଛି କି) | ହଁ/ ନା | |
| ୧୬ | ଜଣେ ଲୋକ ରୋଗରେ ପଡିଲେ ତାକୁ ଏବଂ ତାର ପରିବାରକୁ ସହାୟତାପ୍ରଦାନ କରାଯିବା ନିହାତି ଆବଶ୍ୟକ ବୋଲି, କମିଟିର ସଦସ୍ୟ ଏବଂ ଗାଁ ଲୋକମାନେ ବୁଝିଛନ୍ତି ? | ହଁ/ ନା | |
| ୧୭. | ଏହି ରୋଗସହ ଜଡିତ କଳଙ୍କକୁ ହଟାଇବାପାଇଁ କମିଟି ଦ୍ୱାରା କୌଣସି ପଦକ୍ଷେପ ନିଆଯାଇଛି କି ? | ହଁ/ ନା | |
| ଗ. କରୋନା ଭୂତାଣୁ ଗୋଷ୍ଠୀ ସ୍ତରରେ ନିରୀକ୍ଷଣ ପାଇଁ ସହାୟତା | | | |
| ୧୮. | କମିଟି ନିମ୍ନଲିଖିତ ତାଲିକା ପ୍ରସ୍ତୁତ କରିଛି କି ?<br>- ୬୦ ବର୍ଷରୁ ଅଧିକ ବୟସର ଲୋକଙ୍କର ତାଲିକା<br>- ଉଚ୍ଚରକ୍ତଚାପ ଏବଂ ଡାଇବେଟିସ୍ ରୋଗୀଙ୍କର ତାଲିକା<br>- ଗର୍ଭବତୀ ମହିଳା | ହଁ/ ନା | |
| ୧୯. | ଉପରୋକ୍ତ ଗୋଷ୍ଠୀର ଲୋକମାନଙ୍କର ଯତ୍ନ ନେବାପାଇଁ କମିଟି କୋଣସି ଯୋଜନା କରିଛି କି ? | ହଁ/ ନା | |
| ୨୦ | କଫ, ଥଣ୍ଡା ଆଉ ଜ୍ୱରରେ ପଡିଥିବା ଲୋକଙ୍କ ଉପରେ ନଜର ରଖିବାକୁ କମିଟି କୌଣସି ଯୋଜନା କରିଛି କି ? | ହଁ/ ନା | |
| ୨୧ | କଫ, ଥଣ୍ଡା ଏବଂ ଜ୍ୱର ପାଇଁ ଆଶା, ଅଙ୍ଗନୱାଡି କର୍ମୀ ମାନେ ସର୍ଭେ କରୁଥିବାବେଳେ କମିଟିର ସଦସ୍ୟମାନେ ସେମାନଙ୍କୁ ସହାୟତା କରନ୍ତି କି ? | ହଁ/ ନା | |
| ୨୨ | କମିଟିର ସଦସ୍ୟମାନେ ଗାଁକୁ ବାହାରୁ ଆସୁଥିବା ଲୋକମାନଙ୍କଉପରେ ନଜର ରଖିବାପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତିକି ?ସେମାନେ ଯେପରି କରୋନା ଭାଇରସ ସଂକ୍ରମଣକୁ ନ ରୋକିବେ ସେ ନେଇ ବ୍ୟବସ୍ଥା ଅଛି କି ? | ହଁ/ ନା | |
| **ଘ. ଏକାନ୍ତବାସ ଏବଂ ସଙ୍ଗରୋଧରେ ସହାୟତା** | | | |
| ୨୩ | ଆଶାକର୍ମୀ ବ୍ୟତୀତ ଗୃହରେ ସଙ୍ଗରୋଧ କାଟୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ନଜର ରଖିବା ପାଇଁ କମିଟିର ସଦସ୍ୟମାନେ ସହାୟତା କରନ୍ତି କି ? | ହଁ/ ନା | |

| କ୍ର. ସଂ | ମୂଲ୍ୟାୟନର ଆଧାର | ବର୍ତ୍ତମାନ ସ୍ଥିତି | ମନ୍ତବ୍ୟ |
|---|---|---|---|
| ୨୪ | କମିଟିର ସଦସ୍ୟମାନେ ଘରୋଇ ସଂଗରୋଧ ଥିବା ପରିବାରମାନଙ୍କୁ ଆବଶ୍ୟକୀୟ ପ୍ରତିରୋଧ ବ୍ୟବସ୍ଥା ଗ୍ରହଣ କରିବାକୁ ଉପଦେଶ ଏବଂ ସହାୟତା ଦିଅନ୍ତି କି ? | ହଁ/ ନା | |
| ୨୫ | ଘରୋଇ ସଂଗରୋଧ ଥିବା ପରିବାରମାନଙ୍କୁ ଆବଶ୍ୟକୀୟ ଦ୍ରବ୍ୟ ଏବଂ ସେବା ସେମାନଙ୍କର ଘରେ ଯୋଗାଇଦେବାକୁ କମିଟି କୌଣସି ବ୍ୟବସ୍ଥା କରିଛି କି ? | ହଁ/ ନା | |
| ୨୬ | ଘରେ ସଂଗରୋଧର ବ୍ୟବସ୍ଥା ନଥିବା ପରିବାରର ସଦସ୍ୟମାନଙ୍କୁ ଗ୍ରାମପଞ୍ଚାୟତ / ଗ୍ରାମ୍ୟସ୍ତରରେ ସଂଗରୋଧ କେନ୍ଦ୍ର ସ୍ଥାପନ କରିବାକୁ କମିଟି ତରଫରୁ କୌଣସି ବ୍ୟବସ୍ଥା ହୋଇଛି କି ? | ହଁ/ ନା | |
| ୨୭ | ଯଦି ହଁ ତେବେ ସେଠାରେ ନିମ୍ନଲିଖିତ ସୁବିଧା ଅଛି କି<br>- ଉପଯୁକ୍ତ ବାୟୁ ଚଳାଚଳର ବ୍ୟବସ୍ଥାଥାଇ ଆବଶ୍ୟକୀୟ ସ୍ଥାନ<br>- ବିଦ୍ୟୁତ୍ ଏବଂ ଜଳର ସୁବ୍ୟବସ୍ଥା<br>- ଶୌଚାଳୟର ସୁବିଧା<br>- ହାତଧୁଆ ବ୍ୟବସ୍ଥା<br>- ବିଶୋଧକ<br>- ଖାଦ୍ୟ ଏବଂ ପାନୀୟଜଳର ବ୍ୟବସ୍ଥା | ହଁ/ ନା | |
| **ଙ. ଆବଶ୍ୟକତା ଥିବା ପରିବାରକୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ସହାୟତାଦେବା** | | | |
| ୨୮ | ଯଦି କୌଣସି ପରିବାରର ଅତ୍ୟାବଶ୍ୟକୀୟ ସାମଗ୍ରୀର ଜରୁରୀ ଆବଶ୍ୟକତା ଅଛି ତେବେ ସେଥିପାଇଁ କମିଟି କୌଣସି ଯୋଜନା କରିଛି କି ? | ହଁ/ ନା | |
| ୨୯ | ଯଦି ହଁ, ତେବେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସେମାନେ ସମ୍ବଳ ଚିହ୍ନଟ କରିଛନ୍ତି କି ? | ହଁ/ ନା | |
| ୩୦ | ଯୋଗାଣ ବ୍ୟବସ୍ଥା ମାଧ୍ୟମରେ ଦିଆଯାଉଥିବା ଖାଦ୍ୟର ନୀରିକ୍ଷଣପାଇଁ କୌଣସି ବ୍ୟବସ୍ଥା ଅଛି କି ? | ହଁ/ ନା | |
| ୩୧ | ପିଡିଏସ ଛଡା ଗାଁ ଲୋକମାନଙ୍କୁ ଅନ୍ୟ କୌଣସି ଯୋଜନା ମାଧ୍ୟମରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦେବାରେ ବ୍ୟବସ୍ଥା ଅଛି କି ? | ହଁ/ ନା | |

| କ୍ର. ସଂ | ମୂଲ୍ୟାୟନର ଆଧାର | ବର୍ତ୍ତମାନ ସ୍ଥିତି | ମନ୍ତବ୍ୟ |
|---|---|---|---|
| ୩୨ | ବାହାର ରାଜ୍ୟରୁ ଆସୁଥିବା ଶ୍ରମିକମାନଙ୍କର ରହିବା, ଖାଇବା ଏବଂ ଅନ୍ୟ ଅତ୍ୟାବଶ୍ୟକୀୟ ପଦାର୍ଥ ସବୁକୁ ଦେବାପାଇଁ କମିଟି / ଗ୍ରାମପଞ୍ଚାୟତ ଦ୍ୱାରା କୌଣସି ବ୍ୟବସ୍ଥା ହୋଇଛି କି ? | ହଁ/ ନା | |
| ୩୩ | ମନରେଗା ଯୋଜନା ଅଧିନରେ ଏହି ଶ୍ରମିକମାନଙ୍କୁ କାମ ଦେବା ପାଇଁ ସରକାର କୌଣସି ବ୍ୟବସ୍ଥା କରିଛନ୍ତି କି ? | ହଁ/ ନା | |
| **ଚ. ଗ୍ରାମ୍ୟସ୍ତରରେ ନିୟମିତ ସ୍ୱାସ୍ଥ୍ୟ ସେବାକୁ ସୁନିଶ୍ଚିତ କରିବା** | | | |
| ୩୪ | ଗ୍ରାମ୍ୟସ୍ତରରେ ନିୟମିତଭାବେ ହେଉଥିବା ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଯଥା (ମମତା ଦିବସ) ଆଦି ଅନୁଷ୍ଠିତ ହେଉଛି ? | ହଁ/ ନା | |
| ୩୫ | ଗାଁରେ ଆଶା ଏବଂ ଅଂଗନଓ୍ୱାଡି କେନ୍ଦ୍ରର ଲୋକମାନେ ଗର୍ଭବତୀ ମହିଳା ଏବଂ ପ୍ରସୂତି ମହିଳାମାନଙ୍କର ନିୟମିତ ଯତ୍ନ ନେଉଛନ୍ତି ? | ହଁ/ ନା | |
| ୩୬ | ନିରନ୍ତର ଯତ୍ନ ସୁନିଶ୍ଚିତ କରିବାପାଇଁ ଆଶା ଏବଂ ଅଂଗନଓ୍ୱାଡି କର୍ମୀମାନେ ସଂକ୍ରମିତ ଏବଂ ଅଣ ସଂକ୍ରମିତ ରୋଗର ପ୍ରଭାବର ଆଶଙ୍କାରେଥିବା ଲୋକମାନଙ୍କର ନିୟମିତ ସଂପର୍ଶରେ ଅଛନ୍ତି । | ହଁ/ ନା | |
| ୩୭ | ଗ୍ରାମ୍ୟ ସ୍ତରରେ ଥିବା ସବୁ ଉଚ୍ଚରକ୍ତଚାପ ରୋଗୀ ଏବଂ ଡାଇବେଟିସ୍ ରୋଗୀଙ୍କର ଆବଶ୍ୟକୀୟ ଔଷଧସବୁର ଷ୍ଟକ୍ ଗ୍ରାମ୍ୟ କମିଟିଦ୍ୱାରା ସୁନିଶ୍ଚିତ କରାଯାଇଛି । | ହଁ/ ନା | |
| ୩୮ | ଜରୁରୀକାଳିନସ୍ଥିତିରେ ଗାଁରେ ଡାକ୍ତରଖାନାକୁ ଯିବାପାଇଁ ଯାନବାହାନର ସୁବିଧା ଅଛି ? | ହଁ/ ନା | |
| ୩୯ | ସରକାରୀ ଆମ୍ବୁଲାନ୍ସ ବିଷୟରେ କମିଟିର ସଦସ୍ୟମାନେ( ୧୦୮ କରୋନା ରୋଗୀଙ୍କ ପାଇଁ ଏବଂ ୧୦୨ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସେବା ପାଇଁ) ଅବଗତ ଅଛନ୍ତି ତ ? | ହଁ/ ନା | |
| **ଛ. କରୋନା ପଜିଟିଭ କେସ୍ ବାହାରିଲେ ସେ ନେଇ ତ୍ୱରିତ୍ ବ୍ୟବସ୍ଥା ଏହିଭାଗ ସେତେବେଳେ ପୂରଣ ହେବ, ଯେତେବେଳେ ଗାଁରେ କରୋନାଭାଇରସ କେସ୍ ଦେଖାଦେବ)** | | | |
| ୪୦ | ଗାଁର ପ୍ରବେଶ/ ପ୍ରସ୍ଥାନ ପଥ ଗୋଟିଏ କି ? | ହଁ/ ନା | |

| କ୍ର. ସଂ | ମୂଲ୍ୟାୟନର ଆଧାର | ବର୍ତ୍ତମାନ ସ୍ଥିତି | ମନ୍ତବ୍ୟ |
|---|---|---|---|
| ୪୧ | ଯଦି ହଁ ତେବେ ପ୍ରବେଶ ପଥରରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ସାମଗ୍ରୀ ଗୁଡିକର ପ୍ରଦର୍ଶନ କରାଯାଇଛି କି ? | ହଁ/ ନା | |
| ୪୨ | ଗାଁକୁ ଆସୁଥିବା ସବୁ ଲୋକଙ୍କର ( ପୋଲିସ୍, ସ୍ୱାସ୍ଥ୍ୟ ବିଭାଗ ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାସେବୀମାନଙ୍କର) ସେଠାରେ ବାଧ୍ୟତାମୂଳକ ପଂଜିକରଣ ସେଠାରେ କରିବାପାଇଁ କମିଟି ତରଫରୁ ସୁନିଶ୍ଚିତ କରାଯାଇଛି କି ? | ହଁ/ ନା | |
| ୪୩ | ଲୋକଙ୍କର ଯିବା ଆସିବାକୁ କମିଟି ସଂପୂର୍ଣ୍ଣଭାବେ ବନ୍ଦ କରି ଦେଇଛି କି ? | ହଁ/ ନା | |
| ୪୪ | କମିଟି ଏହା ସୁନିଶ୍ଚିତ କରିଛି କି ଲୋକମାନେ ସଂଭାବ୍ୟ ବିପଦ ବିଷୟରେ ସଠିକ୍ ସୂଚନା ପାଉଛନ୍ତି । | ହଁ/ ନା | |
| ୪୫ | ଏହି ସମୟରେ ହେଉଥିବା ମୃତ୍ୟୁପାଇଁ ସ୍ଥାନୀୟ ପାରମ୍ପରିକ ମଶାଣୀ ଏବଂ ଏଥିରେ ସହାୟତା କରୁଥିବାଲୋକଙ୍କୁ କରୋନା ସତ୍କାର ଉପରେ ଉପଯୁକ୍ତ ତାଲିମ୍ ଦିଆଯାଇଛି କି | ହଁ/ ନା | |
| ୪୬ | ଶେଷକୃତ୍ୟ ସମୟରେ ନିରାପତ୍ତା ଏବଂ ସମସ୍ତଙ୍କ ସୁରକ୍ଷାପାଇଁ ଗ୍ରାମ୍ୟ ସ୍ତରରେ କୌଣସି ଯୋଜନା ପ୍ରସ୍ତୁତ ହୋଇଛି କି ? | ହଁ/ ନା | |

| ଆଧାରିତ ନିର୍ଦ୍ଦେଶନାମା ତଥା ଅନ୍ୟାନ୍ୟ ସମ୍ବଳ ସାମଗ୍ରୀ ସମ୍ବନ୍ଧରେ ସୂଚନା | | |
|---|---|---|
| **ବିଷୟ** | **ପତ୍ର ସଂଖ୍ୟା / ତାରିଖ** | **ବିଭାଗ** |
| ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ବ୍ୟବସ୍ଥା | ୭୭୨୧ / ୨୨.୦୪.୨୦୨୦ | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ |
| ପ୍ରବାସୀ ଓଡ଼ିଆଙ୍କ ପଞ୍ଜୀକରଣ | ୭୭୬୨ / ୨୩.୦୪.୨୦୨୦ | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ |
| ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସଙ୍ଗରୋଧ ବ୍ୟବସ୍ଥା | ୨୩୩୨ / ୨୭.୦୪.୨୦୨୦ | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ |
| ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ତଦାରଖ | ୭୮୭୫ / ୨୯.୦୪.୨୦୨୦ | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ |
| ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଲିଭା କାଳିର ବ୍ୟବହାର | ୭୯୭୫ / ୩୦.୦୪.୨୦୨୦ | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ |
| ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା | ୮୨୫୩ / ୧୧.୦୫.୨୦୨୦ | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ |
| ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା ସମ୍ବନ୍ଧରେ ପ୍ରଶ୍ନୋତ୍ତର (ଲିଫଲେଟ୍) | | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ |
| ସରପଞ୍ଚଙ୍କୁ ଦାୟିତ୍ୱ ଓ କ୍ଷମତା ଅର୍ପଣ | ୨୨୩୨ / ୧୯.୦୪.୨୦୨୦<br>୭୬୭୫ / ୨୧.୪.୨୦୨୦ | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ<br>ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ |
| ମହାତ୍ମା ଗାନ୍ଧି ନରେଗା (କାର୍ଯ୍ୟକାରୀ ପଦ୍ଧତି) | ୭୭୫୨ / ୨୩.୦୪.୨୦୨୦ | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ |
| ମହାତ୍ମା ଗାନ୍ଧି ନରେଗା (ମାନବ ଦିବସ ବୃଦ୍ଧି) | ୮୫୮୯ / ୨୦.୦୫.୨୦୨୦ | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ |
| ମହାତ୍ମା ଗାନ୍ଧି ନରେଗା (ପ୍ରକଳ୍ପ ଅନୁମୋଦନ ଅଭିଯାନ) | ୮୬୧୮ / ୨୧.୦୫.୨୦୨୦ | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ |
| ଓଡ଼ିଶା ଜୀବିକା ମିଶନ (ସାମାଜିକ ସମ୍ବଳର ଉପଯୋଗ) | ୮୬୧୬ / ୨୧.୦୫.୨୦୨୦ | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ |
| ପଞ୍ଚଦଶ ଅର୍ଥ କମିଶନ ଅନୁଦାନ | ୮୬୫୭ / ୨୧.୦୫.୨୦୨୦ | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ |
| ଏତଦ୍‌ବ୍ୟତୀତ ସୂଚନା ଓ ଲୋକସଂପର୍କ ବିଭାଗ, ୟୁନିସେଫ୍ ଦ୍ୱାରା ପ୍ରସ୍ତୁତ ହୋଇଥିବା ସମ୍ବଳ ସାମଗ୍ରୀ ଓ ଅନ୍ୟାନ୍ୟ ସୂତ୍ରରୁ ସଂଗୃହିତ ତଥ୍ୟାବଳୀ ଆଧାରରେ ପୁସ୍ତିକାଟି ପ୍ରସ୍ତୁତ କରାଯାଇଛି । | | |

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# କରୋନା ଭାଇରସ ସଂକ୍ରମଣ ୨୦୧୯ (କୋଭିଡ୍-୧୯)

## ଗୃହ ପୃଥକୀକରଣ ପାଇଁ ମାର୍ଗଦର୍ଶିକା

କରୋନା ଭାଇରାସ ୨୦୧୯ ହେଉଛି ଏକ ନୂଆ ଧରଣର ଭାଇରସ୍ ଯାହା ସାରା ପୃଥିବୀରେ କୋଭିଡ୍-୧୯ ବା କରୋନା ଭାଇରସ୍ ଜନିତ ସଂକ୍ରମଣ ସୃଷ୍ଟି କରିଛି । ଏହା ଚୀନରୁ ପ୍ରଥମେ ଆରମ୍ଭ ହୋଇଥିଲା, ଏବଂ ବିଶ୍ୱର ବିଭିନ୍ନ ଦେଶରେ ଏହି ସଂକ୍ରମଣ ବ୍ୟାପି ସାରିଲାଣି । ଏହା ମଣିଷକୁ ପ୍ରଭାବିତ କରେ ଓ ମଣିଷ ଠାରୁ ମଣିଷକୁ ସଂକ୍ରମିତ ହୋଇଥାଏ । ସଂକ୍ରମିତ ଦେଶରୁ ଆସିଥିବା କିମ୍ବା ସଂକ୍ରମଣ ସଂସ୍ପର୍ଶରେ ଆସିଥିବା, ମାତ୍ର, ଲକ୍ଷଣ ନଥିବା ବ୍ୟକ୍ତି, ଘରେ ୧୪ ଦିନ ଅଲଗା ରହିବା ଉଚିତ୍ ଓ ପରବର୍ତ୍ତୀ ୧୪ ଦିନ ସ୍ୱ-ନିରୀକ୍ଷଣରେ ରହିବା ଆବଶ୍ୟକ ।

**ଗୃହ ପୃଥକୀକରଣ ପାଇ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ :**



ମୁକ୍ତ ବାୟୁ ଚଳାଚଳ କରୁଥିବା ଏବଂ ଏ.ସି. ଲଗାଯାଇନଥିବା କକ୍ଷ ବ୍ୟବହାର କରନ୍ତୁ



ଦିନବେଳେ ଝରକା ଖୋଲା ରଖନ୍ତୁ

## ପୃଥକୀକରଣ କକ୍ଷ ପାଇଁ



ସଂଦିଗ୍ଧ ସଂକ୍ରମିତ ବ୍ୟକ୍ତି ସ୍ୱତନ୍ତ୍ର ଶୌଚାଳୟ ବ୍ୟବହାର କରିବା ଉଚିତ୍
ରୋଗୀର ବାସନ, ବିଛଣାପତ୍ର ଓ ଅନ୍ୟାନ୍ୟ ଜିନିଷ ଅନ୍ୟମାନେ ବ୍ୟବହାର କରିବା ଅନୁଚିତ୍



ବାରମ୍ବାର ଭଲଭାବରେ ସାବୁନ୍‌ରେ ହାତ ଧୁଅନ୍ତୁ



ନିଜର ପରିଚ୍ଛନ୍ନତା ପାଇଁ ଧ୍ୟାନ ଦିଅନ୍ତୁ



କାଶ ଓ ଛିଙ୍କ ସମୟରେ ମୁହଁ ଏବଂ ନାକକୁ ରୁମାଲ୍ କିମ୍ବା ଟିସୁ ପେପର୍‌ରେ ଘୋଡାଇ ଦିଅନ୍ତୁ



୧. ସଂକ୍ରମିତ ଚଦର, ଗାମୁଛା ଏବଂ ଅନ୍ୟାନ୍ୟ କପଡାକୁ ଭଲ ଭାବରେ ସାବୁନ୍‌ରେ ସଫାକରି ଖରାରେ ଶୁଖାନ୍ତୁ ।
୨. ସଂକ୍ରମିତ ମାସ୍କ, ଟିସୁ ପେପର୍ ଏବଂ ସାନିଟାରୀ ପ୍ୟାଡ୍‌କୁ ଘୋଡଣୀ ଥିବା ଡଷ୍ଟବିନ୍‌ରେ ରଖନ୍ତୁ ଓ ପରେ ପୋଡି ଦିଅନ୍ତୁ ।




ଘରକୁ କୀଟାଣୁ ନାଶକ ଦ୍ରବଣ ଦ୍ୱାରା ସଫା କରନ୍ତୁ



କୀଟାଣୁ ନାଶକ ଦ୍ୱାରା ଆସବାବ ପତ୍ର, ହାତଧୂଆ ବେସିନ୍ ଏବଂ ଶୌଚାଳୟକୁ ସଫା କରନ୍ତୁ



ସେବା ପ୍ରଦାନକାରୀଙ୍କ ପାଇଁ କକ୍ଷ ସମ୍ମୁଖରେ ହାତ ଧୂଆର ବ୍ୟବସ୍ଥା କରାନ୍ତୁ




ପରିଦର୍ଶକଙ୍କ ପ୍ରବେଶ ନିଷେଧ କରାନ୍ତୁ

**ଯଦି ଜ୍ୱର, କାଶ କିମ୍ବା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରନ୍ତି,**
**ତେବେ ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନାରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ ।**

ରାଜ୍ୟ ସ୍ୱାସ୍ଥ୍ୟ ନିୟନ୍ତ୍ରଣ କକ୍ଷ ଫୋନ୍ ନଂ ୦୬୭୪-୨୩୯୦୪୬୬ କିମ୍ବା ମୋବାଇଲ୍: ୯୪୩୯୯୯୪୮୫୭/ ୯୪୩୯୯୯୪୮୫୯ ରେ ଯୋଗାଯୋଗ କରନ୍ତୁ

facebook.com/HFWOdisha http://www.health.odisha.gov.in/ @HFWOdisha

# କୋଭିଡ୍-୧୯ ପାଇଁ ସତର୍କତା ବର୍ଣ୍ଣବୋଧ

| | | | | |
|---|---|---|---|---|
| **A**<br>AVOID CROWD | **B**<br>BEWARE OF FAKE NEWS | **C**<br>CLEAN YOUR HANDS | **D**<br>DON'T GO OUT | **E**<br>EMPTY THE STREETS<br>**F**<br>FORBIDDEN ALCOHOL |
| ଜନଗହଳିପୂର୍ଣ୍ଣ ସ୍ଥାନ ଠାରୁ ଦୂରେଇ ରୁହନ୍ତୁ | ମିଥ୍ୟା / ଗୁଜବ ଖବରଠାରୁ ସତର୍କ ରୁହନ୍ତୁ | ହାତକୁ ଭଲଭାବେ ସଫା ରଖନ୍ତୁ | ବାହାରକୁ ଯାଆନ୍ତୁ ନାହିଁ | ରାସ୍ତାକୁ ଯାଆନ୍ତୁ ନାହିଁ<br>ମଦ୍ୟପାନ ନିଷେଧ |
| **G**<br>GATHERING IS BAD | **H**<br>HAND SANITIZING | **I**<br>INSIDE THE HOME | **J**<br>JOINT FIGHT AGAINST CORONA | **K**<br>KIND TO THE NEEDY |
| ସଭା / ସମିତି କରନ୍ତୁ ନାହିଁ | ହାତକୁ ପରିଷ୍କାର ରଖନ୍ତୁ | ଗୃହାବନ୍ଧ ହୋଇ ରୁହନ୍ତୁ | କରୋନା ବିରୋଧୀ ଲଢେଇରେ ସାମିଲ ହୁଅନ୍ତୁ | ଅଭାବୀ/ଦରିଦ୍ର ଲୋକଙ୍କ ପ୍ରତି ଦୟାଶୀଳ ହୁଅନ୍ତୁ |
| **L**<br>LOVE YOUR FAMILY | **M**<br>MEDITATE DAILY | **N**<br>NO TO HANDSHAKES | **O**<br>OFFER HELP TO EACH OTHER | **P**<br>PRACTICE YOUR PASSION |
| ନିଜ ପରିବାରକୁ ଭଲପାଆନ୍ତୁ | ପ୍ରତିଦିନ ପ୍ରାର୍ଥନା ବା ଧ୍ୟାନ କରନ୍ତୁ | କରମର୍ଦ୍ଦନ ବା ହାତ ମିଳାନ୍ତୁ ନାହିଁ | ପରସ୍ପର ପ୍ରତି ସାହାଯ୍ୟ ସହାନୁଭୂତି ପ୍ରଦର୍ଶନ କରନ୍ତୁ | ନିଜର ରୁଚିକୁ ବଳବତ୍ତର ରଖନ୍ତୁ |
| **Q**<br>QUARANTINE YOURSELF | **R**<br>REGULAR EXERCISING | **S**<br>SOCIAL DISTANCING | **T**<br>TRAVELLING IS DANGEROUS | **U**<br>USE MASKS |
| ନିଜକୁ ଏକାନ୍ତବାସରେ ରଖନ୍ତୁ | ଦୈନନ୍ଦିନ ବ୍ୟାୟାମ କରନ୍ତୁ | ସାମାଜିକ ଦୂରତ୍ୱ ବଜାୟ ରଖନ୍ତୁ | ଭ୍ରମଣ ବା ଯାତ୍ରା ନିରାପଦ ନୁହେଁ | ମୁଖା ବା ମାସ୍କ ବ୍ୟବହାର କରନ୍ତୁ |
| **V**<br>VISIT YOUR DOCTOR ONLINE | **W**<br>WEAPONIZED IMMUNE SYSTEM | **X**<br>XTRA PRECAUTIONS FOR ELDERS | **Y**<br>YOUR AWARENESS IS A PREVENTION | **Z**<br>ZERO FACE TOUCHING |
| ଅନ୍‌ଲାଇନ୍‌ରେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ | ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରନ୍ତୁ | ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ଯତ୍ନବାନ ହୁଅନ୍ତୁ | ସଚେତନତା / ସତର୍କତା ହିଁ ପ୍ରତିଷେଧକ | ନିଜ ମୁହଁକୁ ଆଦୌ ସ୍ପର୍ଶ କରନ୍ତୁ ନାହିଁ |


## ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର